

◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-244 ♦SUNDAY ♦01 MARCH 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୨୪୪ ♦ରବିବାର ♦୦୧ ମାର୍ଚ୍ଚ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦ (ସିନ୍ଦୂରା ସହ)


# ଯୁଦ୍ଧ
# ବାରୁଦଗଦାରେ ବିଶ୍ୱ
## ଇରାନ ଉପରେ ଆମେରିକା-ଇସ୍ରାଏଲ୍‌ର ଆକ୍ରମଣ
## ଆମେରିକା ସମର୍ଥିତ ୮ ଦେଶ ଉପରେ ଇରାନର ହମ୍‌ଲା

■ ତେହରାନ/ତେଲ ଆଭିଭ, ୨୮।୨ (ଏଜେନ୍ସି): ଦୀର୍ଘ ଦିନର ଛକାପଞ୍ଝା ଏବଂ ଧମକଚମକ ପରେ ବିଶ୍ୱରେ ପୁଣି ଯୁଦ୍ଧର ସାଇରନ ବାଜିଛି। ଯୁଦ୍ଧର କଳା ବାଦଲ ମଧ୍ୟପ୍ରାଚ୍ୟକୁ ପୁଣି ଅସ୍ଥିର କରିଦେଇଛି। ଚାରିପଟୁ ଘେରି ସମରସଜ୍ଜା କରିବା ପରେ ଏବଂ ପରମାଣୁ ଆଲୋଚନା ଜାରି ରହିଥିବା ବେଳେ ଇସ୍ରାଏଲ ସହ ମିଶି ଇରାନ ଉପରେ ଆମେରିକା ପ୍ରଚଣ୍ଡ ଆକ୍ରମଣ କରିଛି। ଏହାକୁ ନେଇ ଜାତିସଂଘ ସମେତ ଅନେକ ଦେଶ ଚିନ୍ତା ପ୍ରକଟ କରିବା ସହିତ ଯୁଦ୍ଧ ତୁରନ୍ତ ବନ୍ଦ କରିବାକୁ ଦାବି କରିଛନ୍ତି। ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣ ଏବଂ ଇସ୍ରାଏଲ ଏବଂ ଆମେରିକାର ସାମରିକ ଘାଟୀ ଉପରେ ଇରାନର ପାଲଟା ଆକ୍ରମଣ ବିଶ୍ୱବ୍ୟାପୀ ଉଦବେଗ ସୃଷ୍ଟି କରିଛି। ଏଭଳି ଆକ୍ରମଣ ଓ ପ୍ରତ୍ୟାକ୍ରମଣ ଜାରି ରହିଲେ ସମଗ୍ର ବିଶ୍ୱ ଯେ ଯୁଦ୍ଧ ଭିତରକୁ ଠେଲି ହୋଇଯିବ, ଏହି ଆଶଙ୍କା ଦେଖାଦେଇଛି।

ଇରାନରୁ ମିଳିଥିବା ରିପୋର୍ଟ ଅନୁଯାୟୀ ଆଜି ସକାଳ ୯ଟା ୩୦ରେ ତୁହାକୁ ତୁହା ଆକ୍ରମଣ କରି ଇରାନକୁ ଥରହର କରିଦେଇଛନ୍ତି ଆମେରିକା ଓ ଇସ୍ରାଏଲ। କ୍ଷେପଣାସ୍ତ୍ର ଆକ୍ରମଣରେ ରାଜଧାନୀ ତେହରାନ ସମେତ ଇସଫାହନ,କୁମ, କରାଜ, କରମନସାହ ଆଦି ସହର ଥରି ଉଠିଛି। ଏହି ଆକ୍ରମଣରେ ଦକ୍ଷିଣ ଇରାନରେ ୫୩ ଜଣ ଛାତ୍ରଛାତ୍ରୀ ସମେତ ୮୫ ଜଣ ପ୍ରାଣ ହରାଇଛନ୍ତି। ଆକ୍ରମଣରେ ଇରାନର ପ୍ରତିରକ୍ଷା ମନ୍ତ୍ରୀ ଓ ରିଭଲ୍ୟୁସନାରୀ ଗାର୍ଡ କମାଣ୍ଡର ନିହତ ହୋଇଥିବା ଜଣାପଡ଼ିଛି। ଇରାନ ମଧ୍ୟ ଆମେରିକା ଏବଂ ଇସ୍ରାଏଲକୁ ଦୃଢ଼ ଜବାବ ଦେଇଛି। ପ୍ରତି ଆକ୍ରମଣ କରି ଇସ୍ରାଏଲ ଉପରେ ୪୦୦ କ୍ଷେପଣାସ୍ତ୍ର ମାଡ଼ କରିଥିବା ବେଳେ କୁଏତ, କାତାର, ବାହାରିନ, ସାଉଦି ଆରବରେ ଥିବା ଆମେରିକା ସାମରିକ ଘାଟୀକୁ ନିଶାଣ କରିଛି। ୟୁଏଇର ଜନବହୁଳ ସହର ଦୁବାଇରେ ▶ପୃଷ୍ଠା-୭

**ଇସ୍ରାଏଲ-ଇରାନ ତୁରନ୍ତ ଯୁଦ୍ଧ ବନ୍ଦ କରନ୍ତୁ: ଫ୍ରାନ୍ସ**

**ତୁରନ୍ତ ଜାତିସଂଘ ସୁରକ୍ଷା ପରିଷଦ ବୈଠକ ଡାକିବାକୁ ଦାବି କଲା ଓମାନ**



- ଇରାନର ୧୦ ସହର ଧ୍ୱସ୍ତ; ୮୫ ମୃତ
- ପ୍ରତିରକ୍ଷା ମନ୍ତ୍ରୀ, ଆଇଆର୍‌ଜିସି କମାଣ୍ଡର ନିହତ
- ଇସ୍ରାଏଲରେ ଇରାନର ୪୦୦ କ୍ଷେପଣାସ୍ତ୍ର ମାଡ଼
- ବର୍ତ୍ତିଲେନି କୁଏତ, କାତାର, ବାହାରିନ, ସାଉଦି
- ଆମେରିକା ଆକ୍ରମଣକୁ ସ୍ପେନ୍‌ର ବିରୋଧ
- ଆକ୍ରମଣ ବନ୍ଦ କରୁ ଆମେରିକା: ଋଷ୍
- ଯୁଦ୍ଧ ସ୍ଥିତି ଚିନ୍ତାଜନକ: ଏମ୍‌ଇଏ
- ଶତ୍ରୁ ନିପାତ ପର୍ଯ୍ୟନ୍ତ ଆକ୍ରମଣ: ଇରାନ

**ଆଫଗାନିସ୍ତାନ-ପାକିସ୍ତାନ ଯୁଦ୍ଧ**

## ୩୦୦ ମୃତ, ୫୦୦ ଆହତ

■ ଇସଲାମାବାଦ/କାବୁଲ, ୨୮।୨(ଏଜେନ୍ସି): ଆଫଗାନିସ୍ତାନ ଓ ପାକିସ୍ତାନ ମଧ୍ୟରେ ଥିବା ସୀମା ବିବାଦ ଏବେ ଏକ ବଡ଼ ଯୁଦ୍ଧର ରୂପ ନେଇଛି। ପାକିସ୍ତାନ ବାୟୁସେନା ତରଫରୁ ଆଫଗାନିସ୍ତାନର କାବୁଲ ଓ କାନ୍ଦାହାର ଭଳି ପ୍ରମୁଖ ସହର ଉପରେ ଏୟାରଷ୍ଟ୍ରାଇକ କରାଯାଉଛି। ଏହି ସଂଘର୍ଷରେ ଉଭୟ ପକ୍ଷରୁ ୩୦୦ରୁ ଅଧିକ ଲୋକ ମୃତ୍ୟୁବରଣ କରିଥିବା ବେଳେ ୫୦୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ଆଫଗାନିସ୍ତାନ ଆକ୍ରମଣର ଜବାବ ଦେବାକୁ ଯାଇ ପାକିସ୍ତାନ ସେନା 'ଅପରେସନ ଗଜବ-ଲିଲ୍-ହକ୍' ଆରମ୍ଭ କରିଛି। ପାକିସ୍ତାନ ଦାବି କରିଛି ଯେ ତାଙ୍କ ସେନା ୨୭୪ ଜଣ ଆଫଗାନ ଯୋଦ୍ଧାଙ୍କୁ ନିପାତ କରିଛନ୍ତି ଓ ୧୧୫ଟି ଟ୍ୟାଙ୍କ ନଷ୍ଟ କରିଛନ୍ତି। ସେପଟେ ଆଫଗାନିସ୍ତାନର ତାଲିବାନ ସରକାର ଦାବି କରିଛନ୍ତି ଯେ ସେମାନେ ୫୫ ଜଣ ପାକ ସୈନ୍ୟଙ୍କୁ ନିପାତ କରିଛନ୍ତି ଓ ମାତ୍ର ୮ ରୁ ୧୩ ଜଣ ଆଫଗାନ ସୈନ୍ୟ ସହିଦ ହୋଇଛନ୍ତି। ଆଫଗାନିସ୍ତାନର ୧୮ଟି ସେନା ପୋଷ୍ଟକୁ କବଜା କରାଯାଇଛି ବୋଲି ପାକିସ୍ତାନ ଦାବି କରିଛି। ଅନ୍ୟପଟେ ପାକିସ୍ତାନର ଦୁଇଟି ସେନା ମୁଖ୍ୟାଳୟକୁ ▶ପୃଷ୍ଠା-୭

**ମୁନୀର, ଶାହାବାଜଙ୍କୁ ଟ୍ରମ୍ପଙ୍କ ପ୍ରଶଂସା**

**ଚମକାଇଲେ ନବୀନ**

# ସଂତୃପ୍ତ, ଦଣ୍ଡେଶ୍ୱର ବିଜେଡିର ରାଜ୍ୟସଭା ପ୍ରାର୍ଥୀ



■ ଭୁବନେଶ୍ୱର, ୨୮।୨ (ସମିସ): ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ କଳିବା ଓ ତାଙ୍କର ରାଜନୀତି ଗତିବିଧି ବାରିବା ସହଜ ନୁହେଁ। ଅତୀତରେ ବିଭିନ୍ନ ପ୍ରସଙ୍ଗରେ ବିରୋଧୀଙ୍କୁ ଆଶ୍ଚର୍ଯ୍ୟଚକିତ କରିବା ପରି ଅନେକ ନିଷ୍ପତ୍ତି ନେଇଥିବା ଦେଖାଯାଇଛି ଏବଂ ଆଗାମୀ ରାଜ୍ୟସଭା ନିର୍ବାଚନରେ ମଧ୍ୟ ତାଙ୍କର ମାଷ୍ଟର ଷ୍ଟ୍ରୋକ୍ ଅନେକଙ୍କୁ ହତଚକିତ କରିଛି। ଗୋଟିଏ ଆସନରେ ବିଜୟୀ ହେବା ନିଶ୍ଚିତ ଥିବାରୁ ବିଜେଡି ଗୋଟିଏ ଆସନରେ ପ୍ରାର୍ଥୀ ଦେଇପାରେ ବୋଲି ଚାଲିଥିବା କଳ୍ପନାଜଳ୍ପନାରେ ପୂର୍ଣ୍ଣଚ୍ଛେଦ ଟାଣି ଦୁଇଟି ଆସନ ପାଇଁ ନବୀନ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛନ୍ତି। କର୍ପୋରେଟ ଜଗତର ଜଣାଶୁଣା ନାମ ତଥା ନିଜ ରାଜନୈତିକ ସଚିବ ଡ଼. ସଂନ୍ତୃପ୍ତ ମିଶ୍ରଙ୍କୁ ଦଳୀୟ ପ୍ରାର୍ଥୀ ଭାବରେ ନବୀନ ଘୋଷଣା କରିଛନ୍ତି। ଅନୁରୂପ ଭାବରେ ରାଜ୍ୟର ପ୍ରସିଦ୍ଧ ୟୁରୋଲୋଜିଷ୍ଟ ତଥା ଓଡ଼ିଶା ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ଡାକ୍ତର ଦଣ୍ଡେଶ୍ୱର ହୋତାଙ୍କୁ 'କମନ୍ କ୍ୟାଣ୍ଡିଡ଼େଟ୍' ରୂପେ ଘୋଷଣା କରି ତାଙ୍କୁ ଅନ୍ୟ ରାଜନୈତିକ ଦଳ ସମର୍ଥନ କରିବାକୁ ଅନୁରୋଧ କରିଛନ୍ତି। ନବୀନଙ୍କ ପ୍ରାର୍ଥୀ ଘୋଷଣା ଓ ଡାକ୍ତର ଦଣ୍ଡେଶ୍ୱର ହୋତାଙ୍କୁ ଅନ୍ୟ ଦଳର ସମର୍ଥନ ଅନୁରୋଧ ପରେ ପିସିସି ସଭାପତି ଭକ୍ତଚରଣ ଦାସ ଚତୁର୍ଥ ଆସନ ପାଇଁ ଡାକ୍ତର ହୋତାଙ୍କ ପ୍ରାର୍ଥିତ୍ୱ ପ୍ରତି ନିଜର ସମର୍ଥନ ଜଣାଇଛନ୍ତି। ଦଳର ସମସ୍ତ ବିଧାୟକ ଓ ହାଇକମାଣ୍ଡଙ୍କର ମଧ୍ୟ ଏଥିପ୍ରତି ସମର୍ଥନ ରହିଥିବା ସେ ସୂଚନା ଦେଇଛନ୍ତି। ସେ ରାଜ୍ୟସଭାକୁ ନିର୍ବାଚିତ ହେଲେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ କୌଣସି ନୀତି ନିର୍ଦ୍ଧାରଣ କରିବାରେ ନିଶ୍ଚିତ ଭାବେ ଭଲ ଭୂମିକା ଗ୍ରହଣ କରିପାରିବେ ବୋଲି ପିସିସି ସଭାପତି ଶ୍ରୀ ଦାସ ମତବ୍ୟକ୍ତ କରିଛନ୍ତି।

ବିଧାନସଭାରେ ଦଳର ସ୍ଥିତି ଓ ସଂଖ୍ୟା ଦୃଷ୍ଟିରୁ ରାଜ୍ୟସଭା ନିର୍ବାଚନରେ ବିଜେପିକୁ ୨ଟି ଓ ବିଜେଡିକୁ ଗୋଟିଏ ଆସନ ମିଳିବା ଆପାତତଃ ସୁନିଶ୍ଚିତ ବୋଲି କୁହାଯାଉଛି। ୪ର୍ଥ ଆସନ ପାଇଁ କାହାରି ପାଖରେ ସଂଖ୍ୟା ନ ଥିବା ବେଳେ ବିଜେପି ଏହି ଆସନ ଉପରେ ଆଖି ପକାଇଥିଲା। ଏପରିକି ଦଳର ରାଜ୍ୟ ନେତୃତ୍ୱ ଓ ରାଜ୍ୟ ପ୍ରଭାରୀ ବିଜେପି ତିନିଟି ଆସନରେ ବିଜୟୀ ହେବ ବୋଲି ମଧ୍ୟ ଭବିଷ୍ୟବାଣୀ କରିଥିଲେ। ଏହି ସମୟରେ ନବୀନଙ୍କ ଚତୁର ଗୋଟିଚାଳନା ବିଜେପିର ଆଶାରେ ପାଣି ପକାଇ ଦେଇଛି। ନିଜ ଦଳ ବାହାରୁ ରାଜ୍ୟର ଜଣେ ବିଶିଷ୍ଟ ବ୍ୟକ୍ତିଙ୍କୁ ବିଜେଡି ପ୍ରାର୍ଥୀ କଲେ କଂଗ୍ରେସ ତାଙ୍କୁ ସମର୍ଥନ କରିବ ବୋଲି ପିସିସି ସଭାପତି କରିଥିବା ଘୋଷଣାକୁ ସୁଯୋଗ ଭାବରେ ଗ୍ରହଣ କରି ନବୀନ ୪ର୍ଥ ଆସନ ପାଇଁ ଡ଼ାକ୍ତର ଦଣ୍ଡେଶ୍ୱର ହୋତାଙ୍କ ▶ପୃଷ୍ଠା-୭



ଡ. ସଂତୃପ୍ତ ମିଶ୍ର



ଡାକ୍ତର ଦଣ୍ଡେଶ୍ୱର ହୋତା

**ଡ. ସଂତୃପ୍ତ ମିଶ୍ର ଦଳୀୟ, ଡା. ଦଣ୍ଡେଶ୍ୱର ହୋତା 'କମନ୍ କ୍ୟାଣ୍ଡିଡେଟ୍'**

**ଡାକ୍ତର ହୋତାଙ୍କୁ ସମର୍ଥନ ପାଇଁ ଅନ୍ୟ ଦଳଗୁଡ଼ିକୁ ଅନୁରୋଧ**

**ଡା. ହୋତାଙ୍କ ପ୍ରାର୍ଥିତ୍ୱକୁ ସମର୍ଥନ ଦେବାକୁ ଭକ୍ତଙ୍କ ଘୋଷଣା**

**ଦଳ ବିରୋଧୀ କାର୍ଯ୍ୟ ସହ ବିଶୃଙ୍ଖଳିତ ଆଚରଣ**

## ପ୍ରଭାତ ବିଶ୍ୱାଳ ବିଜେଡିରୁ ବହିଷ୍କୃତ



■ ଭୁବନେଶ୍ୱର, ୨୮।୨ (ସମିସ): ଦଳବିରୋଧୀ କାର୍ଯ୍ୟ ତଥା ବିଶୃଙ୍ଖଳିତ ଆଚରଣ ଯୋଗୁଁ ବିଜେଡିରୁ ବିଦା ହୋଇଛନ୍ତି କଟକ-ଚୌଦ୍ୱାରର ପୂର୍ବତନ ବିଧାୟକ ତଥା ବିଜେଡି ରାଜ୍ୟ ପରିଷଦ ସଦସ୍ୟ ପ୍ରଭାତ ରଞ୍ଜନ ବିଶ୍ୱାଳ। ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଉପସଭାପତି ପ୍ରତାପ ଜେନା ଏ ସଂକ୍ରାନ୍ତରେ ନିର୍ଦ୍ଦେଶନାମା ଜାରିକରି ତତ୍‌କ୍ଷଣାତ୍ ଏହାକୁ କାର୍ଯ୍ୟକାରୀ କରାଯାଇଥିବା କହିଛନ୍ତି।

ମିଳିଥିବା ସୂଚନା ଅନୁସାରେ ଗତ ବିଧାନସଭା ନିର୍ବାଚନ ପରେ ଶ୍ରୀ ବିଶ୍ୱାଳ ନିୟମିତ ବ୍ୟବଧାନରେ ଦଳ ଓ ଦଳର କିଛି ନେତାଙ୍କୁ ନିଶାଣ କରିବା ସହ ନକରାତ୍ମକ ମନ୍ତବ୍ୟ ଦେଉଥିବା ଅଭିଯୋଗ ହୋଇଥିଲା। ଏପରିକି ବିଭିନ୍ନ ▶ପୃଷ୍ଠା-୭

## ବାଣ କାରଖାନାରେ ବିସ୍ଫୋରଣ; ୨୦ ମୃତ

■ ଅମରାବତୀ, ୨୮।୨ (ଏଜେନ୍ସି): ଆନ୍ଧ୍ରପ୍ରଦେଶ କାକିନଡ଼ା ଜିଲ୍ଲାର ଭେଟଲାପାଲେମ ଗ୍ରାମରେ ଥିବା ଏକ ବାଣ କାରଖାନାରେ ଭୟଙ୍କର ବିସ୍ଫୋରଣ ଘଟିଛି। ଏଥିରେ ୨୦ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ଅନେକ ଲୋକ ଗୁରୁତର ଭାବେ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଶନିବାର ଅପରାହ୍ଣ ୨ଟାରେ ଏହି ବିସ୍ଫୋରଣ ଘଟିଥିଲା। ଏହା ଏତେ ଶକ୍ତିଶାଳୀ ଥିଲା ଯେ ଏହାର ଶବ୍ଦ ୫ କିମି ଦୂର ପର୍ଯ୍ୟନ୍ତ ଶୁଣାଯାଇଥିଲା। ବିସ୍ଫୋରଣର ତୀବ୍ରତା ପ୍ରଖର ଥିଲା, ଯାହା ଫଳରେ ମୃତଦେହଗୁଡ଼ିକ ନିକଟସ୍ଥ ଧାନକ୍ଷେତକୁ ଛିଟିକି ପଡ଼ିଥିଲା। ପୁଲିସ ବର୍ତ୍ତମାନ ଡ୍ରୋନ ସାହାଯ୍ୟରେ ବିଭିନ୍ନ ସ୍ଥାନରେ ପଡ଼ିଥିବା ଶରୀରର ଅଂଶକୁ ଖୋଜୁଛି। ଆହତଙ୍କୁ ଆମ୍ବୁଲାନ୍ସ ଯୋଗେ ନିକଟସ୍ଥ ଡାକ୍ତରଖାନାକୁ ନିଆଯାଇଛି। କାକିନଡ଼ା ସରକାରୀ ମୁଖ୍ୟ ଚିକିତ୍ସାଳୟର ଅଧୀକ୍ଷକ କହିଛନ୍ତି ଯେ, ଡାକ୍ତରଖାନରେ ଭର୍ତ୍ତି ହୋଇଥିବା ଆହତମାନେ ୯୦ରୁ ୧୦୦ ପ୍ରତିଶତ ପୋଡ଼ିଯାଇଛନ୍ତି ଏବଂ ସେମାନଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ରହିଛି। ମୁଖ୍ୟମନ୍ତ୍ରୀ ଚନ୍ଦ୍ରାବାବୁ ନାଇଡୁ ଏହି ଘଟଣାରେ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେ ସମ୍ପୃକ୍ତ ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀମାନଙ୍କୁ ଘଟଣାସ୍ଥଳରେ ରହି ସ୍ଥିତି ଅନୁଧ୍ୟାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଶାସନ ପକ୍ଷରୁ ରିଲିଫ ଓ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

## ଏଥର ପ୍ରଚଣ୍ଡ ଖରା

**ମାର୍ଚ୍ଚରୁ ମେ ଅଧିକ ତାତି**

■ ନୂଆଦିଲ୍ଲୀ, ୨୮।୨ (ଏଜେନ୍ସି): ଏଥର ପ୍ରଚଣ୍ଡ ଖରା ହେବା ସମ୍ଭାବନା ରହିଛି। ସ୍ୱାଭାବିକ ଠାରୁ ଅଧିକ ରହିବ ତାତି। ବିଶେଷ କରି ମାର୍ଚ୍ଚରୁ ମେ ମାସ ମଧ୍ୟରେ ପରିସ୍ଥିତି ଅସମ୍ଭାଳ ହେବ। ଓଡ଼ିଶା ସମେତ ରାଜସ୍ଥାନ, ଗୁଜରାଟ, ପଞ୍ଜାବ, ହରିୟାଣା, ମହାରାଷ୍ଟ୍ର, ପୂର୍ବାଞ୍ଚଳ ଉତ୍ତର ପ୍ରଦେଶ, ବିହାର, ଝାଡ଼ଖଣ୍ଡ, ପଶ୍ଚିମ ବଙ୍ଗ, ଛତିଶଗଡ଼, ଆନ୍ଧ୍ର ପ୍ରଦେଶ, ତେଲେଙ୍ଗାନା ଓ ତାମିଲନାଡୁରେ ଏପ୍ରିଲ ଏବଂ ମେ ମାସରେ ତାତି ଏହାର ଭୟଙ୍କର ରୂପ ଦେଖାଇପାରେ। ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର ଆଜି ଏଠାରେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଏହି ସମୟରେ ମଧ୍ୟ ଜଳ ଓ ବିଦ୍ୟୁତ ସଙ୍କଟ ଦେଖାଦେଇପାରେ। ବିଶେଷ କରି ବାହାରେ କାମ କରୁଥିବା ଶ୍ରମିକ, ବୟସ୍କ ଲୋକ, ପିଲା ଏବଂ ରୋଗିଣା ବ୍ୟକ୍ତିମାନଙ୍କ ପାଇଁ ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି ହେବାର ଆଶଙ୍କା ମଧ୍ୟ ରହିଛି।

## ଏଚ୍‌ପିଭି ଟିକାକରଣ ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ

■ ଭୁବନେଶ୍ୱର, ୨୮।୨ (ସମିସ): ହ୍ୟୁମାନ ପାପିଲୋମା ଭାଇରସ୍ ସଂକ୍ରମଣର ନିରାକରଣ ପାଇଁ ଦେଶବ୍ୟାପୀ ଟିକାକରଣ ଅଭିଯାନକୁ ଆଜି ରାଜସ୍ଥାନର ଆଜମେରଠାରେ ଶୁଭାରମ୍ଭ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଏହି କ୍ରମରେ ଭୁବନେଶ୍ୱର କୃଷିଭବନ ଠାରେ ଅନୁଷ୍ଠିତ ରାଜ୍ୟବ୍ୟାପୀ ଟିକାକରଣ କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଆରମ୍ଭ କରିଛନ୍ତି।

**ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ଯୋଗଦାନ**

ମହିଳାମାନଙ୍କୁ ସୁସ୍ଥ ଓ ସଶକ୍ତ କରିବା ଏହି ଟିକାକରଣ ଅଭିଯାନର ଉଦ୍ଦେଶ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅଭିଯାନରେ ଓଡ଼ିଶାର ୧୪ ରୁ ୧୫ ବର୍ଷ ବୟସ ମଧ୍ୟରେ ଥିବା ପ୍ରାୟ ୩.୩୬ ଲକ୍ଷ ବାଳିକାଙ୍କୁ ଟିକାକରଣ କରାଯିବ। ଏଥିପାଇଁ ୩ ମାସ ସମୟ ଧାର୍ଯ୍ୟ କରାଯାଇଛି।





ଏହି ଟିକା ପ୍ରଥମେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଉପଖଣ୍ଡ ଚିକିତ୍ସାଳୟ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଦିଆଯିବାର ବ୍ୟବସ୍ଥା କରାଯାଇଛି। ଦ୍ୱିତୀୟ ମାସରେ ଏହାକୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ସଂପ୍ରସାରଣ କରାଯିବ।

ହ୍ୟୁମାନ ପାପିଲୋମା ଭାଇରସ୍ ବା ଏଚ୍‌ପିଭି ପାଇଁ ଏହି ଟିକା ଆମ କନ୍ୟା ମାନଙ୍କର ସ୍ୱାସ୍ଥ୍ୟ ଓ ଭବିଷ୍ୟତ ସୁରକ୍ଷା ଦିଗରେ ଏକ ଯୁଗାନ୍ତକାରୀ ପଦକ୍ଷେପ। କର୍କଟ ରୋଗର ମୁକାବିଲା ନିମନ୍ତେ ୨୦୨୬-୨୭ ବଜେଟ୍‌ରେ 'ମୁଖ୍ୟମନ୍ତ୍ରୀ କର୍କଟ ଚିକିତ୍ସା କାର୍ଯ୍ୟକ୍ରମ' ଘୋଷଣା କରାଯାଇଛି। ଏଥିରେ ବ୍ୟାପକ କମ୍ୟୁନିଟି ▶ପୃଷ୍ଠା-୭





# ମଧ୍ୟପ୍ରାଚ୍ୟରେ ମହାଯୁଦ୍ଧ









## ୧୦ ଦିନର କଣ୍ଟ ପରେ କ୍ଷେପଣାସ୍ତ୍ର ମାଡ଼

ୱାଶିଂଟନ/ତେହେରାନ, ୨୮ ।୨(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ପୁଣି ଥରେ ସଂଘର୍ଷ ଆରମ୍ଭ ହେବା ପରେ ବିଶ୍ୱ ରାଜନୀତି ଏବେ ଏକ ସମ୍ବେଦନଶୀଳ ମୋଡ଼ରେ ଉପନୀତ ହୋଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଚେତାବନୀର ମାତ୍ର ୧୦ ଦିନ ପରେ ଇରାନ ଉପରେ ଏହି ବଡ଼ ଧରଣର ଆକ୍ରମଣ ହୋଇଛି। ଫଳରେ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଚରମସୀମାରେ ପହଞ୍ଚିଛି। ଗତ କିଛି ସପ୍ତାହ ଧରି ଆମେରିକା ଓ ଇସ୍ରାଏଲ ପକ୍ଷରୁ ଦିଆଯାଉଥିବା ଲଗାତର ଚେତାବନୀ ଶେଷରେ ଏକ ବଡ଼ ସାମରିକ ଅଭିଯାନରେ ପରିଣତ ହୋଇଛି। ଟ୍ରମ୍ପ ଇରାନକୁ ପୂର୍ବରୁ ୧୦ ଦିନିଆ ସମୟସୀମା ଦେଇଥିଲେ। ଗତ ଫେବୃଆରୀ ୧୯ ତାରିଖରେ ଟ୍ରମ୍ପ ଇରାନକୁ ଏକ ପ୍ରକାର ଅନ୍ତିମ ଚେତାବନୀ ଦେଇଥିଲେ। ସେ କହିଥିଲେ ଯେ ଇରାନ ପାଖରେ ମାତ୍ର ୧୦ରୁ ୧୫ ଦିନ ସମୟ ରହିଛି। ଯଦି ଏହି ସମୟରେ କୌଣସି ସମାଧାନ ନବାହାରେ, ତେବେ ପରିଣାମ ଭୟଙ୍କର ହେବ। ଏଭଳି ସ୍ଥିତିରେ ଇସ୍ରାଏଲର ଆଭିମୁଖ୍ୟ ସ୍ପଷ୍ଟ ରହିଛି। ଇରାନର ପରମାଣୁ ଓ ମିସାଇଲ କ୍ଷମତା ବୃଦ୍ଧିକୁ ରୋକିବା ପାଇଁ ଇସ୍ରାଏଲ ପୂର୍ବରୁ ଜାନୁଆରୀ ମାସରେ ମଧ୍ୟ କିଛି ଆକ୍ରମଣ କରିଥିଲା। ୧୦ ଦିନର ସମୟସୀମା ଶେଷ ହେବା ପରେ ଆକ୍ରମଣ ହୋଇଛି। ଟ୍ରମ୍ପ ନିଜେ ନିଶ୍ଚିତ କରିଛନ୍ତି ଯେ ଆମେରିକୀୟ ସେନା ଇରାନରେ 'ମେଜର କମ୍ବାଟ୍ ଅପରେସନ' ଆରମ୍ଭ କରିଛନ୍ତି। ସେ ଇରାନର ନେତୃତ୍ୱକୁ 'ଭୟଙ୍କର ଓ ଦୁଷ୍ଟ' ବୋଲି ବର୍ଣ୍ଣନା କରିଛନ୍ତି। ତେହେରାନରେ ହୋଇଥିବା ଆକ୍ରମଣକୁ ଦୃଷ୍ଟିରେ ରଖି ସର୍ବୋଚ୍ଚ ନେତା ୮୬ ବର୍ଷୀୟ ଆୟାତୁଲ୍ଲା ଖାମେନେଇଙ୍କୁ ଏକ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଇରାନ ଗୋପନରେ ନିଜର ପରମାଣୁ ଓ ମିସାଇଲ କ୍ଷମତା ବଢ଼ାଉଛି ବୋଲି ଆମେରିକା ଓ ଇସ୍ରାଏଲ ଅଭିଯୋଗ କରିଛନ୍ତି ଓ ଖାସ୍ ଏହି କାରଣ ପାଇଁ ଆକ୍ରମଣ କରାଯାଇଛି।

## ବାଲିଷ୍ଟିକ୍ ପାଇଁ ବିବାଦ

ଆମେରିକା ଏବଂ ଇରାନ ମଧ୍ୟରେ ପରମାଣୁ ଆଲୋଚନା ଜାରି ରହିଛି। ଏହି ଆଲୋଚନାରେ ବାଲିଷ୍ଟିକ ମିସାଇଲ ପ୍ରୋଜେକ୍ଟ ସବୁଠାରୁ ବଡ଼ ପ୍ରସଙ୍ଗ ପାଲଟିଛି। ଏହାକୁ ନେଇ ଇରାନ କୌଣସି ଚୁକ୍ତି କରିବାକୁ ଚାହୁଁନାହିଁ। ଏହା ହିଁ ବିବାଦର ମୁଖ୍ୟ କାରଣ ହୋଇଛି। ଇରାନ ସୂଚନା ଅନୁଯାୟୀ, ଦେଶର ସୁରକ୍ଷା ପାଇଁ ବାଲିଷ୍ଟିକ କାର୍ଯ୍ୟକ୍ରମ ଜରୁରୀ। ୨୦୨୫ ଜୁନ୍‌ରେ ଇସ୍ରାଏଲ ଏବଂ ଆମେରିକା ଦେଶର ପରମାଣୁ ଠିକଣାରେ ଆକ୍ରମଣ କରିଥିଲେ। ସେତେବେଳେ କ୍ଷେପଣାସ୍ତ୍ର ହିଁ ଏଥିରୁ ସୁରକ୍ଷା ପ୍ରଦାନ କରିଥିଲେ। ତେଣୁ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମକୁ ନେଇ କୌଣସି ଚୁକ୍ତି କରାଯିବ ନାହିଁ ବୋଲି ଇରାନ ଅଧିକାରୀମାନେ ବାରମ୍ବାର କହି ଆସୁଥିଲେ। ଏହି କାର୍ଯ୍ୟକ୍ରମରୁ ପଛଘୁଞ୍ଚା ଦେବାମାନେ ନିଜକୁ ଦୁର୍ବଳ କରିବା। ସେଥିପାଇଁ ଆଲୋଚନା କେବଳ ପରମାଣୁ କାର୍ଯ୍ୟକ୍ରମ ମଧ୍ୟରେ ସୀମିତ ରହିବ। କ୍ଷେପଣାସ୍ତ୍ର କିମ୍ବା ଆଞ୍ଚଳିକ ଗୋଷ୍ଠୀକୁ ନେଇ କିଛି ସାଲିସ କରାଯିବ ନାହିଁ। ମାତ୍ର ଏହା ଆମେରିକା ପାଇଁ ଶକ୍ତ ଝଟ୍‌କା ଥିଲା। ତେଣୁ ଆକ୍ରମଣ କରି ଚପ ପ୍ରୟୋଗ ପାଇଁ ଆମେରିକା ନିଷ୍ପତ୍ତି ନେଇଥିଲା।

## ମଧ୍ୟପ୍ରାଚ୍ୟ ପାଇଁ ବିମାନ ବାତିଲ

ନୂଆଦିଲ୍ଲୀ, ୨୮ ।୨(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଯୁଦ୍ଧ କାରଣରୁ ଇସ୍ରାଏଲ ନିଜର ଆକାଶ ମାର୍ଗ ବନ୍ଦ କରିଛି। ଏହାର ପରିଣାମ ସ୍ୱରୂପ, ଶନିବାର ଏୟାର ଇଣ୍ଡିଆର ଦିଲ୍ଲୀ- ତେଲ ଅଭିଭ ବିମାନକୁ ମୁମ୍ବାଇ ଅଭିମୁଖେ ବୁଲାଇ ଦିଆଯାଇଥିବା ବେଳେ ଇଣ୍ଡିଗୋର ତିରୁଚିରାପଲ୍ଲୀ - ଦୁବାଇ ବିମାନ ଅଧା ବାଟରୁ ଭାରତ ଫେରି ଆସିଛି। ଏହି ଯୁଦ୍ଧକୁ ଦୃଷ୍ଟିରେ ରଖି ଏୟାର ଇଣ୍ଡିଆ ଓ ଇଣ୍ଡିଗୋ ସେମାନଙ୍କର ସମସ୍ତ ମଧ୍ୟପ୍ରାଚ୍ୟ ବିମାନ ସେବାକୁ ସାମୟିକ ଭାବେ ସ୍ଥଗିତ ରଖିଛନ୍ତି। ଏୟାରଲାଇନ୍ସ ପକ୍ଷରୁ ଯାତ୍ରୀମାନଙ୍କୁ ହୋଇଥିବା ଅସୁବିଧା ପାଇଁ କ୍ଷମା ପ୍ରାର୍ଥନା କରାଯାଇଛି। ଯୁଦ୍ଧ କାରଣରୁ ଭାରତୀୟ ଦୂତାବାସ ନାଗରିକଙ୍କୁ ଅନାବଶ୍ୟକ ଯାତ୍ରା ନ କରିବାକୁ ଏବଂ ଘର ଭିତରରେ ରହିବାକୁ କହିଛି। ସରକାରୀ ତଥ୍ୟ ଅନୁଯାୟୀ, ଇରାନରେ ପ୍ରାୟ ୧୦, ୦୦୦ ଓ ଇସ୍ରାଏଲରେ ୪୧, ୦୦୦ରୁ ଅଧିକ ଭାରତୀୟ (ଛାତ୍ର ଓ ଶ୍ରମିକଙ୍କୁ ମିଶାଇ) ରହୁଛନ୍ତି।

## ଟାର୍ଗେଟରେ ଖାମେନେଇ: ଇସ୍ରାଏଲ

ତେଲଆଭିଭ୍ ୨୮ ।୨(ଏଜେନ୍ସି): ଖାମେନେଇଙ୍କୁ ନିଶାଣ କରି ଆକ୍ରମଣ କରାଯାଇଥିଲା ବୋଲି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ କହିଛନ୍ତି। ସେ ଭିଡିଓ ବାର୍ତ୍ତା ଜାରି କରି ଇରାନରେ କ୍ଷମତା ପରିବର୍ତ୍ତନ କଥା କହିଛନ୍ତି। ଅତ୍ୟାଚାରର ବୋଝକୁ ହଟାଇ, ଏକ ସ୍ୱାଧୀନ ଏବଂ ଶାନ୍ତିପୂର୍ଣ୍ଣ ଇରାନ ଗଠନ କରିବାକୁ ସେଠାକାର ନାଗରିକଙ୍କୁ ଆହ୍ୱାନ ଦେଇଛନ୍ତି। ଆକ୍ରମଣ ଦ୍ୱାରା ଏଭଳି ସ୍ଥିତି ସୃଷ୍ଟି ହୋଇଛି ଯାହାଦ୍ୱାରା ଇରାନ ଲୋକ ନିଜର ଭବିଷ୍ୟତ ନିର୍ଦ୍ଧାରଣ କରିପାରିବେ।

## ଟମ୍ ହକ୍, ବଙ୍କର-ବଷ୍ଟର, ବାଲିଷ୍ଟିକ କ୍ଷେପଣାସ୍ତ୍ରର ତାଣ୍ଡବ

ତେଲ ଆଭିଭ୍, ୨୮ ।୨(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଆମେରିକା, ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ଏବେ ଭୟଙ୍କର ରୁପ ନେବାକୁ ଯାଉଛି। ଇସ୍ରାଏଲର 'ଅପରେସନ ରୋରିଂ ଲାୟନ' ଓ ଆମେରିକାର 'ଅପରେସନ ଏପିକ ଫ୍ୟୁରୀ' ମାଧ୍ୟମରେ ଇରାନର ସାମରିକ ଓ ପରମାଣୁ କେନ୍ଦ୍ରଗୁଡ଼ିକୁ ଟାର୍ଗେଟ କରାଯାଉଛି। ଏହାର ଜବାବରେ ଇରାନ ମଧ୍ୟ ମିସାଇଲ ମାଡ଼ ଆରମ୍ଭ କରିଛି। ଏହି ଯୁଦ୍ଧରେ ଇସ୍ରାଏଲ, ଆମେରିକା ଓ ଇରାନ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ବ୍ୟବହାର କରୁଛନ୍ତି। ଆମେରିକା ଓ ଇସ୍ରାଏଲ ବ୍ୟବହାର କରୁଥିବା ଅସ୍ତ୍ରଗୁଡ଼ିକ ହେଲା ଟମ୍‌ହକ କ୍ରୁଜ ମିସାଇଲ, ଏଫ୍-୩୫୧ ଅଡିର ଷ୍ଟିଲଥ ଫାଇଟର, ଜିବିୟୁ-୨୮ ବଙ୍କର-ବଷ୍ଟର ବୋମା ଓ ଦୂରଗାମୀ ଡ୍ରୋନ୍। ସେହିପରି ଇରାନ ଦ୍ୱାରା ବ୍ୟବହୃତ ହେଉଥିବା ଅସ୍ତ୍ରଶସ୍ତ୍ରଗୁଡ଼ିକ ହେଲା ଶାହାବ-୩ ବାଲିଷ୍ଟିକ ମିସାଇଲ, ଏମାଦ ପ୍ରେସିସନ-ଗାଇଡେଡ ମିସାଇଲ, ଘଦର କ୍ଷେପଣାସ୍ତ୍ର। ଟମ୍ ହକ୍ କ୍ରୁଜ୍ ମିସାଇଲ ହେଉଛି ଆମେରିକା ନୌସେନାର ଏକ ଦୂରଗାମୀ ମିସାଇଲ ଓ ଏହା ଯୁଦ୍ଧ ଜାହଜ ଓ ବୁଡ଼ା ଜାହଜରୁ



ଲଞ୍ଚ୍ କରାଯାଏ। ଏହା ରାଡାରରୁ ବଞ୍ଚିବା ପାଇଁ ୩୦-୫୦ ମିଟର ଉଚ୍ଚତାରେ ଉଡ଼ିପାରେ ଏବଂ ୧୬, ୦୦ କିମି ଦୂରରେ ଥିବା ଲକ୍ଷ୍ୟକୁ ସଠିକ ଭାବେ ଭେଦ କରିପାରେ। ସେହିପରି ଅଦିର ଷ୍ଟିଲ୍‌ଥ ଫାଇଟର ହେଉଛି ଇସ୍ରାଏଲର ଏକ ଶକ୍ତିଶାଳୀ ବିମାନ। ଏହାର ଷ୍ଟିଲ୍‌ଥ ଟେକ୍ନୋଲୋଜି ଯୋଗୁଁ ଏହା ଶତ୍ରୁର ରାଡାରରେ ଧରାପଡ଼େ ନାହିଁ। ଏହା ଇରାନର ଆକାଶ ମାର୍ଗରେ ପ୍ରବେଶ କରି ଗୁପ୍ତ ତଥ୍ୟ ସଂଗ୍ରହ ସହ ଆକ୍ରମଣ କରିବାର କ୍ଷମତା ରଖିପାରେ। ବଙ୍କର-ବଷ୍ଟର ହେଉଛି ୨, ୨୬୮ କେଜି ଓଜନର ବୋମା। ବିଶେଷ କରି ଏହା ମାଟି ତଳେ ଲୁଚି ରହିଥିବା ପରମାଣୁ କେନ୍ଦ୍ର ଓ ସାମରିକ ବଙ୍କରଗୁଡ଼ିକୁ ଧ୍ୱଂସ କରିବା ପାଇଁ ତିଆରି ହୋଇଥାଏ। ଏହା କଂକ୍ରିଟର ମୋଟା କାନ୍ଥକୁ ଭେଦ କରି ଭିତର ବିସ୍ଫୋରଣ କରିଥାଏ। ସେହିପରି ଇରାନ ଦ୍ୱାରା ଶହାବ, ଏମାଦ ଓ ଘଦର ମଧ୍ୟ ଅତ୍ୟାଧୁନିକ ଅସ୍ତ୍ର ତଥା ମିସାଇଲ ଯାହା ଅତ୍ୟନ୍ତ ସଠିକତାର ସହ ଲକ୍ଷ୍ୟ ଭେଦ କରିପାରେ।

### ଯୁଦ୍ଧରେ କାହା ସହ କିଏ ଅଛନ୍ତି

ଯୁଦ୍ଧ ଆରମ୍ଭ ହୋଇଥିବା ବେଳେ ଇରାନ ବର୍ତ୍ତମାନ ସ୍ଥିତିରେ ଏକାକୀ ପଡ଼ିଯାଇଥିବା ଜଣାପଡୁଛି। ଇରାନ ସହଯୋଗୀ ବୋଲଉଥିବା 'ଆକ୍ସିସ୍ ଅଫ୍ ରେଜିଷ୍ଟାନ୍ସ' ଗତ କିଛି ବର୍ଷ ହେବ ଇସ୍ରାଏଲ ଆକ୍ରମଣ ଯୋଗୁଁ ଦୁର୍ବଳ ହୋଇପଡ଼ିଛି। ଇରାନ ସହ ସାମରିକ ଗୋଷ୍ଠୀ ଭାବେ ଲେବାନନର ହିଜବୁଲ୍ଲା, ଇରାକର ପିଏମ୍‌ଏଫ୍, ୟେମେନର ହୁତି ବିଦ୍ରୋହୀ ଓ ଗାଜାର ହମାସର ସହଯୋଗ ରହିଛି। ସେହିରପି ରୁଷିଆ, ଚୀନ୍ ଓ ପାକିସ୍ତାନ ଏହି ୩ଟି ଦେଶ ଇରାନର ବନ୍ଧୁ ତଥା ସମର୍ଥକ ଭାବେ ବେଶ୍ ଭଲଭାବେ ଜଣାଶୁଣା। ଅପରପକ୍ଷରେ ଆମେରିକା- ଇସ୍ରାଏଲ ସହ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ), କତାର, ବାହାରିନ, ଜୋର୍ଡାନ ଓ କୁଏତ, ସାଉଦି ଆରବ ସମେତ ଜର୍ମାନୀ, ଫ୍ରାନ୍ସ ଓ ଇଟାଲୀ ଭଳି ପାଶ୍ଚାତ୍ୟ ଦେଶ ରହିଛନ୍ତି।

## ୪୦ ବର୍ଷର ଶତ୍ରୁତାର ଇତିହାସ...

ନୂଆଦିଲ୍ଲୀ, ୨୮ ।୨(ଏଜେନ୍ସି): ଶନିବାର ଆମେରିକା ଓ ଇସ୍ରାଏଲ୍ ମିଳିତ ଭାବେ ଇରାନର ରାଜଧାନୀ ତେହେରାନ ସମେତ ଅନେକ ସହରରେ ଉପରେ ଆକ୍ରମଣ କରିଛନ୍ତି। ପ୍ରତ୍ୟେକ୍ଷଦର୍ଶୀଙ୍କ ଅନୁଯାୟୀ, ବିଭିନ୍ନ ସ୍ଥାନରେ ବିସ୍ଫୋରଣ ଶବ୍ଦ ଶୁଣାଯିବ ସହ ଏୟାର ରେଡ୍ ସାଇରନ ବାଜିଥିଲା। ଏହି ସଂଘର୍ଷ କେବଳ ଦୁଇଟି ଦେଶ ମଧ୍ୟରେ ସୀମିତ ନ ରହି ସାରା ମଧ୍ୟପ୍ରାଚ୍ୟରେ ଏକ ବଡ଼ ଯୁଦ୍ଧର ଆଶଙ୍କା ସୃଷ୍ଟି କରିଛି। ଇରାନ ଉପରେ ଆମେରିକା ଓ ଇସ୍ରାଏଲର ଆକ୍ରମଣ ଓ ଶତ୍ରୁତାର ଏକ ଲମ୍ବା ଇତିହାସ ରହିଛି। ଶନିବାରର ଏହି ଆକ୍ରମଣ ୧୯୭୯ରୁ ଆରମ୍ଭ ହୋଇଥିବା ଦୀର୍ଘକାଳୀନ ସଂଘର୍ଷର ଏକ ନୂତନ ଅଧ୍ୟାୟ ମାତ୍ର। ଅର୍ଥାତ ଇରାନଓଆମେରିକାରମଧ୍ୟରେସଂଘର୍ଷଆଦୌନୂଆନୁହେଁଓଏହାବହୁପୁରୁଣା।

**୧୯୭୯; ବନ୍ଧକ ସଙ୍କଟ:** ନଭେମ୍ବର ୪ରେ ଇରାନର ବିପ୍ଲବୀମାନେ ତେହେରାନସ୍ଥିତ ଆମେରିକା ଦୂତାବାସରେ ୫୨ ଜଣ କର୍ମଚାରୀଙ୍କୁ ୪୪୪ ଦିନ ଧରି ବନ୍ଧକ ରଖିଥିଲା। ସେମାନେ ଆମେରିକାରେ ଚିକିତ୍ସିତ ହେଉଥିବା ଇରାନର ପୂର୍ବତନ ଶାସକ ମହମ୍ମଦ ରେଜା ପହଲବୀଙ୍କୁ ହସ୍ତାନ୍ତର କରିବାକୁ ଦାବି କରିଥିଲେ। ସେବଠାରୁ ଦୁଇ ଦେଶ ମଧ୍ୟରେ ଶତ୍ରୁତା ଆରମ୍ଭ ହୋଇଥିଲା। ୧୯୮୦ରେ ଆମେରିକା ଇରାନ ସହ କୂଟନୈତିକ ସମ୍ପର୍କ ଛିନ୍ନ କରି ବାଣିଜ୍ୟ କଟକଣା ଲଗାଇଥିଲା।

**୨୦୦୨; ଆକ୍ସିସ ଅଫ୍ ଇଭିଲ୍:** ତତ୍କାଳୀନ ଆମେରିକା ରାଷ୍ଟ୍ରପତି ଜର୍ଜ ଡବ୍ଲ୍ୟୁ ବୁଶ୍ ଇରାନ, ଇରାକ ଓ ଉତ୍ତର କୋରିଆକୁ 'ଅନିଷ୍ଟର ଅକ୍ଷ ବା ଆକ୍ସିସ ଅଫ୍ ଇଭିଲ୍' ଭାବେ ଅଭିହିତ କରିଥିଲେ। ତେବେ ଏହା ପୂର୍ବରୁ ୧୯୯୫ରେ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ ଇରାନ ସହ ବାଣିଜ୍ୟ ଓ ପୁଞ୍ଜି ନିବେଶ ଉପରେ ସମ୍ପୂର୍ଣ୍ଣ ନିଷେଧାଦେଶ ଜାରି କରିଥିଲେ। ୨୦୧୯ରେ ଆମେରିକା ଇରାନର ସୈନ୍ୟ ବାହିନୀ 'ଇସ୍‌ଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ'କୁ ଏକ ଆତଙ୍କବାଦୀ ସଂଗଠନ ଭାବେ ଘୋଷଣା କରିଥିଲା।

**୨୦୧୮; ପରମାଣୁ ଚୁକ୍ତିରୁ ଆମେରିକା ଓହରିଯିବା:** ୨୦୧୫ରେ ବିଶ୍ୱର ୬ଟି ପ୍ରମୁଖ ଶକ୍ତିଙ୍କ ସହ ଇରାନର ପରମାଣୁ ଚୁକ୍ତି ହୋଇଥିଲା। କିନ୍ତୁ ୨୦୧୮ରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଚୁକ୍ତିରୁ ଓହରିଯାଇଥିଲେ ଓ ପୁନର୍ବାର କଠୋର ଆର୍ଥିକ କଟକଣା ଲଗାଇଥିଲେ।୨୦୧୫ ସେପ୍ଟେମ୍ବରରେ ଜାତିସଂଘର କଟକଣା ପୁଣି ଲାଗୁ ହେବା ସହ ଏହି ଚୁକ୍ତି ସମାପ୍ତ ହୋଇଥିଲା।

**୨୦୨୦; ପ୍ରମୁଖ ଜେନେରାଲଙ୍କ ମୃତ୍ୟୁ:** ୨୦୨୦ ଜାନୁଆରୀ ୩ରେ ଆମେରିକା ଇରାନର ଶୀର୍ଷ ଜେନେରାଲ କାସେମ ସୋଲେମାନିଙ୍କୁ ହତ୍ୟା କରିଥିଲା। ଏହାର ଜବାବରେ ଇରାନ ଆମେରିକୀୟ ବେସ୍ ଉପରେ ମିସାଇଲ ମାଡ଼ କରିଥିଲା। ଫଳରେ ଉଭୟ ଦେଶ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଥିଲା ଓ ଉତ୍ତେଜନାମୂଳକ ସ୍ଥିତି ସୃଷ୍ଟି ହୋଇଥିଲା।

**୨୦୧୫-୨୬: ବର୍ତ୍ତମାନର ସ୍ଥିତି**

୨୦୨୫ ଜୁନ୍ ୨୧ରେ ଆମେରିକାର ଇରାନର ୩ଟି ପରମାଣୁ କେନ୍ଦ୍ର ଉପରେ ଆକ୍ରମଣ କରିଥିଲା।

**୨୦୨୬;** ୨୦୨୬ ଫେବୃଆରୀରେ ଦୁଇ ଦେଶ ମଧ୍ୟରେ ପରୋକ୍ଷ ଆଲୋଚନା ଆରମ୍ଭ ହୋଇଥିଲା, କିନ୍ତୁ ଡୋନାଲ୍ଡ ଟ୍ରମ୍ପ ଚୁକ୍ତି ପାଇଁ ୧୦-୧୫ ଦିନ ସମୟ ଦେଇଥିଲେ।

**୨୦୨୬ ଫେବୃଆରୀ ୨୮:** କୌଣସି ସମାଧାନ ନ ହେବାରୁ ଟ୍ରମ୍ପ 'ବଡ଼ ଧରଣର ସାମରିକ ଅଭିଯାନ' ଘୋଷଣା କରିଛନ୍ତି ଏବଂ ଇସ୍ରାଏଲ ସହ ମିଶି ଇରାନ ଉପରେ ଆକ୍ରମଣ ଜାରି ରଖିଛନ୍ତି।

## ଉଦ୍‌ବେଗ ଜଣାଇଲା ଭାରତ; ସଂଯମ ରକ୍ଷା ପାଇଁ ପରାମର୍ଶ

ନୂଆଦିଲ୍ଲୀ, ୨୮।୨: ଇରାନ ଉପରେ ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣ ନେଇ ଭାରତ ଉଦ ।।ବେଗ ପ୍ରକାଶ କରିଛି। ସଂଯମ ରକ୍ଷା କରିବା ଲାଗି ଉଭୟ ପକ୍ଷକୁ ପରାମର୍ଶ ଦେଇଛି ଭାରତର ବୈଦେଶିକ ବିଭାଗ। କୁଟନୀତି ଓ ଆଲୋଚନା ମାଧ୍ୟମରେ ବିବାଦର ସମାଧାନ ପାଇଁ ପରାମର୍ଶ ଦେଇଛି।

ଇରାନରେ ମିଳିତ ଆକ୍ରମଣ ପରେ ଉପସାଗରୀୟ କ୍ଷେତ୍ରରେ ଉତ୍ତେଜନା ବୃଦ୍ଧି ପାଇଛି। ସ୍ଥିତିକୁ ଦେଖି ଭାରତ ସରକାର ସତର୍କ ହୋଇଯାଇଛନ୍ତି। ଇରାନ, ଇସ୍ରାଏଲ ସମେତ ଉପସାଗରୀୟ ଦେଶରେ ରହୁଥିବା ନାଗରିକଙ୍କ ପାଇଁ ମାର୍ଗଦର୍ଶିକା ଜାରି କରି ଘରେ ରହିବାକୁ ପରାମର୍ଶ ଦେଇଛନ୍ତି। ଇରାନ, ଇସ୍ରାଏଲ ସମେତ ୟୁଏଇ, ସାଉଦି ଆରବ, ଜୋର୍ଡାନ, ବାହାରିନ ଏବଂ ପାଲେଷ୍ଟାଇନ ସ୍ଥିତ ଭାରତୀୟ ଦୂତାବାସ ନିଜ ନାଗରିକଙ୍କୁ ସତର୍କ ରହିବାକୁ ଏବଂ ଅନାବଶ୍ୟକ ଯାତ୍ରାରୁ ଦୂରେଇ ରହିବାକୁ କହିଛନ୍ତି। ଭାରତୀୟ ପର୍ଯ୍ୟଟକଙ୍କୁ ତୁରନ୍ତ ଜୋର୍ଡାନ ଛାଡ଼ିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି। ଭାରତ ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ ଏହି ଦେଶଗୁଡ଼ିକର ସ୍ଥିତି ଉପରେ ତୀକ୍ଷଣ ନଜର ରଖାଯାଇଛି। ସ୍ଥାନୀୟ ପ୍ରଶାସନ ସହ ଦୂତାବାସ ଯୋଗାଯୋଗ କରୁଛି। ଆବଶ୍ୟକ ପଡ଼ିଲେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ। ବର୍ତ୍ତମାନ ପରିସ୍ଥିତିରେ ଭୟଭୀତ ହେବା ପରିବର୍ତ୍ତେ ଭାରତୀୟ ସତର୍କ ରହିବା ଜରୁରୀ। କେବଳ ଆନୁଷ୍ଠାନିକ ସୂଚନାକୁ ଭରସା କରିବାକୁ କୁହାଯାଇଛି। କୌଣସି ଆପତ୍ତି ଥିଲେ ସମ୍ବନ୍ଧିତ ଦୂତାବାସ ସହ ଯୋଗାଯୋଗ କରିବାକୁ ନାଗରିକଙ୍କୁ ନିବେଦନ କରାଯାଇଛି। ସୂଚନା ଅନୁଯାୟୀ, ଜାନୁଆରୀ ଯାଏଁ ଇରାନରେ ପ୍ରାୟ ୧୦ ହଜାର ଭାରତୀୟ ରହୁଥିଲେ। ଏମାନଙ୍କ ମଧ୍ୟରେ ସିଂହ ଭାଗ ଛାତ୍ରଛାତ୍ରୀ ସାମିଲ ଥିଲେ। ସମସ୍ତେ ମେଡିକାଲ ଏବଂ ଅନ୍ୟ ପାଠକ୍ରମ ପଢ଼ିବାକୁ ଯାଇଥିଲେ। ସେହିପରି ଇସ୍ରାଏଲରେ ୪୧ ହଜାର ଭାରତୀୟ ଅଛନ୍ତି। ନିକଟସ୍ଥ ଆଶ୍ରୟସ୍ଥଳର ସୂଚନା ରଖିବାକୁ ଏଠାକାର ଦୂତାବାସ ନାଗରିକଙ୍କୁ କହିଛି। ଜରୁରୀ ସ୍ଥିତିରେ ସ୍ଥାନୀୟ ପ୍ରଶାସନର ନିର୍ଦ୍ଦେଶ ପାଳନ ଜରୁରୀ ବୋଲି କୁହାଯାଇଛି।



## ଖାମେନେଇଙ୍କୁ ନେଇ ସସ୍‌ପେନ୍ସ ଜାରି

ତେହରାନ, ୨୮ ।୨(ଏଜେନ୍ସି): ଇରାନର ସର୍ବୋଚ୍ଚ ଶାସକ ଅୟତୁଲ୍ଲା ଅଲ ଖାମେନେଇଙ୍କୁ ଅଫିସକୁ ନିଶାଣ କରି ଆମେରିକା ଏବଂ ଇସ୍ରାଏଲ ଆକ୍ରମଣ କରିଛନ୍ତି। ଏଠାରେ କ୍ଷେପଣାସ୍ତ୍ର ମାଡ଼ କରାଯାଇଛି। ଏହା ପରଠାରୁ ଖାମନେଇ କୁଆଡେ ଗଲେ ବୋଲି ଚର୍ଚ୍ଚା ହେଉଛି। ଏବେ ଖାମନେଇ ଜୀବିତ ନା ମୃତ? ଯଦି ଜୀବିତ କେଉଁଠି ଅଛନ୍ତି? ଦେଶ ଛାଡ଼ି ପଳାଇ ନାହାନ୍ତି ତ, ଏଭଳି ଅନେକ ପ୍ରଶ୍ନ ଉଠୁଛି। ପୂର୍ବରୁ ଖାମନେଇଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଥିବା ରିପୋର୍ଟ ଆସିଥିଲା। ମାତ୍ର ଏବେ ଖାମନେଇ ତେହରାନ ଛାଡ଼ି ଦେଇଥିବା ସରକାରୀ ସୂତ୍ରରୁ କୁହାଯାଇଛି। କିନ୍ତୁ ସେ କେତେବେଳେ ଏବଂ କେଉଁଥିରେ ରାଜଧାନୀ ଛାଡ଼ି ଗଲେ ତାହା ଜଣାନାହିଁ। ସେ କେଉଁଠି ଅଛନ୍ତି ତାହା ମଧ୍ୟ ଜଣା ନାହିଁ। ଏ ସମ୍ପର୍କରେ ସରକାରଙ୍କ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ଦିଆଯାଇ ନାହିଁ। ମାତ୍ର ଖାମନେଇଙ୍କ ଅନୁପସ୍ଥିତି ଅନେକ ପ୍ରଶ୍ନ ସୃଷ୍ଟି କରୁଛି। ପୂର୍ବରୁ ଇରାନକୁ ଆକ୍ରମଣର ସୂଚନା ଦିଆଯାଇଥିଲା କି ବୋଲି ପ୍ରଶ୍ନ ଉଠିଛି। ଯଦି ସୂଚନା ଦିଆଯାଇ ନ ଥିଲା ଆକ୍ରମଣ ମଧ୍ୟରେ ଖାମନେଇ କେମିତି ତେହରାନ ଛାଡ଼ି ପଳାଇଲେ? ଆକ୍ରମଣ ପୂର୍ବରୁ ପଳାଇ ଥିଲେ ନା ପରେ ଗଲେ? ଯଦି ସେ ଜୀବିତ ତେବେ କି ପଦକ୍ଷେପ ଗ୍ରହଣ କରିବେ? ଆମେରିକା ଏବଂ ଇସ୍ରାଏଲ ଉପରେ ଆକ୍ରମଣ ଜାରି ରଖିବେ ନା ଆଲୋଚନା ମାଧ୍ୟମରେ ଝଗଡ଼ା ବନ୍ଦ କରିବାକୁ ପ୍ରୟାସ କରିବେ? ସୂଚନା ଅନୁଯାୟୀ, ଆମେରିକା ଆକ୍ରମଣରେ ଇରାନ ପ୍ରତିରକ୍ଷା ମନ୍ତ୍ରୀ ଅମିର ନାସିରଜାଦେହ ଏବଂ ରିଭୋଲ୍ୟୁସନାରୀ ଗାର୍ଡର କମାଣ୍ଡର ମହମ୍ମଦ ପାକପୋର ପ୍ରାଣ ହରାଇଛନ୍ତି। ରାଷ୍ଟ୍ରପତି ମାସୁଦ ପେଜସକିଆନଙ୍କ ଅଫିସ ଉପରେ ମଧ୍ୟ ଆକ୍ରମଣ କରାଯାଇଥିଲା। ମାତ୍ର ସେ ଅଳ୍ପକେ ବର୍ତ୍ତି ଯାଇଥିବା କୁହାଯାଉଛି। ଇସ୍ରାଏଲ ପ୍ରତିରକ୍ଷାମନ୍ତ୍ରୀ କାଟ୍‌ଜ ମଧ୍ୟ ଖାମନେଇଙ୍କ ଅଫିସକୁ ନିଶାଣ କରାଯାଇଥିବା ସ୍ପଷ୍ଟ କରିଛନ୍ତି। ତେବେ ସେ ଖାମନେଇଙ୍କ ବିଷୟରେ କିଛି ସୂଚନା ଦେଇନାହାନ୍ତି। ସେ ଜୀବିତ ଥିବା ଇରାନ ଗଣମାଧ୍ୟମ ପକ୍ଷରୁ କୁହାଯାଇଛି। ମାତ୍ର ଏ ବିଷୟରେ ସବିଶେଷ ବିବରଣୀ ଦିଆଯାଇ ନାହିଁ। ଅନ୍ୟପଟେ ଇରାନର ସାମରିକ ଓ ରାଜନୈତିକ ନେତୃତ୍ୱଙ୍କୁ ନିଶାଣ କରି ଆମେରିକା ଏବଂ ଇସ୍ରାଏଲ ଆକ୍ରମଣ କରିଥିଲେ ବୋଲି କୁହାଯାଉଛି। ସରକାର ଭୁଶୁଡ଼ାଇ ନେତୃତ୍ୱ ପରିବର୍ତ୍ତନ କରିବା ଏହାର ଉଦ୍ଦେଶ୍ୟ। ଏହା ପୂର୍ବର ଇରାନରେ ଜେନ ଜେଡ ଆନ୍ଦୋଳନ ଚାଲିଥିଲା। ଏହାକୁ ଦମନ କରିବା ପାଇଁ ଖାମନେଇ ଅନ୍ୟ ଦେଶରୁ ଭଡ଼ାଟିଆ ସୈନ୍ୟ ମଗାଇ ଥିଲେ। ଏମାନେ ଆନ୍ଦୋଳନକାରୀଙ୍କୁ ଗୁଳି ମାରି ଆନ୍ଦୋଳନକୁ ଦମନ କରିଥିଲେ। ଏଥିରେ ୩୦ ହଜାରରୁ ଅଧିକ ଲୋକଙ୍କୁହ ହତ୍ୟା କରାଯାଇଥିବା ଆମେରିକା ଦାବି କରିଥିଲା। ମାତ୍ର ଇରାନ ୨୫୦୦ରୁ ୩ ହଜାର ମୃତ୍ୟୁ ହୋଇଥିବା କହିଥିଲା। ଏହାକୁ ନେଇ ଜନତାଙ୍କ ମଧ୍ୟରେ କ୍ରୋଧ ଜାରି ରହିଥିବାବେଳେ ଆମେରିକା ଏବଂ ଇସ୍ରାଏଲ ଆକ୍ରମଣ କରିଛନ୍ତି। ଇସ୍ରାଏଲ ପ୍ରଧାନମନ୍ତ୍ରୀ ଲୋକଙ୍କୁ ବିଦ୍ରୋହ ପାଇଁ ଉସୁକାଉଛନ୍ତି।

## ଇରାନରେ ଇଣ୍ଟରନେଟ୍ ସେବା ବନ୍ଦ

ତେହରାନ, ୨୮ ।୨(ଏଜେନ୍ସି): ଏବେ ଇରାନରେ ଇଣ୍ଟରନେଟ ସମ୍ପୂର୍ଣ୍ଣ ବନ୍ଦ ରହିଛି। କେବଳ ୪ ପ୍ରତିଶତ ଇଣ୍ଟରନେଟ କନେକ୍ସନ କାମ କରୁଛି। ଏପରି ସମୟରେ ଇରାନ ସମର୍ଥିତ ହୁତି ବିଦ୍ରୋହୀ ଗୋଷ୍ଠୀ ଇସ୍ରାଏଲରେ କ୍ଷେପଣାସ୍ତ୍ର ଏବଂ ଡ୍ରୋନ ଆକ୍ରମଣ ପାଇଁ ନିଷ୍ପତ୍ତି ନେଇଛି। ସମୁଦ୍ର ମାର୍ଗ ଦେଇ ଇସ୍ରାଏଲ ଉପରେ ଆକ୍ରମଣ କରାଯିବ ବୋଲି କୁହାଯାଇଛି। ଏହା ମଧ୍ୟରେ ଇରାନର ନିର୍ବାସିତ ରାଜା ପହଲଭି କହିଛନ୍ତି ଯେ ଜନତାକୁ ଯାହା ପ୍ରତିଶ୍ରୁତି ଦେଇଥିଲୁ ତାହା ପୂରଣ କରୁଛୁ। ସେ ଏହି ଆକ୍ରମଣକୁ ମାନବୀୟ ସହାୟତା କହିଛନ୍ତି। ନିଶାଣରେ ଇରାନର ଇସଲାମିଲ ଶାସନ ରହିଛି ବୋଲି କହିଛନ୍ତି।

ଆଜିର ଆକ୍ରମଣ।।ରେ ଆମେରିକା ଏବଂ ଇସ୍ରାଏଲ ଷ୍ଟିଲ୍‌ଥ ଏୟାରକ୍ରାଫ୍ଟ, ଦୀର୍ଘ ଦୂରଗାମୀ କ୍ରୁସ୍ ମିସାଇଲ, ଟମ୍ ହକ୍, ବଙ୍କର ବ୍ଲଷ୍ଟର, ବାଲିଷ୍ଟିକ କ୍ଷେପଣାସ୍ତ୍ର, ସଠିକ୍ ଲକ୍ଷ୍ୟଭେଦ କରିପାରୁଥିବା ଅସ୍ତ୍ରଶସ୍ତ୍ର ଏବଂ ସଶସ୍ତ୍ର ଡ୍ରୋନ ବ୍ୟବହାର କରିଛି।

## ନବୀନଙ୍କ ମାଷ୍ଟର ଷ୍ଟ୍ରୋକ୍
# ବିଗିଡ଼ିଗଲା ବିଜେପି ଗଣିତ
## ଆଜି ବିଜେପିର ପ୍ରାର୍ଥୀ ଘୋଷଣା, ସୋମବାର ନାମାଙ୍କନ

ଭୁବନେଶ୍ୱର,୨୮ ।୨(ସମିସ): ରାଜ୍ୟସଭା ନିର୍ବାଚନ ପାଇଁ ଆସନ୍ତା ୫ ତାରିଖ ନାମାଙ୍କନ ପ୍ରକ୍ରିୟାର ଶେଷଦିନ । ମାତ୍ର ଏଯାଏ ବିଜେପି ନିଜ ପ୍ରାର୍ଥୀଙ୍କ ନାମ ଘୋଷଣା କରିନାହିଁ। ରାଜ୍ୟ କୋର କମିଟି ପଠାଇଥିବା ନାମ ସମ୍ପର୍କରେ ଦଳର ସଂସଦୀୟ ବୋର୍ଡ଼ ବିଚାରବିମର୍ଶ ଚଳାଇଛି। ଏହି ସମୟରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଆଗୁଆ ପ୍ରାର୍ଥୀ ଘୋଷଣା ବିଜେପିର ୩ ଆସନ ଦଖଲ ଅଭିଯାନରେ ବଡ଼ ପ୍ରତିବନ୍ଧକ ସୃଷ୍ଟି କରିଛି। ବିଜେଡି ନିଜ ସଂଖ୍ୟାନୁସାରେ ଗୋଟିଏ ଆସନ ଜିତି ଶାନ୍ତିରେ ବସିବ ଓ ବିଜେପି ସହଜରେ ୪ର୍ଥ ଆସନଟି ଜିତିବ ବୋଲି ବିଜେପିର ଅନେକ ନେତା ମନେ କରିଥିଲେ। ମାତ୍ର ବିଜେଡିର ୬ ସେଟ୍ ମନୋନୟନ ପତ୍ର ନେବା ଘଟଣାରୁ ନବୀନଙ୍କ ମାଷ୍ଟର ଷ୍ଟ୍ରୋକ୍‌କୁ ଆକଳନ କରି ନ ପାରିବା ବିଜେପିର ସବୁ ଗଣିତକୁ ଗଡ଼ବଡ଼ କରି ଦେଇଛି।

ଶାସକ ବିଜେପି ଏଯାବତ୍ ନିଜର ରାଜ୍ୟସଭା ପ୍ରାର୍ଥୀଙ୍କ ନାମ ଘୋଷଣା କରି ନ ପାରିବା ସାଧାରଣରେ ଆଶ୍ଚର୍ଯ୍ୟ ସୃଷ୍ଟି ହୋଇଛି। ସଂସଦୀୟ କମିଟିକୁ ପଠା ଯାଇଥିବା ୬ଟି ନାମରୁ ୩ଟି ନାମ ଚୂଡ଼ାନ୍ତ କରାଯିବାକୁ ରାଜ୍ୟ କୋର କମିଟି ଅନୁରୋଧ କରିଛି। ମାତ୍ର ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ରାଜ୍ୟ ସଭାପତି ମନମୋହନ ରାଜ୍ୟସଭା ଯିବାକୁ ଇଚ୍ଛୁକ ହେଉ ନାହାନ୍ତି। ପୂର୍ଣ୍ଣିମା କେର୍କେଟାଙ୍କ ନାମକୁ ଦଳର ଏକ ପ୍ରଭାବଶାଳୀ ଗୋଷ୍ଠୀ ବିରୋଧ କରୁଛନ୍ତି ଓ ସୁଜିତ୍ କୁମାରଙ୍କ ପ୍ରାର୍ଥୀତ୍ୱକୁ ନେଇ ଦଳରେ ସହମତି ହୋଇପାରୁ ନାହିଁ। ତେଣୁ ସଂସଦୀୟ କମିଟି ମଧ୍ୟ ଏ ସମ୍ପର୍କରେ ନିଷ୍ପତ୍ତି ନେଇପାରୁ ନାହାନ୍ତି । ଏପରି ସମୟରେ ଚତୁର୍ଥ ଆସନ ପାଇଁ ବିଜେଡି ପ୍ରାର୍ଥୀ ଘୋଷଣା କରିବା ବିଜେପିର ଅକଲ ଗୁଡୁମ କରିଦେଇଛି। ଚତୁର୍ଥ ଆସନ ହାତେଇବାକୁ ବିଜେପି ରଣନୀତି ପ୍ରସ୍ତୁତ କରୁଥିବା ବେଳେ ଡାକ୍ତର ଦତ୍ତେଶ୍ୱର ହୋତାଙ୍କ ପରି ଜଣେ ବିଶିଷ୍ଟ ଚିକିତ୍ସକଙ୍କ ନାମ ନବୀନ ପ୍ରାର୍ଥୀ ରୂପେ ଘୋଷଣା କରିବା ଓ ତାଙ୍କୁ କଂଗ୍ରେସ ସମର୍ଥନ ଘୋଷଣା କରିବା ବିଜେପିକୁ ଅଡୁଆରେ ପକାଇ ଦେଇଛି। ତେଣୁ ବିଜେପି ୨ ନା ୩ ପ୍ରାର୍ଥୀଙ୍କ ନାମ ଘୋଷଣା କରୁଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି ।

ବିଧାନସଭା ସଚିବାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଆସନ୍ତାକାଲି ରବିବାର ଛୁଟି । ହୋଲି ଯୋଗୁଁ ମଙ୍ଗଳବାର ଓ ବୁଧବାର ଦିନ ସରକାରୀ ଛୁଟି । ଏହି ତିନିଦିନକୁ ଛାଡ଼ିଦେଲେ କେବଳ ସୋମବାର ଓ ଗୁରୁବାର ଦୁଇଟି କାର୍ଯ୍ୟଦିବସରେ ରିଟର୍ଣ୍ଣିଂ ଅଫିସରଙ୍କ ନିକଟରୁ ମନୋନୟନ ପତ୍ର ଗ୍ରହଣ ସହ ନାମାଙ୍କନ ପତ୍ର ଦାଖଲ କରାଯାଇପାରିବ। ତେଣୁ ରବିବାର ବିଜେପି ପ୍ରାର୍ଥୀ ଘୋଷଣା କରିବାର ସମ୍ଭାବନା ରହିଛି ଓ ଦଳୀୟ ପ୍ରାର୍ଥୀ ସୋମବାର ନାମାଙ୍କନ ଦାଖଲ କରିପାରନ୍ତି । ଯଦି ତାହା ସମ୍ଭବ ନ ହୁଏ, ତେବେ ଦଳୀୟ ପ୍ରାର୍ଥୀଙ୍କୁ ଗ୍ରହଣର ଅଶୁଭ କାଳରେ ନାମାଙ୍କନ ପତ୍ର ଦାଖଲ କରିବାକୁ ପଡ଼ିବ ବୋଲି କୁହାଯାଉଛି ।

# କାଳ ହେଲା ଉଚ୍ଚାକାଂକ୍ଷା

ଭୁବନେଶ୍ୱର,୨୮ ।୨(ସମିସ): ନିଜ କର୍ମରୁ ଅଧିକ ଲୋଡୁଥିବା ବ୍ୟକ୍ତିମାନେ ସର୍ବଦା ଲୋକହସା ହୁଅନ୍ତି । ଅତୀତରେ ଏହାର ଅନେକ ଉଦାହରଣ ଦେଖିବାକୁ ମିଳିଛି ଓ ଏବେ ଅନୁରୂପ ଆଉ ଏକ ଘଟଣାର ଅବତାରଣା ଘଟିଛି । ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳଙ୍କୁ ବିଜେଡି ଆଜି ଦଳରୁ ବହିଷ୍କାର କରିବା ପରେ କଟକରେ ଏପରି ଆଲୋଚନା ଦାନା ବାନ୍ଧିଛି । ଦଳ ବିରୋଧୀ କାର୍ଯ୍ୟ ଓ ବିଶୃଙ୍ଖଳିତ ଆଚରଣ ପାଇଁ ତାଙ୍କୁ ତତ୍କ୍ଷଣାତ୍ ବିଜେଡିରୁ ନିଲମ୍ବିତ କରାଯାଇଛି ।

ସୂଚନା ଅନୁସାରେ ଗତକାଲି ବିଧାୟକମାନଙ୍କ ସହ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ବିଭିନ୍ନ ପ୍ରସଙ୍ଗରେ ବୈଠକ କରିଥିଲେ ଓ ସେମାନଙ୍କୁ ପୁଣି ଆଜି ପୂର୍ବାହ୍ନରେ ନବୀନ ନିବାସରେ ପହଞ୍ଚିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଧାୟକମାନଙ୍କ ସହ ରାଜ୍ୟସଭା ନିର୍ବାଚନ ଓ ପ୍ରାର୍ଥିତ୍ୱ ସମ୍ପର୍କରେ ଆଲୋଚନା ପରେ ନବୀନ ଡ. ସନ୍ତୃପ୍ତ ମିଶ୍ର ଓ ଡା. ଦତ୍ତେଶ୍ୱର ହୋତାଙ୍କ ନାମ ଘୋଷଣା କରିଥିଲେ। ଏହି ସମୟରେ ପ୍ରଭାତ ବିଶ୍ୱାଳ ସେଠାରେ ପହଞ୍ଚିଥିଲେ। ସେ ବିଧାୟକ ନ ଥିବାରୁ ଅନ୍ୟମାନେ ତାଙ୍କୁ କୋଠରୀରୁ ବାହାର କରି ଦେଇଥିଲେ। ଏହାପରେ ପ୍ରଭାତ ବିଶ୍ୱାଳ ବାହାରକୁ ଆସି ସନ୍ତୃପ୍ତଙ୍କ ବିରୋଧରେ ବିଷୋଦଗାର କରିଥିଲେ ।

ତେଣୁ ଦଳରେ ଶୃଙ୍ଖଳାକୁ ସର୍ବାଧିକ ଗୁରୁତ୍ୱ ଦେଉଥିବା ନବୀନ ତାଙ୍କୁ ତୁରନ୍ତ ବହିଷ୍କାର ପାଇଁ ନିର୍ଦ୍ଦେଶ ଦେଇଥିଲେ । ଯିଏ ଯେତେ ପ୍ରଭାବଶାଳୀ ହୁଅନ୍ତୁ ପଛେ, ଶୃଙ୍ଖଳା ସର୍ବପ୍ରଥମ ବୋଲି ନବୀନ ସର୍ବଦା କହି ଆସିଛନ୍ତି । ଅତୀତରେ ଅନେକ ବଡ଼ବଡ଼ ନେତାଙ୍କୁ ଏଥିପାଇଁ ଦଳରୁ ବହିଷ୍କାର କରାଯାଇଛି ଏବଂ ପ୍ରଭାତ ଏହାର ସଦ୍ୟତମ ଉଦାହରଣ ବୋଲି କୁହାଯାଉଛି । କେବଳ ପ୍ରଭାତ ବିଶ୍ୱାଳ ନୁହନ୍ତି, ଅତୀତରେ ଅନୁରୂପ କାର୍ଯ୍ୟ ପାଇଁ କଟକ ଜିଲ୍ଲାର ଅନ୍ୟଜଣେ ବିଧାୟକ ପ୍ରଭାତ ତ୍ରିପାଠୀ ମଧ୍ୟ ବିଜେଡିରୁ ବହିଷ୍କୃତ ହୋଇଥିଲେ। ବିଭିନ୍ନ ପ୍ରସଙ୍ଗରେ ବିବାଦୀୟ ପ୍ରଭାତ ତ୍ରିପାଠୀଙ୍କ ପରିବର୍ତ୍ତେ ତାଙ୍କ ସ୍ଥାନରେ ପୁଅକୁ ବିଜେଡି ବାଙ୍କୀ ବିଧାନସଭା ପାଇଁ ଟିକଟ ଦେଇଥିଲା। ମାତ୍ର ଏଥିରେ ପ୍ରଭାତ ସନ୍ତୁଷ୍ଟ ନ ଥିଲେ ଓ ଦଳ ବିରୋଧୀ ଶକ୍ତିଗୁଡ଼ିକ ସହ ହାତ ମିଳାଇ ନିଜ ଉଚ୍ଚାକାଂକ୍ଷା ପୂରଣ ପାଇଁ ଲାଗି ପଡ଼ିଥିଲେ । ବିଭିନ୍ନ ସମୟରେ ଦଳ ବିରୋଧୀ କାର୍ଯ୍ୟ ଓ ଦଳୀୟ ନେତାଙ୍କୁ ବିଭିନ୍ନ ସମୟରେ ସମାଲୋଚନା ପାଇଁ ତାଙ୍କୁ ବହୁମୂଲ୍ୟ ଦେବାକୁ ପଡ଼ିଥିଲା ଓ ବିଜେଡି ତାଙ୍କୁ ଦଳରୁ ବହିଷ୍କାର କରିଥିଲା ।

ଅନୁରୂପ ଭାବରେ ଉଚ୍ଚାକାଂକ୍ଷା କଂଗ୍ରେସର ପୂର୍ବତନ ବିଧାୟକ ତଥା କଟକ ସହରର ଅନ୍ୟତମ ପ୍ରଭାବଶାଳୀ ନେତା ମହମ୍ମଦ ମୋକିମ୍‌ଙ୍କ ପାଇଁ ଘାତକ ହୋଇଛି। ଏକ ସମୟରେ ମହମ୍ମଦ ମୋକିମ୍ ପିସିସି ସଭାପତି ଦୌଡ଼ରେ ସବୁଠୁ ଆଗରେ ଥିଲେ । ମାତ୍ର ଏଆଇସିସି ଭକ୍ତ ଦାସଙ୍କୁ ପିସିସି ସଭାପତି ଘୋଷଣା କରିବା ପରେ ମୋକିମ୍ ଆରମ୍ଭ କରିଥିଲେ ବିଦ୍ରୋହ । ଯେଉଁଥିପାଇଁ ମୋକିମ୍‌ଙ୍କୁ ଦଳ ବହିଷ୍କାର କରିଛି ଓ ସେ ନିଜେ ଏକ ରାଜନୈତିକ ଦଳ ଗଠନ ପାଇଁ ପ୍ରୟାସ ଚଳାଇଛନ୍ତି। ମାର୍ଚ୍ଚ ମାସରେ ଓଡ଼ିଶା ଲୋକ କଂଗ୍ରେସ ଗଠନ ପୂର୍ବରୁ ରାଜ୍ୟସାରା ଘୂରିଘୂରି ଏଥିପାଇଁ ନେତାଙ୍କ ସହ ସମ୍ପର୍କ ସ୍ଥାପନ କରିଛନ୍ତି ।

## ବ୍ରହ୍ମପୁର ରେଳ ଷ୍ଟେସନରେ ଠକଙ୍କ ଉତ୍ପାତ
# ସିବିଆଇ କହି ନେଇଗଲେ କୋଟିଏ ଟଙ୍କାର ସୁନା

ବ୍ରହ୍ମପୁର,୨୮ ।୨(ସମିସ): ବ୍ରହ୍ମପୁର ରେଳଷ୍ଟେସନ୍‌ରେ ସିବିଆଇ ଯାଞ୍ଚ ନାଁରେ ଜଣେ ବ୍ୟବସାୟୀଙ୍କଠାରୁ ପ୍ରାୟ ୧କୋଟି ଟଙ୍କାର ସୁନା ଅଳଙ୍କାର ଲୁଟ୍ ହୋଇଛି। ଲୁଟ୍‌ର ଶିକାର ବ୍ୟବସାୟୀଜଣଙ୍କ ହେଲେ, ଆନ୍ଧ୍ରପ୍ରଦେଶ ବିଶାଖାପାଟଣାର ହସମୁଖ ଜୈନ। ନିଜକୁ ସିବିଆଇ ଅଧିକାରୀ ପରିଚୟ ଦେଇ ୩ଜଣ ଧୂର୍ତ୍ତ କୌଶଳକ୍ରମେ ତାଙ୍କଠାରୁ ସୁନା ଅଳଙ୍କାର ଭର୍ତ୍ତି ବ୍ୟାଗ୍ ନେଇ ଚମ୍ପଟ ମାରିଛନ୍ତି। ଘଟଣା ସମ୍ପର୍କରେ ବ୍ରହ୍ମପୁର ଜିଆରପି ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଲୁଟ୍ ପଛରେ ପରିଚିତ ଲୋକଙ୍କ ହାତ ରହିଥିବା ସନ୍ଦେହ କରାଯାଉଛି।

ସୂଚନାନୁସାରେ, ବ୍ରହ୍ମପୁରର ଖାସପା ସାହିଠାରେ ହସମୁଖଙ୍କ ଏକ ଅଳଙ୍କାର ଡିଜାଇନ୍ ଦୋକାନ ଅଛି। ସେଠାରେ ସେ ସୁନା ତରଳାଇ ବିଭିନ୍ନ ଡିଜାଇନ୍‌ର ହାର, ଚେନ୍, ମାଳି ଆଦି ପ୍ରସ୍ତୁତ କରିଥା'ନ୍ତି। ୩ ଦିନ ତଳେ ହସମୁଖ ଓ ତାଙ୍କ ଦୋକାନର ଜଣେ କର୍ମଚାରୀ ବିଶାଖାପାଟଣା ଯାଇଥିଲେ। ସେଠାରୁ ସୁନା ଓ ଅଳଙ୍କାର ଏକ ବ୍ୟାଗ୍‌ରେ ଧରି କୋଣାର୍କ ଏକ୍ସପ୍ରେସ୍‌ରେ ଆସି ବ୍ରହ୍ମପୁର ରେଳଷ୍ଟେସନ୍‌ରେ ପହଞ୍ଚିଥିଲେ। ରାତି ପ୍ରାୟ ସାଢ଼େ ୯ଟା ବେଳେ ଟ୍ରେନ୍‌ରୁ ଓହ୍ଲାଇ ଉଭୟ ଷ୍ଟେସନ୍ ବାହାରେ ପାର୍କିଂସ୍ଥଳକୁ ଯାଉଥିବା ବେଳେ ୩ ଜଣ ବ୍ୟକ୍ତି ହଠାତ୍ ତାଙ୍କ ନିକଟରେ ପହଞ୍ଚିଥିଲେ। ସେମାନେ ନିଜକୁ ସିବିଆଇ ଅଧିକାରୀ ବୋଲି ପରିଚୟ ଦେବା ସହ ଚୋରା ସୁନା କାରବାରକୁ ନେଇ ଯାଞ୍ଚ କରାଯିବ ବୋଲି ହସମୁଖଙ୍କୁ କହିଥିଲେ। ଏଥିରେ ହସମୁଖ ଭୟଭୀତ ହେବା ସହ ନିଜ ସୁନା ଭର୍ତ୍ତି ବ୍ୟାଗ୍‌କୁ ସେମାନଙ୍କୁ ଯାଞ୍ଚ ପାଇଁ ଦେଇଥିଲେ। ପରେ, ସେହି ନକଲି ସିବିଆଇ ଅଧିକାରୀମାନେ ବ୍ୟାଗ୍‌କୁ ଧରି ଟିକେ ଦୂରକୁ ଚାଲି ଯାଇଥିଲେ। କିଛି ସମୟ ପରେ ସେମାନେ କୁଆଡ଼େ ଗାୟବ ହୋଇଯାଇଥିଲେ। ହସମୁଖ ଓ ତାଙ୍କ କର୍ମଚାରୀ ରେଳଷ୍ଟେସନ୍ ବାହାରେ କିଛି ସମୟ ଅପେକ୍ଷା କରିବା ପରେ ଖାସପା ସାହିକୁ ଫେରିଥିଲେ। କାଳେ ସିବିଆଇ ପକ୍ଷରୁ ଚଢ଼ଉ କରାଯିବ, ସେନେଇ ଚିନ୍ତାରେ ରହିଥିଲେ। ହେଲେ ତା' ପରଦିନ ସନ୍ଧ୍ୟା ଯାଏ ସିବିଆଇ ପକ୍ଷରୁ କୌଣସି ଚଢ଼ଉ କିମ୍ବା ବ୍ୟାଗ୍ ଫେରସ୍ତ ନ ମିଳିବାରୁ ହସମୁଖଙ୍କ ସନ୍ଦେହ ହୋଇଥିଲା। ଏନେଇ ସେ ଜିଆର୍‌ପି ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# ନବୀନଙ୍କୁ କୃତଜ୍ଞତା ଜଣାଇଲେ ସଂତୃପ୍ତ ଓ ଦତ୍ତେଶ୍ୱର

- ରାଜ୍ୟସ୍ୱାର୍ଥ ପ୍ରସଙ୍ଗକୁ ଶାଣିତ ଢଙ୍ଗରେ ସଂସଦରେ ଉପସ୍ଥାପିତ କରିବି: ସଂତୃପ୍ତ
- ସବୁ ରାଜନୈତିକ ଦଳକୁ ସହଯୋଗ ଲାଗି ଅନୁରୋଧ କରୁଛି: ଦତ୍ତେଶ୍ୱର

ଭୁବନେଶ୍ୱର,୨୮ ।୨(ସମିସ): ରାଜ୍ୟସଭା ପ୍ରାର୍ଥୀ ରୂପେ ଡ. ସଂତୃପ୍ତ ମିଶ୍ର ଓ ଡା. ଦତ୍ତେଶ୍ୱର ହୋତାଙ୍କ ନାମ ଘୋଷଣା ପରେ ଉଭୟ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ଓଡ଼ିଶା ଓ ଦଳ ପାଇଁ କିଛି କରିପାରିବି ବୋଲି ମୋ ଉପରେ ବିଶ୍ୱାସ ରଖିଥିବାରୁ ମୁଁ ମୋ ଦଳର ନେତା ନବୀନ ପଟ୍ଟନାୟକ, ସମସ୍ତ ବିଧାୟକ ଓ ନେତାଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରୁଛି ବୋଲି କହିଛନ୍ତି ଡ. ସଂତୃପ୍ତ ମିଶ୍ର। ଓଡ଼ିଶାର ପୁରପଲ୍ଲୀଠାରୁ ଆରମ୍ଭ କରି ଦିଲ୍ଲୀ ଦରବାର ଯାଏଁ ବିଜେଡି ରାଜ୍ୟସ୍ୱାର୍ଥ ପାଇଁ ନିଜର ସ୍ୱର ଶାଣିତ ରଖିଆସିଛି। ନିର୍ବାଚନରେ ବିଜୟ ହାସଲ କଲେ ଏହି ସ୍ୱରକୁ ଆହୁରି ତୀବ୍ରତାର ସହ ମୁଁ ଉତ୍ଥାପନ କରିବି ବୋଲି ସେ କହିଛନ୍ତି।

ସେହିପରି ଡା. ଦତ୍ତେଶ୍ୱର ହୋତା ମଧ୍ୟ ନିଜ ପ୍ରାର୍ଥିତ୍ୱ ପାଇଁ ନବୀନଙ୍କୁ କୃତଜ୍ଞତା ଜଣାଇଛନ୍ତି। ସେ କହିଛନ୍ତି ଯେ ରାଜ୍ୟସଭା ପ୍ରାର୍ଥୀ ପରି ଏକ ବଡ଼ ସୁଯୋଗ ପ୍ରଦାନ କରିଥିବାରୁ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିକଟରେ ମୁଁ କୃତଜ୍ଞତା ଜ୍ଞାପନ କରୁଛି। ସୁଯୋଗ ମିଳିଲେ ମୋର ସମସ୍ତ ଜ୍ଞାନକୁ ମୁଁ ରାଜ୍ୟର ସ୍ୱାର୍ଥ ପାଇଁ ଉପଯୋଗ କରିବି । ସ୍ୱାସ୍ଥ୍ୟକ୍ଷେତ୍ରରେ କିପରି ଉନ୍ନତିକରଣ ହେବ ଏବଂ ଲୋକେ କିପରି ଉନ୍ନତେ ସେବା ପାଇପାରିବେ, ସେନେଇ ମୁଁ ପ୍ରାଣପ୍ରଣେ ଉଦ୍ୟମ କରିବି ବୋଲି ଉଲ୍ଲେଖ କରି ସବୁ ରାଜନୈତିକ ଦଳର ସମର୍ଥନ ଲୋଡ଼ିଛନ୍ତି ।

### ସଂକ୍ଷେପରେ ଡ. ସଂତୃପ୍ତ ମିଶ୍ର



ଡ. ସଂତୃପ୍ତ ମିଶ୍ର ଭାରତୀୟ କର୍ପୋରେଟ ଜଗତରେ ବେଶ୍ ପରିଚିତ ନାମ। ୨୦୨୪ ମସିହାରେ ସେ ଆଦିତ୍ୟ ବିର୍ଲା ଗ୍ରୁପରୁ ଗ୍ରୁପ ଡାଇରେକ୍ଟର(ହ୍ୟୁମାନ ରିସୋର୍ସେସ) ଏବଂ ବିର୍ଲା କାର୍ବନର ସିଇଓ ପଦରୁ ଇସ୍ତଫା ଦେଇ ବିଜେଡିରେ ଯୋଗଦାନ କରିଥିଲେ। ୨୦୨୪ ସାଧାରଣ ନିର୍ବାଚନରେ ସେ କଟକ ଲୋକସଭା ଆସନରୁ ପ୍ରତିଦ୍ୱନ୍ଦିତା କରିଥିଲେ ହେଁ ବିଜେପିପ୍ରାର୍ଥୀଙ୍କ ନିକଟରୁ ହାରି ଯାଇଥିଲେ। କର୍ପୋରେଟ୍ ଓ ମାନବସମ୍ବଳ କ୍ଷେତ୍ରରେ ତାଙ୍କର ପ୍ରାୟ ୩ ଦଶନ୍ଧିର ଅଭିଜ୍ଞତା ରହିଛି। ସେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ପବ୍ଲିକ୍ ଆଡିମିନିଷ୍ଟ୍ରେସନରେ ପିଏଚଡି କରିଥିବାବେଳେ ବ୍ରିଟେନର ଅଷ୍ଟନ୍ ବିଜନେସ ସ୍କୁଲରୁ ବି ଇଣ୍ଡଷ୍ଟ୍ରିଆଲ ରିଲେସନ୍ସରେ ପିଏଚ୍‌ଡି କରିଛନ୍ତି। ଏବେ ବିଜୁ ଜନତା ଦଳରେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ରାଜନୈତିକ ସଚିବ ସହ ଦଳର ଜାତୀୟ ମୁଖପାତ୍ର ଭାବେ ମଧ୍ୟ କାର୍ଯ୍ୟ କରୁଛନ୍ତି।

### ସଂକ୍ଷେପରେ ଡା. ଦତ୍ତେଶ୍ୱର ହୋତା



ଡାକ୍ତର ଦତ୍ତେଶ୍ୱର ହୋତା ଜଣେ ପ୍ରସିଦ୍ଧ ୟୁରୋଲୋଜିଷ୍ଟ । ଚଣ୍ଡୀଗଡ଼ ପିଜିଆଇଏମଇଆରରୁ ୟୁରୋଲୋଜିରେ ସୁପର ସ୍ପେଶିଆଲିଟି କୋର୍ସ-ଏମସିଏଚ କରିଛନ୍ତି। କିଡନୀ ଓ ମୂତ୍ର ରୋଗ ସର୍ଜନ ଭାବେ ତାଙ୍କର ୪୦ ବର୍ଷରୁ ଅଧିକ ଅଭିଜ୍ଞତା ରହିଛି। ସେ ପୂର୍ବରୁ କଟକ ଏସସିବି ମେଡିକାଲ କଲେଜରେ ୟୁରୋଲୋଜି ବିଭାଗ ମୁଖ୍ୟ, ଡିନ୍ ଓ ପ୍ରିନସପାଲ ରହିଛନ୍ତି। ରାଜ୍ୟରେ ୨୦୨୩ରେ ପ୍ରଥମେ ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ଖୋଲିବାବେଳେ ସେ ଏହାର ପ୍ରଥମ କୁଳପତି ଭାବେ ନିଯୁକ୍ତି ପାଇଥିଲେ। ପରେ ସେ ଗୋଟିଏ ଟ୍ରଷ୍ଟ ଗଢ଼ି ଦୁର୍ଗମ ଅଞ୍ଚଳରେ ଶତାଧିକ ଚିକିତ୍ସା ଶିବିର ଆୟୋଜନ କରିଛନ୍ତି। ରାଜ୍ୟରେ କିଡନୀ ଟ୍ରାନ୍ସପ୍ଲାଣ୍ଟ ଓ ଲିଭର ଟ୍ରାନ୍ସପ୍ଲାଣ୍ଟ ୟୁନିଟ୍ ପ୍ରତିଷ୍ଠାରେ ତାଙ୍କର ବେଶ୍ ଅବଦାନ ରହିଛି। ସେହିପରି ଜଟିଳ ଅସ୍ତ୍ରୋପଚାର କ୍ଷେତ୍ରରେ ତାଙ୍କର ଅବଦାନ ଅତୁଳନୀୟ ।

## ଗୋବିନ୍ଦ ଦ୍ୱାଦଶୀ
# ମହୋଦଧିରେ ବୁଡ଼ ପକାଇଲେ ସାଧୁସନ୍ଥ, ଶ୍ରଦ୍ଧାଳୁ



ପୁରୀ, ୨୮।୨ (ସମିସ): ପବିତ୍ର ଗୋବିନ୍ଦ ଦ୍ୱାଦଶୀରେ ମହୋଦଧିରେ ବୁଡ଼ ପକାଇଛନ୍ତି ଶହଶହ ସାଧୁସନ୍ଥ, ସେବାୟତ ଓ ଶ୍ରଦ୍ଧାଳୁ। ଏହି ଦିନ ସ୍ନାନ କଲେ ବହୁ ପୁଣ୍ୟ ଅର୍ଜନ ସହ ସମସ୍ତ ପାତକ ନାଶ ହୁଏ ବୋଲି ଶାସ୍ତ୍ର ପୁରାଣରେ ବର୍ଣ୍ଣିତ ରହିଛି। ତେଣୁ, ଏହି ଭକ୍ତି ଓ ବିଶ୍ୱାସକୁ ନେଇ ମହୋଦଧି ନାରାୟଣ ଅମାବାସ୍ୟା ଘାଟରେ ସାଧୁସନ୍ଥଙ୍କ ସହ ବହୁ ସ୍ଥାନୀୟ ଭକ୍ତ ଓ ପର୍ଯ୍ୟଟକ ପବିତ୍ର ସ୍ନାନ କରିଥିଲେ।

ଫାଲ୍‌ଗୁନ ଶୁକ୍ଳ ପକ୍ଷ ଦ୍ୱାଦଶୀ ତିଥିରେ ସୂର୍ଯ୍ୟ କୁମ୍ଭରାଶିରେ ଅବସ୍ଥାନ କରିଥିବାରୁ ଗୋବିନ୍ଦ ଦ୍ୱାଦଶୀ ସ୍ନାନ ଯୋଗ ପଡ଼ିଥିଲା। ଏହି ଯୋଗରେ ମହୋଦଧିରେ ବୁଡ଼ ପକାଇ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କଲେ ପୁଣ୍ୟ ଅର୍ଜନ ହୋଇଥାଏ। ଏହି ବୁଡ଼କୁ ସ୍ମରଣୀୟ ରଖିବା ପାଇଁ ସକାଳେ ସିଂହଦ୍ୱାରଠାରୁ ଏକ ବର୍ଣ୍ଣାଢ଼୍ୟ ଆଧ୍ୟାତ୍ମିକ ଶୋଭାଯାତ୍ରା ବାହାରିଥିଲା। ସିଂହଦ୍ୱାରଠାରେ ସନ୍ଥ ଓ ଭକ୍ତମାନେ ଏକାଠି ହୋଇଥିଲେ। ମହାପ୍ରଭୁଙ୍କ ଆଜ୍ଞାମାଳ ଆସିବା ପରେ ସଂକୀର୍ତ୍ତନିଆ ଭକ୍ତଙ୍କ ମେଳରେ ବିଭିନ୍ନ ମଠ ଓ ଜାଗାଘରର ନିଶାଣ ସହ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ବାଲିସାହି ଦେଇ ସମୁଦ୍ର କୂଳରେ ପହଞ୍ଚିବା ପରେ ନାରାୟଣ ଅମାବାସ୍ୟା ଘାଟରେ ପୂଜାର୍ଚ୍ଚନା କରାଯାଇଥିଲା। ଆଳତି କରାଯିବା ପରେ ସନ୍ଥ ଓ ସେବାୟତମାନେ ଏକାଠି ବୁଡ଼ ପକାଇଥିଲେ।

କୁମ୍ଭ ମେଳା ପରି ଏହି ବୁଡ଼ର ମଧ୍ୟ ବେଶ୍ ମହତ୍ତ୍ୱ ରହିଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳାଖେଳା ମହୋଦଧିରେ ହୋଇଥିବାରୁ ଏହି ଗୋବିନ୍ଦ ଦ୍ୱାଦଶୀ ଯୋଗରେ ମହୋଦଧିରେ ସ୍ନାନ କରିବା ଭାଗ୍ୟରେ ଥିଲେ ମିଳେ। ଏହି ଦିନ ଅମୃତ ବେଳାରେ ସ୍ନାନ କଲେ ସମସ୍ତ ପାତକ ନାଶ ହୁଏ ବୋଲି ଶାସ୍ତ୍ରରେ ବର୍ଣ୍ଣିତ ଅଛି। ଶ୍ରୀମନ୍ଦିର ଛତିଶା ନିଯୋଗ ନାୟକ, ନେବଳ ଦାସ ମଠ ମହନ୍ତ ଡ. ରାମଚରଣ ଦାସ, ମହୀପ୍ରକାଶ ମଠ ମହନ୍ତ ଶୁଭାନନ୍ଦ ପୁରୀ, ଉତ୍ତରପାର୍ଶ୍ୱ ମଠର ନାରାୟଣ ରାମାନୁଜ ଦାସ, ସାବୁତ ନିଯୋଗ ସମ୍ପାଦକ ବିପିନ ପତ୍ରୀ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ।

# ୭ ବର୍ଷୀୟ ନାବାଳିକାକୁ ଦୁଷ୍କର୍ମ

ପାରାଦୀପ,୨୮।୨(ସମିସ): ପାରାଦୀପରେ ପୁଣି ଏକ ଲଜ୍ଜାଜନକ ଘଟଣା ଘଟିଛି। ୭ ବର୍ଷର ଜଣେ ନାବାଳିକାକୁ ଜଣେ ଚିକେନ୍ ଦୋକାନ କର୍ମଚାରୀ ଦୁଷ୍କର୍ମ କରିଥିବା ନେଇ ନାବାଳିକାର ବାପା ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପାରାଦୀପ ପୌର ପରିଷଦ ୮ ନମ୍ବର ୱାର୍ଡ ଅଞ୍ଚଳରେ ଏଭଳି ଘଟଣା ଘଟିଛି। ଏଠାରେ ଥିବା ଏକ ଚିକେନ୍ କାଉଣ୍ଟରର କର୍ମଚାରୀ ସେକ୍ ରାଜା ଘରୁ ନାବାଳିକାକୁ ଡାକି କ୍ୟାବିନ ଭିତରେ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହିତ ସମ୍ପୃକ୍ତ ଯୁବକକୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ୩ ଦିନ ହେବ ନାବାଳିକାଙ୍କୁ ସମ୍ପୃକ୍ତ ଯୁବକ ପାଖକୁ ଡାକି ଥଣ୍ଡାରେ ନିଶା ଦେଇ ଅସଦାଚରଣ କରୁଥିଲା ବୋଲି ନାବାଳିକାଙ୍କ ମାଆ କହିଛନ୍ତି। ତେବେ ଆଜି ତାକୁ ଡାକି ଦୁଷ୍କର୍ମ କରୁଥିବା ବେଳେ ଧରପଡ଼ିଥିଲା।

ଜଣେ ଯୁବତୀଙ୍କୁ ଝାଡ଼ଖଣ୍ଡର ଜଣେ ଯୁବକ ଦୁଷ୍କର୍ମ କରି ୪ ମହଲା ଛାତରୁ ଠେଲି ହତ୍ୟା କରିବା ଘଟଣାକୁ ଏକ ସପ୍ତାହ ନ ପୂରୁଣୁ ଆଜିର ଏହି ଘଟଣା ଆଇନଶୃଙ୍ଖଳା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ୩୦ ଟନ୍ ଚମଡ଼ା ବୋଝେଇ ଟ୍ରକ ଜବତ; ୨ ଗିରଫ

ଖୋର୍ଦ୍ଧା, ୨୮।୨ (ସମିସ): ୧୬ନଂ ଜାତୀୟ ରାଜପଥର ବାଟମଙ୍ଗଳା ଛକ ନିକଟରୁ ଆଦର୍ଶ ଥାନା ପୁଲିସ ଗୋରୁ ଓ ମଇଁଷି ଚମଡ଼ା ବୋଝେଇ ଏକ ଟ୍ରକ୍ ଜବତ କରିଛି। ଟ୍ରକ୍‌ରୁ ୩୦ଟନ୍ ଚମଡ଼ା ଜବତ ହୋଇଛି। ଏହି ଘଟଣାରେ ପୁଲିସ ଦୁଇଜଣଙ୍କୁ ଗିରଫ କରିଛି। ଗିରଫଦ୍ୱୟ ହେଲେ, ଆନ୍ଧ୍ରପ୍ରଦେଶ ସିଟୋର ବି. କୋଠକୋଟାର ରିଆଜ୍ ଏବଂ ୱାସିମ୍।

ପୁଲିସ ସୂଚନା ଅନୁସାରେ, ଗଙ୍ଗପଡାର ଭାନୁପ୍ରତାପ ଜେନା ଓ ତାଙ୍କ ବନ୍ଧୁମାନେ କାଲି ବିଳମ୍ବିତ ରାତିରେ ଘରକୁ ଫେରୁଥିବା ବେଳେ ୧୬ନଂ ଜାତୀୟ ରାଜପଥର ବାଟାମଙ୍ଗଳା ଛକ ନିକଟରେ ଏକ ଚମଡ଼ା ବୋଝେଇ ଟ୍ରକ୍ (ନଂ. ଏପି-୩୯-ଡବ୍ଲ୍ୟୁଡି-୫୩୫୬)କୁ ଅଟକାଇଥିଲେ। ଉକ୍ତ ସମୟରେ ଟ୍ରକ ଡ୍ରାଇଭର ତାଙ୍କୁ ମାରିବାକୁ ଉଦ୍ୟମ କରିବା ସହ ହତ୍ୟା ଧମକ ଦେଇଥିଲେ। ଖବର ପାଇ ପୁଲିସ ସେଠାରେ ପହଞ୍ଚି ଅଟକ ଟ୍ରକ୍‌କୁ ହେପାଜତକୁ ନେଇ ଯାଞ୍ଚ କରିଥିଲା। ଯାଞ୍ଚବେଳେ ଟ୍ରକ ଭିତରେ ପ୍ରାୟ ୩୦ ଟନ୍ ଗୋରୁ ଓ ମଇଁଷି ଚମଡ଼ା ଥିବା ପୁଲିସ ଜାଣିବାକୁ ପାଇଥିଲା। ଏହାର ମୂଲ୍ୟ ପ୍ରାୟ ୩ଲକ୍ଷ ଟଙ୍କା ବୋଲି ପୁଲିସ ଆକଳନ କରିଛି। ଏହି ଘଟଣାରେ ଟ୍ରକ୍‌ର ଡାଇଭର ଓ ହେଲପରକୁ ପୁଲିସ ଗିରଫ କରିଛି। ଏହି ଟ୍ରକ୍‌ଟି ଆନ୍ଧ୍ରରୁ କୋଲକାତା ଅଭିମୁଖେ ଯାଉଥିବା ପୁଲିସ ପ୍ରାଥମିକ ତଦନ୍ତରେ ଜାଣିବାକୁ ପାଇଛି। ଏଥିସହ ଖୋର୍ଦ୍ଧାର ପ୍ରାଣୀ ଚିକିତ୍ସା ଅଧିକାରୀ ଜବତ ଚମଡ଼ାର ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ନିର୍ଦ୍ଦେଶକ ବନ୍ୟପ୍ରାଣୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଣୀଚିକିତ୍ସା ବିଜ୍ଞାନ ମହାବିଦ୍ୟାଳୟ ଓ ପଶୁପାଳନ, ଭୁବନେଶ୍ୱରକୁ ପଠାଇଛନ୍ତି। ଜବତ ଚମଡାକୁ ପୋତି ନଷ୍ଟ କରାଯାଇଥିବା ଥାନା ଅଧିକାରୀ ସଞ୍ଜୟ ନାୟକ ସୂଚନା ଦେଇଛନ୍ତି।

# ସଂରକ୍ଷିତ ବର୍ଗ ପ୍ରାର୍ଥୀଙ୍କୁ ଅଣସଂରକ୍ଷିତ ବର୍ଗରେ ନିଯୁକ୍ତି ଦିଆଯାଇପାରିବ: ହାଇକୋର୍ଟ

କଟକ,୨୮ ।୨(ସମିସ): ସୁନ୍ଦରଗଡ଼ ସିଭିଲ୍ କୋର୍ଟରେ କନିଷ୍ଠ କିରାଣୀ ନିଯୁକ୍ତି ବିବାଦକୁ ନେଇ ରୁଜୁ ମାମଲାର ଅନ୍ତ ଘଟାଇ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି। ଯଦି ଜଣେ ସଂରକ୍ଷିତ ବର୍ଗର ପ୍ରାର୍ଥୀ ନିଜର ଯୋଗ୍ୟତା ତଥା ମେଧା ତାଲିକା ଆଧାରରେ ଅଧିକ ନମ୍ବର ରଖନ୍ତି, ତେବେ ତାଙ୍କୁ ଅଣସଂରକ୍ଷିତ ବର୍ଗରେ ନିଯୁକ୍ତି ଦିଆଯାଇପାରିବ ବୋଲି କହିଛନ୍ତି ହାଇକୋର୍ଟ। ଜଷ୍ଟିସ ମାନସ ରଞ୍ଜନ ପାଠକ ଓ ଜଷ୍ଟିସ ଶିବଶଙ୍କର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଲୁସି ମହାନ୍ତିଙ୍କ ଆବେଦନର ଶୁଣାଣି କରି ଏପରି ରାୟ ପ୍ରଦାନ କରିବା ସହ ମାମଲାକୁ ଖାରଜ କରିଦେଇଛନ୍ତି। ଅଣସଂରକ୍ଷିତ ବର୍ଗ କୌଣସି ନିର୍ଦ୍ଦିଷ୍ଟ ବର୍ଗ ପାଇଁ ସଂରକ୍ଷିତ ନୁହେଁ, ବରଂ ଏହା ସମସ୍ତଙ୍କ ପାଇଁ ଉନ୍ମୁକ୍ତ। ଯଦି ଜଣେ ସଂରକ୍ଷିତ ବର୍ଗର ପ୍ରାର୍ଥୀ ନିଜ ମେଧା ବଳରେ ତାଲିକା ଉପରେ ରହନ୍ତି, ତେବେ ତାଙ୍କୁ ଅଣସଂରକ୍ଷିତ ପଦରେ ସ୍ଥାନ ମିଳିବା ଉଚିତ। ସେହିଭଳି ଜଣେ ଯଦି ନିଜ ମେଧା ବଳରେ ଚୟନ ହୁଅନ୍ତି, ତେବେ ଏହି କ୍ଷେତ୍ରରେ ସଂରକ୍ଷଣ ପ୍ରମାଣପତ୍ରର ଆଉ ପ୍ରାସଙ୍ଗିକତା ରହେ ନାହିଁ ବୋଲି କହିଛନ୍ତି ଖଣ୍ଡପୀଠ।

ମାମଲାରୁ ପ୍ରକାଶ ଯେ ଗତ ୨୦୧୫-୧୬ ବର୍ଷ ପାଇଁ ସୁନ୍ଦରଗଡ଼ ସିଭିଲ କୋର୍ଟରେ ୧୦ଟି କନିଷ୍ଠ କିରାଣୀ ନିଯୁକ୍ତି ପ୍ରକ୍ରିୟାରେ ଆବେଦନକାରୀ ପ୍ରାର୍ଥୀ ଅଣସଂରକ୍ଷିତ ବର୍ଗରେ ଆବେଦନ କରିଥିଲେ। ମାତ୍ର, ଏସଇବିସି ବର୍ଗ ପାଇଁ ଆବେଦନ କରିଥିବା ଜଣେ ପ୍ରାର୍ଥୀ ଚୂଡ଼ାନ୍ତ ମେଧା ତାଲିକାରେ ଆବେଦନକାରୀଙ୍କଠାରୁ ଉପରେ ତଥା ଚତୁର୍ଥ ସ୍ଥାନରେ ଥିବାରୁ ସେହି ପ୍ରାର୍ଥୀଙ୍କୁ ଅଣସଂରକ୍ଷିତ ବର୍ଗରେ ନିଯୁକ୍ତି ମିଳିଥିଲା। ଏହାକୁ ବିରୋଧ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀ ଯୁକ୍ତି ବାଢ଼ିଥିଲେ ଯେ ପ୍ରତିପକ୍ଷ ପ୍ରାର୍ଥୀ ଏସଇବିସି ବର୍ଗରୁ ଆବେଦନ କରିଥିଲେ। ଅଣସଂରକ୍ଷିତ ବର୍ଗରେ ଗୋଟିଏ ପଦ ମହିଳାଙ୍କ ପାଇଁ ସଂରକ୍ଷିତ ଥିବା ବେଳେ ମେଧା ତାଲିକା ଅନୁସାରେ ଉପରେ ଥିବାରୁ ସଂରକ୍ଷିତ ବର୍ଗରେ ଆବେଦନ କରିଥିବା ପ୍ରାର୍ଥୀଙ୍କୁ ନିଯୁକ୍ତି ଦିଆଯିବା ବେଆଇନ ବୋଲି ଆବେଦନାକରୀ ଅଭିଯୋଗ କରିଥିଲେ।

## ୨୨୫ କୋଟି ଟଙ୍କାର ତରଳ ଗଞ୍ଜେଇ ଜବତ ଘଟଣା
# ମାଷ୍ଟରମାଇଣ୍ଡ ଆଲେନ୍ ସହ ୭ ଗିରଫ

କୋରାପୁଟ, ୨୮।୨(ସମିସ): ନନ୍ଦପୁର ବ୍ଲକ୍ ଅନ୍ତର୍ଗତ ପରଜାବଡ଼ପଡ଼ା ପଞ୍ଚାୟତର ଜୋଲାପୁଟ ଜଳଭଣ୍ଡାରର ଓଡ଼ିଶା-ଆନ୍ଧ୍ର ସୀମାରେ ଥିବା ଏକ ଟାପୁରୁ ଗତ ଗୁରୁବାର ପାଡୁଆ ଥାନା ପୁଲିସ ୨୨୫କୋଟି ଟଙ୍କାର ତରଳ ଗଞ୍ଜେଇ ଏବଂ ୫କୋଟି ଟଙ୍କାର ଗଞ୍ଜେଇ ଜବତ କରିଥିଲା। ଏହି ଘଟଣାରେ ପୁଲିସ ଘଟଣାର ମାଷ୍ଟରମାଇଣ୍ଡ ସହ ୭ଜଣଙ୍କୁ ଗିରଫ କରିଥିବା ଦକ୍ଷିଣ ପଶ୍ଚିମାଞ୍ଚଳ ରେଞ୍ଜ ଡିଆଇଜି ଡ. କନୱର ବିଶାଳ ସିଂ କହିଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ, ମାଷ୍ଟରମାଇଣ୍ଡ କେରଳ ଥିରୁଅନନ୍ତପୁରମ୍‌ର ଆଲେନ ଜୟରାଜ(୩୩), ସିଣ୍ଡିକେଟ୍ ସଭ୍ୟ କିରଣ ଡି (୩୩), ଆନନ୍ଦ ରାଜ (୨୮), କୋଭାଲାମ ଗ୍ରାମର ବିଟୁ ବି (୩୪), ସହଯୋଗୀ ମାଲକାନଗିରି ଜିଲ୍ଲା ସୀମାଘଡି ଗ୍ରାମର ଲଇଛନ ଖିଲ(୨୫) ଏବଂ କୋରାପୁଟ ଜିଲ୍ଲା ପାଡୁଆ ଥାନା ପରଜାବଡ଼ପଡ଼ା ପଞ୍ଚାୟତ ଚିତାଲପଡ଼ା ଗ୍ରାମର ଲକ୍ଷ୍ମଣ ଖିଲ (୨୩) ଓ ସାଧୁ ପାଙ୍ଗି (୪୫)। ଏସ୍‌ପି ରୋହିତ ବର୍ମାଙ୍କ ଉପସ୍ଥିତିରେ ଜିଲ୍ଲା ପୁଲିସ ମୁଖ୍ୟ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଡିଆଇଜି ଏ ସଂପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି।

ଅଭିଯୁକ୍ତମାନେ ଅନ୍ତଃରାଜ୍ୟ ବେଆଇନ ନିଶା କାରବାର ରାକେଟ୍‌ରେ ସଂପୃକ୍ତ ଅଛନ୍ତି। ସେମାନଙ୍କ ସମ୍ପର୍କରେ ଅଧିକ ଅନୁସନ୍ଧାନ ଚାଲିଥିବାରୁ ସମ୍ପୂର୍ଣ୍ଣ ତଥ୍ୟ ଦେବାକୁ ପୁଲିସ ମନା କରଦେଇଛି। ମୁଖ୍ୟ ଅଭିଯୁକ୍ତ ଆଲେନ୍ ଜଣେ ପେସାଦାର ଅପରାଧୀ। ତା' ବିରୋଧରେ କେରଳରେ ୨୦୧୧ରେ ଦୁଇଜଣଙ୍କୁ ହତ୍ୟା କରିବା ମାମଲା ଥିବା ବେଳେ



୨୦୧୬ରେ ତରଳ ଗଞ୍ଜେଇ କାରବାର ମାମଲା ରହିଛି। ସେ କୋରାପୁଟ ଜିଲ୍ଲା ପାଡୁଆ ଅଞ୍ଚଳକୁ ଆସି ଜଲାପୁଟ ଜଳଭଣ୍ଡାର ଭିତରେ ଥିବା ଏକ ନିର୍ଜନ ଜଙ୍ଗଲଭରା ସ୍ଥାନରେ ତରଳ ଗଞ୍ଜେଇ ବ୍ୟବସାୟ ଆରମ୍ଭ କରିଥିଲା। ଜୟରାଜ ନିଜେ ତରଳ ଗଞ୍ଜେଇ ପ୍ରସ୍ତୁତ କରୁଥିବାରୁ ସେ ପ୍ରେସର୍ କୁକର, ଇଣ୍ଡକସନ୍ ଚୁଲା, ଜେନେରେଟର୍, ପାଣି ପାଇପ ଭଳି ଆବଶ୍ୟକ ଉପକରଣ ରଖି ସେଠାରେ ଅସ୍ଥାୟୀ ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ କରିଥିଲା।

ସୂଚନାଥାଉ କି, ବୁଧବାର ବିଳମ୍ବିତ ରାତିରେ ପୁଲିସ ନୌକାରେ ଯାଇ ଜଳଭଣ୍ଡାର ପାରି ହେବା ସହ ଜଙ୍ଗଲର ପାଦଚଲା ରାସ୍ତାରେ ଚାଲି ଚାଲି ଅସ୍ଥାୟୀ ପ୍ରସ୍ତୁତିକରଣ ୟୁନିଟରେ ପହଞ୍ଚିଥିଲା। ଉକ୍ତ ଅସ୍ଥାୟୀ ୟୁନିଟ୍‌ରୁ ପୁଲିସ ୧୮୦୦ଲିଟରରୁ ଅଧିକ ହାଶିଶ ତେଲ ବା ତରଳ ଗଞ୍ଜେଇ ଏବଂ ୧୦୦୦ କିଲୋରୁ ଅଧିକ ଗଞ୍ଜେଇ ଜବତ କରିଥିଲା। ଜବତ ତରଳ ଗଞ୍ଜେଇର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୨୨୫ କୋଟି ଟଙ୍କା ଓ ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ପ୍ରାୟ ୫କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଥିଲା। ଘଟଣାସ୍ଥଳରୁ ପୁଲିସ ଲକ୍ଷ୍ମଣ ଖିଲକୁ ଧରିଥିବା ବେଳେ ଅନ୍ୟମାନେ ଘଞ୍ଚ ଜଙ୍ଗଲ ଦେଇ ଖସିଯିବାରେ ସକ୍ଷମ ହୋଇଥିଲେ। ଲକ୍ଷ୍ମଣଠାରୁ ପୁଲିସ ବିସ୍ତୃତ ସୂଚନା ହାସଲ କରି ଏସ୍‌ପିଙ୍କ ନେତୃତ୍ୱରେ ଛଅଟି ସ୍କ୍ୱାଡ୍‌ରେ ଭାଗ ହୋଇ ଜଙ୍ଗଲକୁ ଚାରିଆଡୁ ଘେରି ପ୍ରାୟ ୩୦

- କେରଳରୁ ଆସି ଏଠାରେ ଚଳାଇଥିଲା ବେପାର
- ଦୁଇଦୁଇଟି ହତ୍ୟାକାଣ୍ଡ ମାମଲାରେ ଜଡ଼ିତ ଆଲେନ୍
- ଗଞ୍ଜେଇ ପ୍ରକ୍ରିୟାକରଣ ସାମଗ୍ରୀ ଜବତ

ଘଣ୍ଟା ପରେ ମୁଖ୍ୟ ଅଭିଯୁକ୍ତ ଆଲେନ ଜୟରାଜ ସହ ଅନ୍ୟ ୫ଜଣଙ୍କୁ ଗିରଫ କରିଥିଲା।

ଗିରଫ କିରଣ ଡି, ଆନନ୍ଦ ରାଜ ଓ ବିଠୁ ବି ତରଳ ଗଞ୍ଜେଇ ଆନ୍ତରାଜ୍ୟ ଚାଲାଣ ଦାୟିତ୍ୱରେ ଥିବା ବେଳେ ଲାଇଛନ ଖିଲ, ସାଧୁ ପାଙ୍ଗି ଏବଂ ଲକ୍ଷ୍ମଣ ଖିଲ କୋରାପୁଟ ଓ ମାଲକାନଗିରି ଜିଲ୍ଲାରୁ ଗଞ୍ଜେଇ ସଂଗ୍ରହ କରିବା ଦାୟିତ୍ୱରେ ରହିଥିବା ଡିଆଇଜି କହିଛନ୍ତି। ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି। ତେବେ ଅଧିକ ତଥ୍ୟ ହାସଲ ପାଇଁ ମୁଖ୍ୟ ଅଭିଯୁକ୍ତ ଆଲେନ୍ ଜୟରାଜକୁ ରିମାଣ୍ଡରେ ଅଣାଯିବ ବୋଲି ଡିଆଇଜି ସୂଚନା ଦେଇଛନ୍ତି।

## ଜିଲ୍ଲା ବାଣିଜ୍ୟ ଓ ଶିଳ୍ପ ସଂଘର ସୁବର୍ଣ୍ଣ ଜୟନ୍ତୀ ସମାରୋହ

# ‘ଡାକ୍ତର ଦେବେନ୍ଦ୍ର ପ୍ରଧାନ ବାଣିଜ୍ୟ ଭବନ’ର ଭୂମିପୂଜନ

ଅନୁଗୋଳ,୨୮ ।୨(ସମିସ):

ଅନୁଗୋଳର ଶିଳ୍ପ ସମୃଦ୍ଧିକୁ ଏକ ନୂତନ ଶିଖରରେ ପହଞ୍ଚାଇବା ସହ ଜିଲ୍ଲାରେ ଅତ୍ୟାଧୁନିକ ବ୍ୟବସାୟିକ ବାତାବରଣ ପ୍ରସ୍ତୁତ କରିବା ଏବଂ ଯୁବପିଢ଼ିଙ୍କୁ “ୱେଲଥ୍ କ୍ରିଏଟର’ ଭାବେ ତିଆରି କରିବା ଆମର ମୂଳ ଲକ୍ଷ୍ୟ

## ଜିଲ୍ଲାରେ ଶିଳ୍ପ ସହ କୃଷି ଓ ପର୍ଯ୍ୟଟନର ବିକାଶ ପାଇଁ ଆଗେଇ ଆସିବାକୁ ଆହ୍ୱାନ

ହେବା ଦରକାର ବୋଲି ଶନିବାର ଅନୁଗୋଳ ଜିଲ୍ଲା ବାଣିଜ୍ୟ ଓ ଶିଳ୍ପ ସଂଘ (ଏଡିସିସିଆଇ) ର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି ଅବସରରେ ସେ ତାଙ୍କ ବାପାଙ୍କ ସ୍ମୃତିରେ “ଡାକ୍ତର ଦେବେନ୍ଦ୍ର



ପ୍ରଧାନ ବାଣିଜ୍ୟ ଭବନ’ର ଭୂମିପୂଜନ କରିବା ସହ ଏହା ଜିଲ୍ଲାର ବ୍ୟବସାୟିକ କାରବାରକୁ ନୂତନ ଗତି ପ୍ରଦାନ କରିବ ବୋଲି ଆଶା ପ୍ରକଟ କରିଛନ୍ତି। ଦେଶର ଶିଳ୍ପ ମାନଚିତ୍ରରେ ଅନୁଗୋଳ ଜିଲ୍ଲାର ସ୍ୱତନ୍ତ୍ର ସ୍ଥାନ ରହଛି। ଅନୁଗୋଳ ହେଉଛି ଏକ “ଲଘୁ ଭାରତ’। ଏଠାରେ ଖଣିଖାଦାନ, କଳକାରଖାନା ସହ ବଡ଼ ବଡ଼ ବଜାର ମଧ୍ୟ ରହିଛି। ବିଦ୍ୟୁତ୍ ଉତ୍ପାଦନରେ ଅନୁଗୋଳ ଦେଶରେ ଅଗ୍ରଣୀ ସ୍ଥାନରେ ରହିଛି। ଏଠାରେ ଶିଳ୍ପ ସହିତ କୃଷି ଓ ପର୍ଯ୍ୟଟନର ବିକାଶ ପାଇଁ ମଧ୍ୟ କେନ୍ଦ୍ରମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଯୁବପିଢ଼ି କେବଳ ଚାକିରି ପଛରେ ନ ଧାଇଁ ନିଜକୁ ମାଲିକ ବା “ୱେଲଥ୍ କ୍ରିଏଟର’ ଭାବେ ଗଢ଼ିତୋଳିବାକୁ ଉଦ୍ୟମ କରିବା ଦରକାର ବୋଲି ସେ ବକ୍ତବ୍ୟରେ ପ୍ରକାଶ କରିଥିଲେ। ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟ ଜଳ, ପରିମଳ ଓ ରୋଜଗାରକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ସମୃଦ୍ଧ ଅନୁଗୋଳ ଗଠନ କରାଯିବ। ସମୃଦ୍ଧ ଅନୁଗୋଳ ହିଁ ବିକଶିତ ଓଡ଼ିଶା ଓ ସଶକ୍ତ ଭାରତ ଗଠନର ଅସଲ ମୂଳଦୁଆ ସାଜିବ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ରାଜ୍ୟ ମତ୍ସ୍ୟ, ପ୍ରାଣୀ ସମ୍ପଦ ଓ ଏମଏସଏମଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ, ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରତିଷ୍ଠାନର ଅଧ୍ୟକ୍ଷ ଅଶୋକ ଜୈନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଭାପତି ଦୀପକ ବର୍ମା, ସମ୍ପାଦକ ଅଶୋକ କୁମାର ମୋଦୀ, କୋଷାଧ୍ୟକ୍ଷ ବିକାଶ ପୋଦ୍ଦାର, ମୁଖ୍ୟ ସଂଯୋଜକ ଚନ୍ଦ୍ରକାନ୍ତ ଧଳ, ଉପ ସଭାପତି ବିକ୍ରମ ଅଗ୍ରୱାଲ, ସୁବାସ ପ୍ରଧାନ, ସହ ସମ୍ପାଦକ ସେଖ ରଫିକ ଏବଂ ମିଡିଆ ପ୍ରଭାରୀ ଦୀପ୍ତିରଞ୍ଜନ ପ୍ରଧାନଙ୍କ ସମେତ ଏଡିସିସିଆଇର ସମସ୍ତ ସଦସ୍ୟ ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ




ଅନୁଗୋଳ,୨୮ ।୨(ସମିସ): ଆସନ୍ତା ମାର୍ଚ୍ଚ ୨ ତାରିଖ ମୋ ଯୁବ ଭାରତ ସହଯୋଗରେ ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଯୁବ ସଂସଦ କାର୍ଯ୍ୟକ୍ରମ ଆୟୋଜିତ ହେବ। ଏହି ବିତର୍କ କାର୍ଯ୍ୟକ୍ରମରେ ଜିଲ୍ଲାର ୧୮ ରୁ ୨୫ ବର୍ଷ ବୟସ୍କ କଲେଜ ଛାତ୍ରଛାତ୍ରୀ ଏବଂ ଅଣଛାତ୍ର ଅଂଶଗ୍ରହଣ କରିପାରିବେ। ଏ ନେଇ କଲେଜ ଅଧ୍ୟକ୍ଷ ଡ. ବସନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଏଥିରେ ଡ. ସାହୁ ଯୁବ ସଂସଦ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ। ଯୁବକମାନଙ୍କ ମଧ୍ୟରେ ନେତୃତ୍ୱ ନେବାର ଶୈଳୀ, ଗଣତାନ୍ତ୍ରିକ ମୂଲ୍ୟବୋଧର ଅଭିବୃଦ୍ଧି ଏବଂ ପବ୍ଲିକ ସ୍ପିକିଂର ଦକ୍ଷତା ବୃଦ୍ଧି ପାଇଁ ଏହି କାର୍ଯ୍ୟକ୍ରମ ଅଭିପ୍ରେତ ବୋଲି ଡ. ସାହୁ କହିଥିଲେ। କାର୍ଯ୍ୟକ୍ରମରେ ୧୫୦ରୁ ଅଧିକ ଯୁବକଯୁବତୀ ଅଂଶଗ୍ରହଣ କରିବେ ବୋଲି ଆଶା କରାଯାଉଛି। ସଫଳ ଛାତ୍ରଛାତ୍ରୀମାନେ ପରବର୍ତ୍ତୀ ପର୍ଯ୍ୟାୟରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଭାଗନେବେ। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ସୁଶାନ୍ତ କୁମାର ପ୍ରଧାନ, ସୁଶାନ୍ତ କୁମାର ସାହୁ, ଜିଏସ ଜେନା, ଏସଡିଆଇପିଆରଓ ସୋନାଲିସ୍ମିତା ସାହୁ, ମୋ ଯୁବ ଭାରତ ପକ୍ଷରୁ ତପନ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

● ସୁରେଶ୍ୱରୀ ଜଳସେଚନ ପ୍ରକଳ୍ପ କାର୍ଯକାରୀ ଦାବିରେ ବୈଠକ

## ଆନ୍ଦୋଳନ ପାଇଁ ଚେତାବନୀ



କିଶୋରନଗର,୨୮ ।୨(ସମିସ): କୃଷି ବହୁଳ କିଶୋରନଗର ଅଞ୍ଚଳରେ ଦୀର୍ଘଦିନ ଧରି ଉପେକ୍ଷିତ ସୁରେଶ୍ୱରୀ ଜଳସେଚନ ପ୍ରକଳ୍ପ କାର୍ଯକାରୀ କରିବା ଦାବିରେ ଶନିବାର ଜୀବନ ଜୀବିକା ଓ କୃଷିଜମି ସୁରକ୍ଷା କମିଟି ପକ୍ଷରୁ ଜଏରାଟଠାରେ ଏକ ବୈଠକ ଅନୁଷ୍ଠିତ ହୋଇଛି। କମିଟି ଉପସଭାପତି ପୀତାମ୍ବର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରବୀନ୍ଦ୍ର ସାହୁ, ପୂର୍ବତନ ସରପଞ୍ଚ ରମଣୀ ରଞ୍ଜନ ପ୍ରଧାନ, ତୀର୍ଥବାସୀ ଭୋଇ, କିଶୋରୀ ପ୍ରଧାନ, ବାବାଜୀ ଚରଣ ପ୍ରଧାନ, ଯୋଗୀନ୍ଦ୍ର ବିଶ୍ୱାଳ, ରବିନାରାୟଣ ବାରିକ, ରମେଶ ଲୁହା, ଚିତ୍ତରଞ୍ଜନ ମେଣ୍ଡୁଲି ପ୍ରମୁଖ ଯୋଗଦେଇ ବାରମ୍ବାର ଦାବି ସତ୍ତ୍ୱେ ଏହି ପ୍ରକଳ୍ପ କାର୍ଯକାରୀ କରିବାରେ ରାଜ୍ୟ ସରକାରଙ୍କ ଉଦାସୀନତା, ଅବହେଳାକୁ ତୀବ୍ର ନିନ୍ଦା କରିଥଲେ। ଏଥିପାଇଁ ଶକ୍ତିଶାଳୀ ଆନ୍ଦୋଳନ ଗଢ଼ିତୋଳିବାକୁ ସମସ୍ତେ ମତ ଦେଇଥିଲେ। ତୁରନ୍ତ ସୁରେଶ୍ୱରୀ ପ୍ରକଳ୍ପ କାର୍ଯକାରୀ କରିବା ପାଇଁ ସରକାର ପଦକ୍ଷେପ ଗ୍ରହଣ ନ କଲେ ବ୍ଲକ ଅଫିସ ସମ୍ମୁଖରେ ଲଗାତାର ଆନ୍ଦୋଳନ କରିବା ପାଇଁ କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି।

## କୁମ୍ଭାରମୁଣ୍ଡାରେ ଫଗୁ ଦଶମୀ ଦୋଳଯାତ୍ରା



କିଶୋରନଗର,୨୮ ।୨(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ କୁମ୍ଭାରମୁଣ୍ଡା ଗ୍ରାମରେ ଫଗୁ ଦଶମୀ ଦୋଳଯାତ୍ରା ପାଳିତ ହୋଇଛି। ରାତି ୧୨ଟାରେ ପୂଜା ଆରମ୍ଭ ହୋଇ ଭୋର ୫ଟାରେ ପୂର୍ଣ୍ଣାହୁତି ପଡ଼ିଥିଲା। ପୂଜକ ରଞ୍ଜିତ ଦାସ ପୂଜା କରିଥିବା ବେଳେ କର୍ତ୍ତା ଭାବେ ଅକ୍ଷୟ ପାତ୍ର କାର୍ଯ୍ୟ ନିର୍ବାହ କରିଥିଲେ। ସନ୍ଧ୍ୟା ୬ଟାରେ ରାଧାକୃଷ୍ଣଙ୍କୁ ଗ୍ରାମ ପରିକ୍ରମା କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ରାମଲୀଳା ପରିବେଷଣ ହୋଇଥିଲା। ଗ୍ରାମ ସଭାପତି ଅରବିନ୍ଦ ପାତ୍ର, ସମ୍ପାଦକ ମାଧବ ନାୟକଙ୍କ ନେତୃତ୍ୱରେ ଗ୍ରାମବାସୀଙ୍କ ସହଯୋଗରେ ପୂଜା ଅନୁଷ୍ଠିତ ହୋଇଛି।

## ନୂଆ ଅନୁଗୋଳ ଡାକ ଡିଭିଜନ ଓ ପାସପୋର୍ଟ ସେବା ପ୍ରଦାନ ଦାବି

ଅନୁଗୋଳ,୨୮ ।୨(ସମିସ): ଅନୁଗୋଳ ଡାକ ବିଭାଗକୁ ଢେଙ୍କାନାଳ ଡିଭିଜନଠାରୁ ଅଲଗା କରି ଏକ ନୂଆ ଡିଭିଜନ କରିବା ଓ ଅନୁଗୋଳ ଡାକଘରେ ପାସ୍‌ପୋର୍ଟ ସେବା ପ୍ରଦାନ କରିବା ପାଇଁ ପଦକ୍ଷେପ ନେବାକୁ ଅନୁଗୋଳ ଗସ୍ତରେ ଥିବା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଶନିବାର ଜିଲ୍ଲା ସ୍ୱେଚ୍ଛାସେବୀ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ଅନୁଗୋଳ ମୁଖ୍ୟ ଡାକଘର ବହୁ ପୁରୁଣା ଓ ଅଧିକ କାରବାର ହେତୁ ଏବେ ଏହା ରାତିରେ ମଧ୍ୟ ଚାଲୁ ରହୁଛି। ତେବେ ଏହା ଢେଙ୍କାନାଳ ଡିଭିଜନ ଅଧୀନରେ ଥିବାରୁ ଅନେକ ସମସ୍ୟା ଉପୁଜୁଛି। ଢେଙ୍କାନାଳ ଡିଭିଜନର ଅନୁମତି ବିନା ଏଠାରେ କୌଣସି କାମ ହେଉନାହିଁ। ଏଣୁ ଏହାକୁ ସ୍ୱତନ୍ତ୍ର ଡିଭିଜନରେ ପରିଣତ କରିବା ପାଇଁ ଦାବି କରାଯାଇଛି। ସେହିଭଳି ଶିଳ୍ପସମୃଦ୍ଧ ଅନୁଗୋଳ ଜିଲ୍ଲାରେ ରାଜ୍ୟ ବାହାର ଲୋକ ରହୁଛନ୍ତି। ଜିଲ୍ଲାର ଜନସାଧାରଣ, ଛାତ୍ରଛାତ୍ରୀ ମଧ୍ୟ ବାହାର ରାଜ୍ୟ ଓ ବିଦେଶକୁ ଯାଉଛନ୍ତି। କିନ୍ତୁ ଅନୁଗୋଳ ଡାକଘରେ ପାସପୋର୍ଟ ସେବା ବ୍ୟବସ୍ଥା ନ ଥିବାରୁ ଲୋକମାନଙ୍କୁ ଭୁବନେଶ୍ୱର ଉପରେ ନିର୍ଭର କରିବାକୁ ପଡୁଛି। ଏଣୁ ଏଠାରେ ପାସପୋର୍ଟ ସେବା ଖୋଲିବା ପାଇଁ ବ୍ୟବସ୍ଥା କରାଗଲେ ସ୍ଥାନୀୟ ଲୋକେ ବହୁ ପରିମାଣରେ ଉପକୃତ ହୋଇପାରିବେ ବୋଲି ସ୍ୱେଚ୍ଛାସେବୀ ପର୍ଶୁରାମ ଦାଶ ଓ ଅନ୍ୟମାନେ କେନ୍ଦ୍ରମନ୍ତ୍ରୀଙ୍କ ନିକଟରେ ଦାବି ଉପସ୍ଥାପନ କରିଛନ୍ତି।

## ୫ ବଖରା ଜଳିଗଲା

ବଇଣ୍ଡା,୨୮ ।୨(ସମିସ): କିଶୋରନଗର ବ୍ଲକ ହଣ୍ଡପା ଥାନା ଗାଁବଇଣ୍ଡା ଗ୍ରାମରେ ଶୁକ୍ରବାର ଅଗ୍ନିକାଣ୍ଡ ଘଟି ମଦନ ଦେହୁରୀଙ୍କ ୫ ବଖରା ଚାଳଘର ଜଳିଯାଇଛି। ଅଗ୍ନିକାଣ୍ଡରେ ଘରେ ଥିବା ସମସ୍ତ ଆସବାବପତ୍ର ପୋଡ଼ିଯାଇଛି। ଅଞ୍ଚଳବାସୀ ଓ ବାମୁର ଅଗ୍ନିଶମ କର୍ମଚାରୀ ନିଆଁକୁ ଆୟତ କରିଥିଲେ। ତୁରନ୍ତ କ୍ଷତିଗ୍ରସ୍ତଙ୍କୁ ସରକାରୀ ସାହାଯ୍ୟ ଯୋଗାଇଦେବାକୁ ସାଧାରଣରେ ଦାବି ହୋଇଛି। ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ବଇଣ୍ଡାର ସଭାପତି ସନାତନ ସାହୁ, ସମ୍ପାଦକ ସୁକାନ୍ତ କୁମାର ରଣା, ଯୁଗ୍ମ ସମ୍ପାଦକ ଅର୍ଜୁନ କୁମାର ସାହୁ, କୋଷାଧ୍ୟକ୍ଷ କୃପାସିନ୍ଧୁ ନାୟକ, ବୃନ୍ଦାବନ ପ୍ରଧାନ, ପ୍ରମୋଦ କୁମାର ପ୍ରଧାନ, ଶ୍ରୀଧର ବେହେରା, ଅନାମ ଚରଣ ସାହୁ, କିଶୋରଚନ୍ଦ୍ର ପଟ୍ଟନାୟକ, ବସନ୍ତ ଗଡ଼ନାୟକ ପ୍ରମୁଖ ବିପନ୍ନ ପରିବାରକୁ ଅନ୍ନ, କପଡ଼ା ଏବଂ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି।

## କେନାଲରେ ବୁଡ଼ି ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର

ଅନୁଗୋଳ,୨୮ ।୨(ସମିସ): କେନାଲରେ ବୁଡ଼ି ଶନିବାର ବଣ୍ଠାପାଳ ବ୍ଲକ ଭୋଗବେରିଣୀ ପଞ୍ଚାୟତ ପାଣିଓଳା ଗ୍ରାମର ପ୍ରସନ୍ନ ସାମଲ (୬୮)ଙ୍କ ମୃତ୍ୟୁ ହୋଇଛି। ତାଙ୍କୁ ବଞ୍ଚାଇବାକୁ ଉଦ୍ୟମ କରିବା ବେଳେ ସ୍ତ୍ରୀ ବିଦୁଲତା ସାମଲ ମଧ୍ୟ ଗୁରୁତର ହୋଇପଡ଼ିଛନ୍ତି। ତାଙ୍କୁ ଅନୁଗୋଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଶନିବାର ଭୋର୍ ସମୟରେ ପ୍ରସନ୍ନ ଗାଁ ନିକଟ କେନାଲକୁ ଗାଧେଇବାକୁ ଯାଇଥିଲେ। ତେବେ ଗୋଡ଼ ଖସିଯିବାରୁ ସେ ଗଭୀର ପାଣିରେ ବୁଡ଼ି ଯାଇଥିଲେ। କିଛି ସମୟ ପରେ ବିଦୁଲତା ସେହି ସ୍ଥାନକୁ ଗାଧେଇବାକୁ ଆସି ପ୍ରସନ୍ନ ପାଣିରେ ଭାସୁଥିବା ଦେଖି ତାଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ କରୁଥିବା ବେଳେ ସେ ମଧ୍ୟ ବୁଡ଼ିଯାଇଥିଲେ। ବିଦୁଲତାଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ତାଳଚେର ଉପଖଣ୍ଡ ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ପ୍ରସନ୍ନଙ୍କୁ ମୃତ ଘୋଷଣା କରିଥିଲେ। ବିଦୁଲତାଙ୍କ ଅବସ୍ଥା ଗୁରୁତ୍ୱର ଥିବାରୁ ତାଙ୍କୁ ଅନୁଗୋଳ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି।

● ନାବାଳିକା ଅପହରଣ ଘଟଣା

## ମୁଖ୍ୟ ଅଭିଯୁକ୍ତ, ୨ ସହଯୋଗୀ ଗିରଫ

କଣିହାଁ,୨୮ ।୨(ସମିସ): ନାବାଳିକାଙ୍କୁ ଅପହରଣ ମାମଲାରେ ରେଙ୍ଗାଳି ଥାନା ପୁଲିସ ଶନିବାର ମୁଖ୍ୟ ଅଭିଯୁକ୍ତ ଓ ତାଙ୍କ ଦୁଇ ସହଯୋଗୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ରେଙ୍ଗାଳି ପଞ୍ଚାୟତ ଦେନାଳି ଗ୍ରାମର ତ୍ରିଲୋଚନ ସାହୁଙ୍କ ପୁଅ ଅଜୟ ସାହୁ (୨୩), ତାଙ୍କୁ ସହଯୋଗ କରିଥିବା ଭିଣୋଇ ସୂର୍ଯ୍ୟକାନ୍ତ ସାହୁ (୩୨) ଓ ସାଙ୍ଗ ଦିଲୀପ କୁମାର ଶତପଥୀ (୨୩)। ଗତ ଡିସେମ୍ବର ୧୫ ତାରିଖ ରାତି ପ୍ରାୟ ୮ଟାରେ ଜଣେ ୧୭ ବର୍ଷୀୟ ନାବାଳିକା ଘରୁ ନିଖୋଜ ହୋଇଥିଲେ। ଏନେଇ ପରଦିନ ନାବାଳିକାଙ୍କ ବାପା ରେଙ୍ଗାଳି ଲିଖିତ ଅଭିଯୋଗ କରିଥିଲେ।

ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇଥିବା ବେଳେ ଶନିବାର ତିନି ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ପାଲଲହଡ଼ା ଏସଡିପିଓ କୈଳାସ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି। କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ନାବାଳିକାଙ୍କୁ ଥଇଥାନ କରାଯିବ ବୋଲି ଏସଡିପିଓ ସେଠୀ କହିଛନ୍ତି।

## ବିକାଶ ସମନ୍ୱୟ ଓ ତଦାରଖ କମିଟି ବୈଠକ

# ଜନ ପ୍ରତିନିଧି, ଅଧିକାରୀ ମିଳିତ ସହଯୋଗରେ କାମ କରିବାକୁ ପରାମର୍ଶ




ଅନୁଗୋଳ,୨୮ ।୨(ସମିସ): ଶନିବାର ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲାପରିଷଦ ଦ୍ୱାରା ଜିଲ୍ଲା ବିକାଶ ସମନ୍ୱୟ ଓ ତଦାରଖ କମିଟି (ଦିଶା) ଏବଂ ୬୧ତମ ଜିଲ୍ଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇଥିଲେ। ପ୍ରାରମ୍ଭରେ ଜିଲ୍ଲାପାଳ ଅବଦାଲ୍ ମୁହମ୍ମଦ୍ ଅକତର ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଅନୁଗୋଳ ଜିଲ୍ଲାର କୃଷି, ପାନୀୟ ଜଳ, ଜଳସେଚନ, ଶିଳ୍ପ ଆଦିକୁ ନେଇ ଏକ ସୁନିଯୋଜିତ ମାଷ୍ଟରପ୍ଲାନ କରିବା ପାଇଁ କେନ୍ଦ୍ରମନ୍ତ୍ରୀ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଜିଲ୍ଲାର ଗୁଣାତ୍ମକ ଅଭିବୃଦ୍ଧି ପାଇଁ ଜନ ପ୍ରତିନିଧି ଏବଂ ପ୍ରଶାସନିକ ଅଧିକାରୀ ମିଳିତ ସହଯୋଗରେ କାମ କରିବାକୁ ସେ ପରାମର୍ଶ ଦେଇଥିଲେ। ବୈଠକରେ ଜିଲ୍ଲାର ବିଭିନ୍ନ ବିକାଶମୂଳକ ଯୋଜନାର କାର୍ଯ୍ୟକାରିତା ଉପରେ ସମୀକ୍ଷା କରାଯିବା ସହିତ ସ୍ୱାସ୍ଥ୍ୟସେବା, ଶିକ୍ଷା, ଦକ୍ଷତା ବିକାଶ, କୃଷି, ଜଳସେଚନ, ପାନୀୟ ଜଳ, ନିରନ୍ତର ବିଦ୍ୟୁତ୍ ଯୋଗାଣ ଉପରେ ଆଲୋଚନା ହୋଇଥିଲା। ଏହାସହ ଜାତୀୟ ରାଜପଥ ସମ୍ପ୍ରସାରଣ, ରେଲୱେ ଅଣ୍ଡରପାସ୍, ନୂତନ ସଡ଼କ ଭିତ୍ତିଭୂମି, ଶ୍ରମିକଙ୍କ ସାମାଜିକ ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା। ନିର୍ଦ୍ଦିଷ୍ଟ ସମୟରେ କାମ ସମ୍ପୂର୍ଣ୍ଣ କରିବା ଓ ଜନହିତକର ଯୋଜନାଗୁଡ଼ିକୁ ସଠିକ୍ ଭାବେ କାର୍ଯ୍ୟକାରୀ କରିବାକୁ ବିଭିନ୍ନ ବିଭାଗକୁ କେନ୍ଦ୍ରମନ୍ତ୍ରୀ କହିଥିଲେ। ପିଏମ୍ ସୂର୍ଯ୍ୟଘର ଯୋଜନା ମାଧ୍ୟମରେ ଜିଲ୍ଲାର ଯେପରି ସର୍ବାଧିକ ଘରେ ସୋଲାର ପ୍ୟାନେଲ ଲାଗିପାରିବ ସେ ଉପରେ ଆଲୋଚନା ହୋଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ଅନୁଗୋଳ ପୌରାଧ୍ୟକ୍ଷ ଅକ୍ଷୟ କୁମାର ସାମନ୍ତ, ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଆଇଏଏସ୍ ପ୍ରୋବେସନର କସ୍ତୁରୀ ସା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମଦନ ମୋହନ ପ୍ରଧାନ, ସମସ୍ତ ବିଡିଓ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଓ ଜିଲ୍ଲା ପରିଷଦ ସଭ୍ୟଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## କଲେଜରେ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର



କିଶୋରନଗର,୨୮ ।୨(ସମିସ): ଆଠମଲ୍ଲିକ ବ୍ଲକ ଠାକୁରଗଡ଼ସ୍ଥିତ ଷୋଳପଦା ଡିଗ୍ରୀ ମହାବିଦ୍ୟାଳୟରେ ଫେବୃଆରୀ ୧୯ରୁ ଆରମ୍ଭ ହୋଇଥିବା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଛି। ଶିବିରରେ ଛାତ୍ରୀମାନେ ଆତ୍ମସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ପ୍ରାୟୋଗିକ କୌଶଳ ଶିକ୍ଷା ଗ୍ରହଣ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରତିମା ବାଘଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଡ଼ିଆ ଅଧ୍ୟାପିକା ଡ. କଲ୍ୟାଣୀରୂପା ମିଶ୍ର ଯୋଗଦେଇ ଛାତ୍ରୀମାନଙ୍କୁ ସଚେତନ ଓ ସ୍ୱାଭିମାନୀ ହେବାକୁ ପରାମର୍ଶ ଦେଇଥିଲେ। ଟ୍ରେନର ସସ୍ମିତା ସାହୁ ବିଭିନ୍ନ ଆତ୍ମରକ୍ଷା କୌଶଳ ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜିକା ପାୟଲ ପାତ୍ର, ଅଧ୍ୟାପକ ସରୋଜ କୁମାର ଦାସ, ସରୋଜ ରଞ୍ଜନ ପ୍ରଧାନ, ତରୁଣ କୁମାର ପ୍ରଧାନ, ସଞ୍ଜୟ କୁମାର ଜେନା, ସ୍ୱାଧୀନ ବେହେରା ଓ ଅଧ୍ୟାପିକା ଅନ୍ନପୂର୍ଣ୍ଣା ପ୍ରଧାନ ସହଯୋଗ କରିଥିଲେ। ପ୍ରଶିକ୍ଷଣ ଗ୍ରହଣ କରିଥିବା ଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## ମୃତ ନାବାଳିକା ପରିବାରକୁ ଭେଟିଲା କଂଗ୍ରେସର ତଥ୍ୟ ଅନୁସନ୍ଧାନକାରୀ ଦଳ

କଣିହାଁ,୨୮ ।୨(ସମିସ): କଣିହାଁ ଏନଟିପିସି ଥାନା ବିଜୁଗୋଳ ଗ୍ରାମରେ ଗୁରୁବାର ନାବାଳିକା ଦୁଷ୍କର୍ମ ଓ ହତ୍ୟା ଘଟଣାକୁ ନେଇ ରାଜନୀତି ସରଗରମ



ହୋଇଛି। ଏହି ପରିପ୍ରେକ୍ଷୀରେ କଂଗ୍ରେସ ପକ୍ଷରୁ ଗଠିତ ତଥ୍ୟ ଅନୁସନ୍ଧାନକାରୀ ଦଳ ଶନିବାର ମୃତ ନାବାଳିକାଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତିଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟ ମହିଳା କଂଗ୍ରେସ ଉପସଭାପତି ବିଶ୍ୱକଲ୍ୟାଣୀ କରଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ଗାଁରେ ପହଞ୍ଚି ପରିବାର ଲୋକଙ୍କ ସହ ଆଲୋଚନା କରିଥିଲେ। ଏହି ଦଳରେ ସାଧାରଣ ସମ୍ପାଦିକା ଶ୍ରୀହାସ୍ମିତା ପଣ୍ଡା, ସମ୍ପାଦିକା ଜୟସ୍ମିତା ମହାନ୍ତି, ଭୁବନେଶ୍ୱର ସଭାନେତ୍ରୀ ଶ୍ରୀୟା ମହାନ୍ତି, କଣିହାଁ ବ୍ଲକ ସଭାପତି ମାନସ ରଞ୍ଜନ ପ୍ରଧାନ ଓ ଶାନ୍ତିଲତା ବେହେରା ସାମିଲ ଥିଲେ। ଦୋଷୀଙ୍କୁ ଫାଶୀଦଣ୍ଡ ଓ ପୀଡ଼ିତାଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଦାବି କରିଥିଲେ।

## ବୃଦ୍ଧ ଜୀବନ୍ତ ଦଗ୍ଧ

ବଇଣ୍ଡା,୨୮ ।୨(ସମିସ): ନିଆଁରେ ପୋଡ଼ିହୋଇ ଶନିବାର କିଶୋରନଗର ବ୍ଲକ ହଣ୍ଡପା ଥାନା ଆନନ୍ଦମୁଣ୍ଡା ଗ୍ରାମର କରୁଣାକର ସାହୁ (୭୩) ଜୀବନ୍ତ ଦଗ୍ଧ ହୋଇଛନ୍ତି। ୫୫ନଂ ଜାତୀୟ ରାଜପଥ କଡ଼ ପାଖର୍ ଆନନ୍ଦମୁଣ୍ଡା ନିକଟରେ ଥିବା ମହୁଲ ଗଛରୁ ଅନେକ ପତ୍ର ଶୁଖି ତଳେ ପଡ଼ିଥିଲା। ଅପରାହ୍ନରେ କରୁଣାକର ଉକ୍ତ ପତ୍ରଗୁଡ଼ିକରେ ନିଆଁ ଲଗାଇ ଦେଇଥିଲେ। ତେବେ ନିଆଁ ଖୁବ ଜୋରରେ ଜଳି କରୁଣାକର ପିନ୍ଧିଥିବା ଲୁଙ୍ଗିରେ ଲାଗିଯାଇଥିଲା। ଫଳରେ ତାଙ୍କ ଦେହରେ ନିଆଁ ଲାଗିଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ବଇଣ୍ଡା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କ ମୃତ୍ୟୁ ହୋଇଛି। ବଇଣ୍ଡା ଫାଣ୍ଡି ପିଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଆଠମଲ୍ଲିକ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଛି। ଏ ନେଇ ଫାଣ୍ଡିରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୁଲିସ ତଦନ୍ତ କରୁଛି।

## ବ୍ରାଉନସୁଗର ଜବତ; ଜଣେ ଗିରଫ

ତାଳଚେର,୨୮ ।୨(ସମିସ): ଶୁକ୍ରବାର ସନ୍ଧ୍ୟାରେ ତାଳଚେର ବ୍ଲକ କଣ୍ଡାଳ ପଞ୍ଚାୟତ ଅନ୍ତର୍ଗତ ଜାତୀୟ ରାଜପଥ ବସଷ୍ଟାଣ୍ଡ ନିକଟରେ ପୁଲିସ୍ ଚଢ଼ଉ କରି ୧୨.୧୩ ଗ୍ରାମ



ବ୍ରାଉନସୁଗର ଜବତ କରିଛି। ଏଥିସହ ନଗଦ ୧୩ ହଜାର ଟଙ୍କା, ଏକ ବାଇକ୍ ମଧ୍ୟ ଜବତ କରାଯାଇଛି। ଜବତ ବ୍ରାଉନସୁଗରର ଆନୁମାନିକ ମୂଲ୍ୟ ୧ଲକ୍ଷ ୩୦ହଜାର ହେବ। ଏହି କାରବାରରେ ସମ୍ପୃକ୍ତ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଏ ନେଇ ଏକ ମାମଲା ରୁଜୁକରି ପୁଲିସ ତଦନ୍ତ ଚଳାଇଛି। ଗିରଫ ବେପାରୀଙ୍କ ଘର ରେମୁଁଆଁ ୱାର୍ଡ ନଂ- ୧୨ ବୋଲି ଜଣାପଡ଼ିଛି। ତେବେ ଗିରଫ ବ୍ୟକ୍ତି ଜଣକ କୁଆଡ଼େ ନିଖୋଜ ହୋଇଯାଇଥିବା ନେଇ ପୂର୍ବରୁ ତାଙ୍କ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା।

## ନୈନୀ କୋଇଲା ଖଣିରୁ କୋଶଳା ଗ୍ରାମ ଦେଇ ଅବୈଧ କୋଇଲା ପରିବହନ ଆଶଙ୍କା

# ଗ୍ରାମ ରାସ୍ତାରେ କୋଇଲା ପରିବହନ ହେଲେ ବିରୋଧ କରାଯିବ

ଛେଣ୍ଡିପଦା,୨୮ ।୨(ସମିସ):

ଛେଣ୍ଡିପଦା ଅଞ୍ଚଳରେ ଅବସ୍ଥିତ ନୈନୀ କୋଇଲା ଖଣିରୁ କୋଇଲା ପରିବହନକୁ ନେଇ କୋଶଳା ଗ୍ରାମବାସୀଙ୍କ ମଧ୍ୟରେ ଗଭୀର ଚିନ୍ତା ପ୍ରକାଶ ପାଇଛି। ଗ୍ରାମ ପରିଚାଳନା କମିଟି ପକ୍ଷରୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉଚ୍ଚ ପଦାଧିକାରୀଙ୍କୁ ପତ୍ର ଲେଖି ତତ୍କାଳ ହସ୍ତକ୍ଷେପ ଦାବି କରାଯାଇଛି। ପତ୍ରରେ ଉଲ୍ଲେଖ କରାଯାଇଛି ଯେ ଭାରତ ସରକାରଙ୍କ ପରିବେଶ ଓ ବନ ମନ୍ତ୍ରାଳୟ ପକ୍ଷରୁ ୨୦୨୧ ମେ ୧୩ରେ ଜାରି ହୋଇଥିବା ପରିବେଶ ଅନୁମୋଦନ ଅନୁଯାୟୀ ଉକ୍ତ ଖଣିରୁ କେବଳ ଜରପଡ଼ା ରେଲୱେ ସାଇଡିଂ ମାର୍ଗରେ କୋଇଲା ପରିବହନ



କରାଯାଇପାରିବ। ପରେ ୨୦୨୬ ଜାନୁଆରୀରେ ଆୟୋଜିତ ୩୮ତମ ଇଏସି (କୋଇଲା) ସଭାରେ ମଧ୍ୟ ଖଣିରୁ ଜରପଡ଼ା ରେଲୱେ ସାଇଡିଂ ପର୍ଯ୍ୟନ୍ତ ୨୯ କିମି ଛେଣ୍ଡିପଦା-ଜରପଡ଼ା ରାସ୍ତା ମାଧ୍ୟମରେ କଠୋର ପରିବେଶ ସର୍ତ୍ତ ସହିତ ପରିବହନକୁ ଅନୁମତି ଦିଆଯାଇଥିଲା। କିନ୍ତୁ ଗ୍ରାମବାସୀଙ୍କ ଅଭିଯୋଗ କରିଛନ୍ତି ଯେ କୋଇଲା ଭର୍ତ୍ତି ଭାରୀଯାନଗୁଡ଼ିକୁ କୋଶଳା ଗାଁ ରାସ୍ତାରେ ଚାଳାଇବା ପାଇଁ ପ୍ରୟାସ ହେଉଛି। ଏହି ରାସ୍ତା ସ୍କୁଲ, କଲେଜ ଛାତ୍ରଛାତ୍ରୀ ଓ ସାଧାରଣ ଲୋକଙ୍କ ଦୈନିକ ଯାତାୟାତର ପ୍ରମୁଖ ପଥ ହୋଇଥିବାରୁ ଏହା ଜନସୁରକ୍ଷା ପାଇଁ ଗୁରୁତର ବିପଦ ସୃଷ୍ଟି କରିପାରେ। ଗାଁ ରାସ୍ତା ଓ ରାଜ୍ୟ ରାଜପଥ ୬୩ ମାଧ୍ୟମରେ କୋଇଲା ପରିବହନ ହେଲେ କୋଇଲା ଧୂଳି ଦ୍ୱାରା ଭୟଙ୍କର ବାୟୁ ପ୍ରଦୂଷଣ, ଗୁରୁତର ସଡ଼କ ଦୁର୍ଘଟଣା ଆଶଙ୍କା ରହିଛି। ଏହି ଅବସ୍ଥା ଜାରି ରହିଲେ ଗ୍ରାମବାସୀ ନିଜ ସ୍ୱାସ୍ଥ୍ୟ, ସୁରକ୍ଷା ଓ ଆଇନଗତ ଅଧିକାର ସୁରକ୍ଷା ପାଇଁ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରିବାକୁ ବାଧ୍ୟ ହେବେ, ଯାହା ଫଳରେ ଯାତାୟାତ ଓ ଶିକ୍ଷାନୁଷ୍ଠାନର କାର୍ଯ୍ୟକଳାପରେ ବାଧା ସୃଷ୍ଟି ହେବା ଆଶଙ୍କା ରହିଛି। କର୍ତ୍ତୃପକ୍ଷ ଅନୁମୋଦିତ ମାର୍ଗକୁ କଡ଼ାକଡ଼ି ଭାବେ ପ୍ରୟୋଗ କରିବା ସହ ଗାଁ ରାସ୍ତାରେ କୋଇଲା ପରିବହନକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ପାଇଁ ଦାବି କରାଯାଇଛି। ଯଦି ନୈନୀ କୋଇଲାଖଣି କୋଶଳା ଗ୍ରାମ ଦେଇ ବଳପୂର୍ବକ କୋଇଲା ପରିବହନ କରିବାକୁ ଚେଷ୍ଟା କରେ ତେବେ ପଞ୍ଚାୟତର ୧୫ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ରାଜରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ମିଲର ନିର୍ଯାତନାରେ ଚାଷୀ ଆଖି ବୁଜିବା ଘଟଣା

# ଯୋଗାଣ ବିଭାଗ ୪ ଜଣିଆ ଟିମ୍‌ର ତଦନ୍ତ

ରାଜନଗର,୨୮।୨(ସମିସ)



କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ କୁଣଗଡି ଗ୍ରାମର ଚାଷୀ ତ୍ରିଲୋଚନ ନାୟକ ମିଲର ନିର୍ଯାତନା ସହି ନ ପାରି ଆଖି ବୁଜିଛନ୍ତି। ୩ ଦିନ କାଳ ମିଲ ସାମ୍ନାରେ ଖୋଲା ଆକାଶ ତଳେ ଅଖିଆଅପିଆ ପଡ଼ି ରହି ଅସୁସ୍ଥ ହୋଇ ଘରେ ପହଞ୍ଚିବା କ୍ଷଣି ତାଙ୍କର ମୃତ୍ୟୁ ଘଟିଛି। ଦୀର୍ଘ ୪୦ ଦିନ କାଳ ମଣ୍ଡି ଓ ମିଲକୁ ଦୌଡି ଦୌଡି ନିର୍ଯାତିତ ହେବା ପରେ ଶେଷରେ ଚାଷୀଙ୍କ ଜୀବନ ଅକାଳରେ ଝରି ପଡିଛି। ଚାଷୀ ମୃତ୍ୟୁ ଖବର ସାରା ଓଡ଼ିଶାରେ ଆଲୋଡ଼ନ ସୃଷ୍ଟି କରିଥିବାବେଳେ ଗତକାଲି ମୃତ ଚାଷୀଙ୍କ ପତ୍ନୀ ଭାରତୀ ନାୟକ ମିଲର ଓ ସମବାୟ ସମିତି କର୍ମଚାରୀଙ୍କ ନିର୍ଯାତନା ପାଇଁ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ହୋଇଥିବା ନେଇ ଲିଖିତ ଭାବେ ରାଜନଗର ତହସିଲ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ଆଜି କେନ୍ଦ୍ରାପଡା ଯୋଗାଣ ବିଭାଗର ସହକାରୀ ଜିଲ୍ଲା ଯୋଗାଣ ଅଧିକାରୀ ପ୍ରୀତମ ଦାସଙ୍କ ନେତୃତ୍ୱରେ ସହକାରୀ ଯୋଗାଣ ଅଧିକାରୀ ପ୍ରଦୀପ ସାହୁ, ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ପୂର୍ଣ୍ଣମ ଜେନା, ଦେବଶ୍ରୀ ମାଥା ଡାଙ୍ଗମାଳ ସେବା ସମବାୟ ସମିତି, ରାମଚଣ୍ଡୀ ରାଇସ ମିଲ ଓ ମୃତ ଚାଷୀଙ୍କ ଘରେ ପହଞ୍ଚି ତଦନ୍ତ କରିଛନ୍ତି। ଏହି ତଦନ୍ତକାରୀ ଟିମ୍ ପ୍ରଥମେ ଡାଙ୍ଗମାଳ ସେବା ସମବାୟ ସମିତିରେ ପହଞ୍ଚି ଧାନ କିଣା ଦାୟିତ୍ୱରେ ଥିବା ସହସମ୍ପାଦକ ବିଜୟ କୁମାର ସ୍ୱାଇଁଙ୍କ ସହ ଆଲୋଚନା କରିଥିଲେ। ପରେ ମୃତ ଚାଷୀ ତ୍ରିଲୋଚନଙ୍କ ଘରେ ପହଞ୍ଚିଥିଲେ। ମୃତ ତ୍ରିଲୋଚନଙ୍କ ପତ୍ନୀ ଭାରତୀ ନାୟକ, ଭାଇ ଦୁର୍ଯ୍ୟୋଧନ ଓ ତାଙ୍କ ପୁଅଙ୍କ ସହ ଆଲୋଚନା କରିଥିଲେ। ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ଆମେ ମିଲରେ ଧାନ ଦେଇଛୁ ବୋଲି ମୃତ ଚାଷୀଙ୍କ ପରିବାର ଲୋକେ ତଦନ୍ତକାରୀ ଟିମ ଆଗରେ କହିଥିଲେ। ଏହାପରେ ରାମଚଣ୍ଡୀ ରାଇସ୍ ମିଲ ଯାଇ ତଦନ୍ତ କରିଥିଲେ। ଏ ସମ୍ପର୍କରେ ସହକାରୀ ଯୋଗାଣ ଅଧିକାରୀ ପ୍ରୀତମ ଦାସଙ୍କୁ ପଚାରିବାରୁ ତଦନ୍ତ ରିପୋର୍ଟ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ଦେବୁ। ଜିଲ୍ଲା ଯୋଗାଣ ଅଧିକାରୀ ଯାହା ପଦକ୍ଷେପ ନେବେ ବୋଲି କହିଛନ୍ତି।

## ମା' ବୁଢ଼ୀ କନକାଇଙ୍କ ନୂତନ ମନ୍ଦିର ପ୍ରତିଷ୍ଠା

ରାଜନଗର,୨୮।୨(ସମିସ): ଡାଙ୍ଗମାଳ ପଞ୍ଚାୟତ ବଡ଼ଆଡିଆ ଗାଁର ଗ୍ରାମଦେବତୀ ମା' ବୁଢ଼ୀ କନକାଇ ଠାକୁରାଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଓ ନୂତନ ମନ୍ଦିରକୁ ମା'ଙ୍କ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଛି। ୨୩ ତାରିଖରେ କଳସଯାତ୍ରା ଅନୁଷ୍ଠିତ ହୋଇଥିଲା। ୧୫୦ରୁ ଅଧିକ ମହିଳା ଗାଁରୁ ଶୋଭାଯାତ୍ରାରେ ନଳିତାପାଟିଆସ୍ଥ ବେବିରଣୀ ନଦୀକୁ ଯାଇଥିଲେ। ନଦୀରୁ ପାଣି ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ୨୪ ତାରିଖରେ ସୂର୍ଯ୍ୟପୂଜା, ଗୋ ପୂଜା, ମନ୍ଦିର ଶିଖର ସ୍ନାନ, ଦେବତା ସ୍ନାନ ନୀତି ସମାପନ ହୋଇଥିଲା। ୨୫ ତାରିଖରେ ମା'ଙ୍କ ୩୨ ଉପଚାର ପୂଜା, ଦୁର୍ଗା ସପ୍ତସତୀ ଚଣ୍ଡୀ ଆହୂତି, ୨୬ ତାରିଖରେ ଦେବତା ଜୀବନ୍ୟାସ, ମନ୍ଦିର ନ୍ୟାସ, ନଗର ପରିକ୍ରମା ସହିତ କନିକା ରାଜା ଶିବେନ୍ଦ୍ର ନାରାୟଣ ଭଞ୍ଜଦେଓଙ୍କ ଦ୍ୱାରା ଦେବୀଙ୍କ ମନ୍ଦିର ପ୍ରବେଶ ନୀତି ଅନୁଷ୍ଠିତ ହୋଇଥିଲା।



ଆଜି ନଗର ପରିକ୍ରମା ଓ ମହୋତ୍ସବ ସହିତ ମନ୍ଦିର ପ୍ରତିଷ୍ଠା ଓ ମା'ଙ୍କ ମନ୍ଦିର ପ୍ରବେଶ ନୀତି ଶେଷ ହୋଇଛି। ଶ୍ରୀମନ୍ଦିରର ପ୍ରବୀଣ ପଣ୍ଡିତଙ୍କ ଦ୍ୱାରା ସମସ୍ତ ଦେବ ନୀତି କରାଯାଇଥିଲା। ରମେଶ ବେହେରା ଓ ତାଙ୍କ ପତ୍ନୀ ଚନ୍ଦ୍ରିକା ବେହେରା କର୍ତ୍ତା ଥିଲେ।

## +୨ ବାଣିଜ୍ୟ ଇଂରାଜୀ ପ୍ରଶ୍ନପତ୍ରରେ ତ୍ରୁଟି ଅଭିଯୋଗ

ପଟ୍ଟାମୁଣ୍ଡାଇ,୨୮।୨(ସମିସ): ସମ୍ପ୍ରତି +୨ ପରୀକ୍ଷା ଚାଲିଥିବାବେଳେ ବାଣିଜ୍ୟ ଇଂରାଜୀ ପ୍ରଶ୍ନପତ୍ରରେ ତ୍ରୁଟି ଥିବା ଅଭିଯୋଗ ହୋଇଛି। ପ୍ରଶ୍ନପତ୍ର ୨ରେ ଦି ପବ୍ଲିସର ହାଜ୍ ରେସେଣ୍ଟଲି ଏ ନ୍ୟୁ ଏଡିସନ ଅଫ ଦି ବୁକ୍ ଅପସନ୍‌ରେ ଫ୍ରେଜଲ୍ ଭର୍ବ ବସାଇବାକୁ କୁହାଯାଇଛି। ଫ୍ରେଜଲ ଭର୍ବ ଅପସନ୍ ହେଲା- ବ୍ରଟ ଅପ, ବ୍ରଟ ଆଉଟ୍, ବ୍ରଟ ଇନ୍, ବ୍ରଟ ଏବୌଟ। ପ୍ରଶ୍ନପତ୍ରରେ ହାଜ ହେଉଛି ପ୍ରେଜେଣ୍ଟ ଟେନ୍ସ, ମାତ୍ର ଅପସନ୍‌ରେ ଅଛି ପାଷ୍ଟଟେନ୍ସ। ଏଣୁ ପ୍ରେଜେଣ୍ଟ ଟେନସ = ପ୍ରେଜେଣ୍ଟ୍ ଟେନ୍ସ ହେବା ଉଚିତ୍। ଅର୍ଥାତ୍ ଅପସନରେ ବ୍ରିଂସ ଆଉଟ୍ ରହିବା ଉଚିତ୍। ଯଦି ପ୍ରଶ୍ନପତ୍ରରେ ହାଜ ପବ୍ଲିସଡ ଥାଆନ୍ତା, ତେବେ ବ୍ରଟ ଆଉଟ୍ ହୋଇଥା'ନ୍ତା। ମାତ୍ର ବ୍ୟାକରଣ ଅନୁସାରେ ହାଜ ରିସେଣ୍ଟଲି ଆହୁରି ମଧ୍ୟ ପ୍ରେଜେଣ୍ଟ ସିମ୍ପୁଲରେ ରେସେଣ୍ଟଲୀ ବ୍ୟବହୃତ ହୁଏ ନାହିଁ। ଏହା ହାଜ ପବ୍ଲିସ ହେବା ଉଚିତ୍। ଏହି ମତାମତ ଦେଇଛନ୍ତି ବରିଷ୍ଠ ଶିକ୍ଷାବିତ୍ ଆଡଭୋକେଟ ବିଜୟ ରାଉତ, ଆଡଭୋକେଟ୍ ସୁରେଶ ନରେନ୍ଦ୍ର, ଧୀରେନ୍ଦ୍ର ସାହୁ ଓ ଅଶ୍ୱିନୀ ଚୌଧୁରୀ। ଏହାର ଯଥାର୍ଥତାକୁ ଉପଲବ୍ଧି କରି ଭୁଲ ସଂଶୋଧନ କରିବା ଉପରେ ପ୍ରାଧାନ୍ୟ ଦେଲେ ପରୀକ୍ଷାର୍ଥୀ ଉପକୃତ ହୋଇପାରିବେ ବୋଲି ସେମାନେ ମତ ଦେଇଛନ୍ତି।

## ଚାନ୍ଦୋଳ କଲେଜରେ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

ଡେରାବିଶ, ୨୮।୨ (ସମିସ): ଚାନ୍ଦୋଳସ୍ଥ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା କୌଶଳ ତାଲିମ ଶିବିର ଆରମ୍ଭ ହୋଇଛି। ଅଧ୍ୟକ୍ଷ ଅକ୍ଷୟ ବଳ ଉଦ୍‌ଘାଟନୀ ସଭାରେ ସଭାପତିତ୍ୱ କରିଥିବାବେଳେ ପ୍ରାଣୀ ବିଜ୍ଞାନ ବିଭାଗ ଅଧ୍ୟାପିକା ସ୍ମୃତିଶ୍ରାବଣୀ ମଞ୍ଚ ପରିଚାଳନା କରିଥିଲେ। ସଂସ୍କୃତ ବିଭାଗ ଅଧ୍ୟାପିକା ସ୍ମୃତିରେଖା ପଣ୍ଡା ଛାତ୍ରୀଙ୍କୁ ଆତ୍ମରକ୍ଷାର କୌଶଳ ସମ୍ପର୍କରେ ସବିଶେଷ ସୂଚନା ପ୍ରଦାନ କରିଥିଲେ। ଅଧ୍ୟାପିକା ଜ୍ୟୋତିର୍ମୟୀ ନାଥଶର୍ମା, ମନୀଷା ଦାସ, ମନୀଷା ମହାରଣା, ଶାଶ୍ୱତୀପ୍ରଜ୍ଞା ସାହୁ, ଶର୍ମିଷ୍ଠା ଦାସ ପ୍ରମୁଖ ବର୍ତ୍ତମାନ ପରିସ୍ଥିତିରେ ବାଳିକାମାନେ ସମ୍ମୁଖୀନ ହେଉଥିବା ବିପଦର କିପରି ମୁକାବିଲା କରିବେ, ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପ୍ରଶିକ୍ଷିକା ଭାବେ ସୁଶ୍ରୀ ଆଦ୍ୟାଶା ଲେଙ୍କା ଆତ୍ମରକ୍ଷାର ବିଭିନ୍ନ କୌଶଳ ସମ୍ପର୍କରେ ଶିବିରାର୍ଥୀଙ୍କୁ ପ୍ରଶିକ୍ଷିତ କରାଇଥିଲେ। ଅଧ୍ୟାପକ ଦିବ୍ୟକୁମାର ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଅଧ୍ୟାପିକା ମେନକା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ପିଏନ୍‌ଏସ୍ ସ୍କୁଲ ଅଫ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିର ବାର୍ଷିକ ଉତ୍ସବ

ମାର୍ଶାଘାଇ,୨୮।୨(ସମିସ): ଅଙ୍ଗୁଳାଇସ୍ଥ ପିଏନ୍‌ଏସ୍ ବୈଷୟିକ ଶିକ୍ଷାନୁଷ୍ଠାନର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡକ୍ଟର ସଞ୍ଜୟ ମିଶ୍ରଙ୍କ ପୌରୋହିତରେ ମୁଖ୍ୟଅତିଥି ପିଏନ୍‌ଏସ୍ ସ୍କୁଲ ଅଫ ଇଞ୍ଜିୟରିଂ ଆଣ୍ଡ ଟେକ୍ନୋଲୋଜି ଚେୟାରମ୍ୟାନ୍ ରଣେନ୍ଦ୍ର ସ୍ୱାଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ପିଲାଙ୍କ ପ୍ରତିଭା ବିକାଶ ଅନୁଷ୍ଠାନକୁ ଅଧିକ ସୁଦୂର ପ୍ରସାରୀ କରିବା ନିମନ୍ତେ ମତପ୍ରକାଶ କରିଥିଲେ। ମୁଖ୍ୟବକ୍ତା ନୀଳାଚଳ ପଲିଟେକ୍ନିକ ଭୁବନେଶ୍ୱରର ପୂର୍ବତନ ଡାଇରେକ୍ଟର ଇଞ୍ଜିନିୟର ଅଜୟ ପଣ୍ଡା, ନୀଳାଞ୍ଚଳ ପଲିଟେକ୍ନିକ୍ ପ୍ରାକ୍ତନ ନିର୍ଦ୍ଦେଶକ ଡକ୍ଟର ପ୍ରଫୁଲ୍ଲ ଚନ୍ଦ୍ର ରାଜ, ସମ୍ମାନିତ ଅତିଥି ପିଏନଏସ ପରିଚାଳନା ପରିଷଦ ସଭ୍ୟ ଅଜୟ ବିଶ୍ୱାଳ, ଅଧିକାରୀ ଲକ୍ଷ୍ମୀନାରାୟଣ ଦାସ ଯୋଗଦେଇଥିଲେ। ଅଧ୍ୟକ୍ଷ ଶ୍ରୀ ମିଶ୍ର ଛାତ୍ରଛାତ୍ରୀଙ୍କ ଚରିତ୍ର ଗଠନ ଓ ସୋସିଆଲ ମିଡିଆର ସଠିକ ବ୍ୟବହାର ଉପରେ ଗୁରୁତ୍ୱ ଦେଇଥିଲେ। ଏକାଡେମିକ ଅଫିସର କ୍ଷିତୀଶ ସିଂହ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ କର୍ମକ୍ଷେତ୍ରରେ ସଫଳତା ଲାଭ କରିଥିବା ଅନୁଷ୍ଠାନର ପୁରାତନ ଛାତ୍ର ବିଶ୍ୱନାଥ ସ୍ୱାଇଁ, ସନ୍ତୋଷ ଦାସ, ବିପ୍ଳବ ନାୟକ, ମିଟୁ ମଲ୍ଲିକ, ଜୟରାମ ବେହେରାଙ୍କୁ ଆଲୁମନି ଏକ୍ସଇଲେନ୍ସ ପୁରସ୍କାର ପ୍ରଦାନ କରାଯାଇଥିଲା। ଅଧ୍ୟାପକ ଅମରେନ୍ଦ୍ର ସାହୁ ଓ ଅଧ୍ୟାପିକା ସନ୍ତୋଷୀ ଦୀପ୍ତି ପୃଷ୍ଟି ମଞ୍ଚ ପରିଚାଳନା କରିଥିବାବେଳେ ଗଣନ ବିଭାଗ ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅଧ୍ୟାପକ ସୁନାକର ସିଂଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପାଦନ ହୋଇଥିଲା। ଅଧ୍ୟାପିକା ଜୟଶ୍ରୀ ବିଶୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## ବାସୁଦେବ ପ୍ରାସାଦ ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ମହାଯଜ୍ଞ

ପଟ୍ଟାମୁଣ୍ଡାଇ,୨୮।୨(ସମିସ): ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ପୋଖରୀଆପଡାରେ ପ୍ରଭୁ ବାସୁଦେବ ନୂତନ ପ୍ରାସାଦ, ବିଗ୍ରହ ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଣ୍ଡିତ ପ୍ରସନ୍ନ ନନ୍ଦଙ୍କ ସମେତ ବହୁ ବେଦଜ୍ଞ ବ୍ରାହ୍ମଣ ଯୋଗଦେଇ ଧାନ୍ୟାଧୀବାସ, ଅଙ୍କୁରାରୋପଣ ଦେବାଧିବାସ, କଳସ ଶୋଭାଯାତ୍ରା, ପୃଥିବୀ ପୂଜା, ଗୁରୁ ପୂଜା, ସୂର୍ଯ୍ୟ ପୂଜା, ଗୋ ପୂଜା, ମଣ୍ଡପ ପୂଜା, ବୈଷ୍ଣବାଗ୍ନି ସ୍ଥାପନ, ଦେବତା ମହାସ୍ନାନ, ଚଣ୍ଡି ଯାଗ, ଶାଳା ସଂସ୍କାର, ଦେବତା ଷୋଢାନ୍ୟାସ, ଗୀତା ଯଜ୍ଞ, ଦେବତା ଗ୍ରାମ ପ୍ରଦକ୍ଷିଣ, ରୁଦ୍ର ପୂଜା, ପ୍ରାସାଦ ସ୍ନାନ, ପ୍ରାସାଦ ନ୍ୟାସ, ଦେବତା ପୀଠ ପ୍ରତିଷ୍ଠା, ରୁଦ୍ରୀ ହବନ, ଦେବତା ପ୍ରାସାଦ ପ୍ରବେଶ, ମହାସ୍ନାନ, ରାଜୋପଷ୍ଟାର ପୂଜନ, ସହସ୍ର ହବନ ବିଷ୍ଣୁ ଶାନ୍ତି ମହାଯଜ୍ଞ ଆଦି କାର୍ଯ୍ୟକ୍ରମ ସମ୍ପନ୍ନ କରିଥିଲେ। ୭ ଦିନ ବ୍ୟାପି କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁ ଯୋଗଦେଇ ପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମକୁ ପୋଖରୀଆପଡା ଗ୍ରାମବାସୀ ପରିଚାଳନା କରିଥିଲେ।

## ନୂଆପଡ଼ା ସ୍କୁଲରେ ବିଜ୍ଞାନ ଦିବସ

ଡେରାବିଶ,୨୮।୨(ସମିସ): ଡେରାବିଶ ଶିକ୍ଷା ସର୍କଲ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ନୂଆପଡ଼ା ପ୍ରକଳ୍ପ ଉନ୍ନିତ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ବିଜ୍ଞାନ ଦିବସ ପାଳିତ ହୋଇଛି। ଏ ଅବସରରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀକୁ ଚାନ୍ଦୋଳ ସରପଞ୍ଚ ସୁରେନ୍ଦ୍ର ମଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରଧାନଶିକ୍ଷକ ଦିଲ୍ଲୀପ ଦାଶ ସଭାପତିତ୍ୱ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ମଣ୍ଡଳ ସହ-ଶିକ୍ଷାଅଧିକାରୀ ଖଗେଶ୍ୱର ନାୟକ, ସିଆରସିସି ପ୍ରମୋଦ ମଲ୍ଲ, ବିଜ୍ଞାନ ଶିକ୍ଷକ ଅନନ୍ତ ପରିଡ଼ା, ତପନ ସ୍ୱାଇଁ, ମାନସ ମିଶ୍ର, ନିରଞ୍ଜନ ନାୟକ ପ୍ରମୁଖ ଯୋଗଦେଇ ପ୍ରକଳ୍ପର ମୂଲ୍ୟାୟନ କରିଥିଲେ। ପ୍ରଦର୍ଶନୀରେ ୩୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଶିକ୍ଷୟିତ୍ରୀ ଶ୍ରୀୟାଶକ୍ତି ମହାନ୍ତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଶିକ୍ଷକ ପ୍ରମୋଦ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ଲୋକନାଥପୁର ସ୍କୁଲର ବାର୍ଷିକ ଉତ୍ସବ

ପଟ୍ଟାମୁଣ୍ଡାଇ,୨୮।୨(ସମିସ): ଲୋକନାଥପୁର ପ୍ରକଳ୍ପ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବ, ଇକୋ କ୍ଲବ ପକ୍ଷରୁ ୩ଟି ଆବର୍ଜନା କୁଣ୍ଡ ଓ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସ୍ନେହଲତା ଦାସ ଓ ସୁକାନ୍ତୀ ମିଶ୍ରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ଶୁଭାଂଶୁ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷାଧିକାରୀ ଅଜିତ ବାରିକ ମୁଖ୍ୟଅତିଥି, ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ପ୍ରଫେସର ଡଃ ରଶ୍ମିରେଖା ସେଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ୧୬ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟା ଜ୍ୟୋତିର୍ମୟୀ ବେହେରା, ଗଙ୍ଗାରାମପୁର ସରପଞ୍ଚ ସନ୍ତୋଷିନୀ ଜେନା, ସାଂସଦ ପ୍ରତିନିଧି ସୁନାକର ବେହେରା, ପଟ୍ଟାମୁଣ୍ଡାଇ ବିଆରସିସି ପ୍ରେମବାଳା ମହାପାତ୍ର, ଜିଲ୍ଲା ଶିକ୍ଷା ପ୍ରତିଷ୍ଠାନର ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ଅସୀମା ବେହୁରା,



ପଟ୍ଟାମୁଣ୍ଡାଇ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଅରକ୍ଷିତ ସାହୁ, ଇକୋ କ୍ଲବ ଜିଲ୍ଲା ସଂଯୋଜକ ଗୋପୀନାଥ ଦାଶ, ଡଃ ନାରାୟଣ ପ୍ରସାଦ ଜେନା, ଶିକ୍ଷକନେତା ଅଶୋକ ପରିଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅଷ୍ଟମ ଶ୍ରେଣୀ ଛାତ୍ର ସୌମ୍ୟରଞ୍ଜନ ଦାସ ସ୍କୁଲର କାର୍ଯ୍ୟଧାରା ଉପରେ ବକ୍ତବ୍ୟ ରଖି ସ୍କୁଲର ବିଭିନ୍ନ ସମସ୍ୟା ସମ୍ପର୍କରେ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏ ଅବସରରେ ଜରିଆ ବଳଦେବ ସରକାରୀ ଉଚ୍ଚବିଦ୍ୟାଳୟ ଓ ସିଦ୍ଧ ପରମହଂସ ନୋଡାଲ ଉଚ୍ଚପ୍ରାଥମିକ ବିଦ୍ୟାଳୟ କ୍ଲଷ୍ଟର ପକ୍ଷରୁ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସ୍ନେହଲତା ଦାସ ଓ ସୁକାନ୍ତି ମିଶ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏଥିସହିତ ନିକଟରେ ପ୍ରାକ୍ତନ ଆଳି ସହକାରୀ ବ୍ଲକ ସହକାରୀ ଶିକ୍ଷା ଅଧିକାରୀ ଉଦକର ସାମଲ, ପ୍ରାକ୍ତନ ଶିକ୍ଷକ ନନ୍ଦକିଶୋର ରାଉତ ଓ ବଦଳି ହୋଇଥିବା ଶିକ୍ଷକ ସଂଜୟ ପୃଷ୍ଟିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ପ୍ରଦାନ କରିଥିବା ଶିକ୍ଷୟିତ୍ରୀ ଗୀତାଞ୍ଜଳି ସାମଲଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ସହକାରୀ ଶିକ୍ଷୟିତ୍ରୀ ସସ୍ମିତା ଦଳାଇ ସ୍ୱାଗତ ଭାଷଣ ଓ ଦୀପ୍ତିରେଖା ବେହେରା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସ୍ନିଗ୍ଧା ସୂଚରିତା ସାହୁ ଧନ୍ୟବାଦ ଦେଇଥିଲେ। ସଂଘମିତ୍ରା ସାମନ୍ତ, ରାଜେଶ ପଣ୍ଡା, ସ୍କୁଲ ପରିଚାଳନା କମିଟି ସଭାପତି ସ୍ୱରୂପ ଜେନା, ପଞ୍ଚଶଖା ଶିକ୍ଷା ସେତୁ ଅଧ୍ୟକ୍ଷ ସଂଜୟ ନାୟକ, ଦିଲ୍ଲୀପ ଜେନା, ଲକ୍ଷ୍ମୀପ୍ରିୟା ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜମିବାଡ଼ି ବିବାଦକୁ ନେଇ ମାରପିଟ୍, ୩ ଆହତ

ପଞ୍ଚୁପାଣ୍ଡବ,୨୮।୨(ସମିସ): ନିକିରାଇ ଥାନା ଅନ୍ତର୍ଗତ ବେଣୀପୁର ପଞ୍ଚାୟତ ଅଧୀନ ବେଣୀପୁର ଗ୍ରାମରେ ଜମିବାଡ଼ି ବିବାଦକୁ ନେଇ ଦୁଇ ପରିବାର ମୁହାଁମୁହିଁ ହୋଇଥିବାବେଳେ ଆକ୍ରମଣ ଓ ପ୍ରତି ଆକ୍ରମଣରେ ତିନିଜଣ ଆହତ ହୋଇଛନ୍ତି। ବେଣୀପୁର ଗ୍ରାମର ଗଣେଶ୍ୱର ମଲିକ ଓ ଭରତ ମଲିକଙ୍କ ପରିବାର ମଧ୍ୟରେ ଦୀର୍ଘଦିନରୁ ଜମିବାଡ଼ି ବିବାଦକୁ ନେଇ ତିକ୍ତତା ଲାଗି ରହିଥିଲା। ଏପରିକି ଦୁଇମାସ ପୂର୍ବେ ଏହି ଘଟଣାକୁ ନେଇ ଗଣ୍ଡଗୋଳ ହୋଇଥିବାବେଳେ ଏହି ମାମଲା ପ୍ରଥମେ ନିକିରାଇ ଥାନା ଓ ପରେ କେନ୍ଦ୍ରାପଡା ନ୍ୟାୟାଳୟ ପର୍ଯ୍ୟନ୍ତ ଯାଇଥିଲା। ମାତ୍ର ଗୁରୁବାର ଦିନ ଏହି ମାମଲାର ସମନ ଉଭୟ ପକ୍ଷଙ୍କ ନିକଟକୁ ଯାଇଥିବାବେଳେ ପୁନର୍ବାର ଦୁଇ ପରିବାର ମୁହାଁମୁହିଁ ହୋଇଥିଲେ। ପ୍ରଥମେ ବଚସା ଓ ପରେ ଉଗ୍ରରୂପ ଧାରଣ କରିବାରୁ ଭରତ ମଲିକ ଉତକ୍ଷିପ୍ତ ହୋଇ ଏକ କଟୁରୀରେ ଆକ୍ରମଣ କରିବାରୁ ଗଣେଶ୍ୱର, ପତ୍ନୀ ମଞ୍ଜୁଲତା ଓ ଶରତ ମଲିକ ଆହତ ହୋଇଥିଲେ। ଆହତଙ୍କୁ ଉଦ୍ଧାର କରାଯାଇ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଏ ସମ୍ପର୍କରେ ଗଣେଶ୍ୱର ନିକିରାଇ ଥାନାରେ ଲିଖିତ ଅଭିଯୋଗ କରି ନ୍ୟାୟ ପାଇଁ ନିବେଦନ କରିଛନ୍ତି। ଏ ଘଟଣାକୁ ନେଇ ଗ୍ରାମରେ ଉତ୍ତେଜନା ଲାଗି ରହିଛି। ନିକିରାଇ ଥାନା ଅଧିକାରୀ ବିମଳ ମଲ୍ଲିକଙ୍କୁ ପଚାରିବାରୁ ସେ କହିଛନ୍ତି ଜମିବାଡ଼ିକୁ ନେଇ ଗଣ୍ଡଗୋଳ ହୋଇଥିଲା। ଏବେ କୋର୍ଟରୁ ନୋଟିସ ଆସିଥିବାରୁ ପୁଣି ଗଣ୍ଡଗୋଳ ହୋଇଛି। ଏତଲା ପାଇବା ପରେ ମାମଲା ରୁଜୁ କରି ତଦନ୍ତ ଚାଲିଛି ବୋଲି କହିଛନ୍ତି।

## ପଞ୍ଚମୁଖୀ ହନୁମାନଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ

କେନ୍ଦ୍ରାପଡ଼ା,୨୮।୨(ସମିସ): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଗୁଲନଗର ଗ୍ରାମରେ ପଞ୍ଚମୁଖୀ ହନୁମାନଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଧାର୍ମିକ କାର୍ଯ୍ୟକ୍ରମରେ ଗ୍ରାମବାସୀ ଓ ଆଖପାଖ ଅଞ୍ଚଳର ଶତାଧିକ ଭକ୍ତ ଯୋଗ ଦେଇଥିଲେ। ପ୍ରଥମ ଦିବସରେ ଅଙ୍କୁରାରୋପଣ, ପରବର୍ତ୍ତୀ ଦିନ ଗୋବରୀ ଘାଟରୁ କଳସରେ ପବିତ୍ର ଜଳ ଆଣି ମନ୍ଦିର ପରିସରରେ ସ୍ଥାପନ କରାଯାଇଥିଲା। ମଧ୍ୟାହ୍ନରେ ପୂଜକଙ୍କ ଦ୍ୱାରା ଗୁରୁପୂଜା, ସୂର୍ଯ୍ୟପୂଜା ଓ ଅଗ୍ନିସ୍ଥାପନ ପରେ ବିଧିବତ୍ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଥିଲା। ଏଅବସରରେ ଶ୍ରୀରାମ କଥାମୃତ ମାର୍ଗଦର୍ଶକ ପଦ୍ମଭୂଷଣ ବାବା ବଳିଆ ଭକ୍ତଙ୍କୁ ଆଧ୍ୟାତ୍ମିକ ବାଣୀ ପ୍ରଦାନ କରିଥିଲେ। ଶୁକ୍ରବାର ସୂର୍ଯ୍ୟପୂଜା, ଗୁରୁପୂଜା, ଗୋପୂଜା ଓ ଯଜ୍ଞକର୍ମ ସହ ପଞ୍ଚମୁଖୀ ହନୁମାନଙ୍କ ଷୋଡଶ



ଉପଚାର ପୂଜା ବିଧିବତ୍ ଭାବେ ସମ୍ପନ୍ନ ହୋଇଥିଲା। ମାନସ ବାଣୀକଣ୍ଠ ଶ୍ରୀକାନ୍ତ ଦାସଙ୍କ ଦ୍ୱାରା ଶ୍ରୀରାମ ଚରିତମାନସ ପ୍ରବଚନ ଓ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରକ ଭାଗବତ ବାଣୀଭୂଷଣ ବିରଞ୍ଚିନାରାୟଣ ଦାସଙ୍କ ଦ୍ୱାରା ଧାର୍ମିକ ପ୍ରବଚନ ଅନୁଷ୍ଠିତ ହୋଇଥିଲା। ଶନିବାର ମହାଯଜ୍ଞର ପୂର୍ଣ୍ଣାହୁତି, ୧୦୮ ହନୁମାନ ଚାଳିଶା ପାଠ ଓ ସୁନ୍ଦରାକାଣ୍ଡ ପାଠ ମାଧ୍ୟମରେ ଉତ୍ସବ ସମାପନ ହୋଇଥିଲା। ଏହି ଉତ୍ସବରେ କେନ୍ଦ୍ରାପଡା ଜିଲ୍ଲାର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିବାବେଳେ ଗୁଲନଗର ପଞ୍ଚାୟତ ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଭକ୍ତ ଉପସ୍ଥିତ ରହି ପଞ୍ଚମୁଖୀ ହନୁମାନଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ।

## ଅଜୟ ରାଉତଙ୍କୁ 'ସାମ୍ବାଦିକ ଗୌରବ' ସମ୍ମାନ

ରାଜକନିକା,୨୮।୨(ସମିସ): ରାଜକନିକା ବ୍ଲକର ଯୁବ ସାମ୍ବାଦିକ ଅଜୟ କୁମାର ରାଉତଙ୍କୁ "ସାମ୍ବାଦିକ ଗୌରବ' ସମ୍ମାନରେ ସମ୍ମାନିତ କରାଯାଇଛି। ବ୍ଲକର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଝଡ଼ମାଳ ମହାବୀର କ୍ଲବ୍ ପକ୍ଷରୁ ଆୟୋଜିତ ୧୮ତମ ବାର୍ଷିକ ଉତ୍ସବ ଓ



ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଆଇନଜୀବୀ ତଥା ସମାଜସେବୀ ଉପେନ୍ଦ୍ର ରାଉଳ, ମୁଖ୍ୟବକ୍ତା ଭାବେ ସ୍ତମ୍ଭକାର ଅଭୟ କୁମାର ଦ୍ୱିବେଦୀ, ସମ୍ମାନିତ ଅତିଥି ଭାବେ ସୁଧା ପତ୍ରିକା ସମ୍ପାଦକ ହରେକୃଷ୍ଣ ବାରିକ, ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟ ପ୍ରାଧ୍ୟାପକ ଡ. ଫକୀର ପ୍ରଧାନ, ଶିକ୍ଷାବିତ ବେଣୁଧର ସାମଲ ଓ ମୁରଲୀଧର ଦାସ ପ୍ରମୁଖ ଯୋଗଦେଇ ସାମ୍ବାଦିକ ଅଜୟ ରାଉତଙ୍କୁ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ। ଏ ଅବସରରେ ବରିଷ୍ଠ ସମାଜସେବୀ ଦାମୋଦର ଧଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ଲବ୍‌ର ସମ୍ପାଦକ ସୁବ୍ରତ ନାୟକ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ନାରାୟଣ ବେହେରା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସଭାପତି ଦୁଷ୍ମନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କ୍ଲବ୍‌ର ଚେୟାରମ୍ୟାନ ଶିଶିର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉପସଭାପତି ବିଶ୍ୱଭୂଷଣ ପ୍ରଧାନଙ୍କ ସମେତ କ୍ଲବର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ସମାଜସେବୀଙ୍କ ପରଲୋକ

ପଟ୍ଟାମୁଣ୍ଡାଇ,୨୮।୨(ସମିସ): ଡାମରପୁର ପଞ୍ଚାୟତର ସମାଜସେବୀ ଅଜୟ ସେନଙ୍କ ଆଜି ସକାଳେ ଦେହାନ୍ତ ହୋଇଯାଇଛି। ବ୍ରେନ ଷ୍ଟ୍ରୋକ ଯୋଗୁଁ କୋମାରେ ଥିବା ଅଜୟ ମାସାଧିକ କାଳ ଭୁବନେଶ୍ୱରର ଏକ ବେସରକାରୀ ମେଡିକାଲରେ ଚିକିତ୍ସିତ ହେଉଥିଲେ। ଅବସ୍ଥାରେ ସାମାନ୍ୟ ଉନ୍ନତି ଆସିବା ପରେ ଅଜୟଙ୍କୁ ଭୁବନେଶ୍ୱରସ୍ଥ ଏକ ଫିଜିଓଥେରାପି ସେଣ୍ଟରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଅଜୟ ଜଣେ ମିଷ୍ଟଭାଷୀ, ମେଳାପୀ ଓ ପରୋପକାରୀ ବ୍ୟକ୍ତି ଥିଲେ। ତାଙ୍କ ମୃତ୍ୟୁରେ ରାଜନଗର ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ବରିଷ୍ଠ ରାଜନେତା ନୃସିଂହ ଆଚାର୍ଯ୍ୟ, ଉତ୍କଳ ସଂଗ୍ରାମ ପରିଷଦ ସଭାପତି ପ୍ରଶାନ୍ତ ମହାନ୍ତି, ସମାଜସେବୀ ବସନ୍ତ ନାଥ, କେନ୍ଦ୍ରାପଡା ସିଏସସି ଜିଲ୍ଲା ପରିଚାଳକ ଚିରଞ୍ଜୀବ ସାହୁ, ଶ୍ରୀରାମ ସେନା ଜିଲ୍ଲା ସଭାପତି ଶାରଦା ରାଉତ, ପୂର୍ବତନ ସରପଞ୍ଚ ସୁବାସ ଦାସ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।



## ବାସନ୍ତିକ ଦୁର୍ଗାପୂଜା ପାଇଁ ଶୁଭ ମାଟି ଉଠାଣ

ଡେରାବିଶ, ୨୮।୨(ସମିସ): ପଲେଇ ପଞ୍ଚାୟତ ଅନ୍ତର୍ଗତ ନାଲୁବାବାଙ୍କ ଆଶ୍ରମରେ ଅନୁଷ୍ଠିତ ହୋଇଆସୁଥିବା ବାସନ୍ତିକ ଦୁର୍ଗାପୂଜା ନିମନ୍ତେ ଶୁଭ ମାଟି ଉଠାଣ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ମଠ ପରିସରରୁ ଶ୍ରଦ୍ଧାଳୁ ସଂକୀର୍ତ୍ତନ ସହ ପଟୁଆରରେ ଆସି ପଞ୍ଚାୟତ ନିକଟରେ ଥିବା ପୁଷ୍କରିଣୀ ବନ୍ଧରୁ ପୂଜାର୍ଚ୍ଚନା ପୂର୍ବକ ମା'ଙ୍କ ମୃଣ୍ମୟ ମୂର୍ତ୍ତି ନିମନ୍ତେ ମାଟି ଉଠାଣ କରିଥିଲେ। ମଠ ପରିସରକୁ ଏହି ଶୁଭ ମାଟି ପଟୁଆରେ ନିଆଯିବା ସମୟରେ ରାସ୍ତାର ଉଭୟ ପାର୍ଶ୍ୱରେ ଗ୍ରାମବାସୀ ଧୂପଦୀପ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ।

## ଗୋବିନ୍ଦପୁରରେ ଶ୍ରୀଜଗନ୍ନାଥ ମନ୍ଦିର ପାଇଁ ଶିଳାନ୍ୟାସ

ରାଜନଗର, ୨୮।୨(ସମିସ): ରାଜନଗର ବ୍ଲକ ବ୍ରାହ୍ମଣୀ ନଦୀ ତଟବର୍ତ୍ତୀ ସନ୍ଥପଡା ଗୋବିନ୍ଦପୁର ମଧ୍ୟସ୍ଥଳୀରେ ନୂତନ ଶ୍ରୀଜଗନ୍ନାଥ ମନ୍ଦିରର ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସୁଦଶା ବ୍ରତ ତିଥିର ବ୍ରହ୍ମ ମୁହୂର୍ତ୍ତରେ କେରଡାଗଡ ଜଗନ୍ନାଥ ମନ୍ଦିରର ଅନ୍ୟତମ ସେବକ ପଣ୍ଡିତ ଜନକୃଷ୍ଣ ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭୂମିପୂଜନ ବୈଦିକ ପରମ୍ପରା ଅନୁସାରେ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ କନିକା ରାଜାସାହେବ ଶିବେନ୍ଦ୍ର ନାରାୟଣ ଭଞ୍ଜଦେଓ ମୁଖ୍ୟଅତିଥି, ବାବାଜୀ ସୋମନାଥ ଦାସମହାରାଜ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ବରିଷ୍ଠ



ସାମ୍ବାଦିକ ଭାସ୍କର ରାଉତରାୟ ଯୋଗ ଦେଇଥିଲେ। ରାଜାସାହେବ ଶ୍ରୀ ଭଞ୍ଜଦେଓଙ୍କ ଦ୍ୱାରା ନୂତନ ମନ୍ଦିରର ଭିତ୍ତିପ୍ରସ୍ତର ସ୍ଥାପନା କରାଯାଇଥିଲା। ଗୋବିନ୍ଦପୁର ଗାଁ ମୁଣ୍ଡରୁ ସନ୍ଥପଡା ଗୋବିନ୍ଦପୁର ଗ୍ରାମବାସୀ ସୁସଜିତ ରଥରେ ବାଜା ରୋଷଣୀ ମଧ୍ୟରେ ରାଜାଙ୍କୁ ସ୍ୱାଗତ କରି ଗାଁ ପରିକ୍ରମା କରିଥିଲେ। ଗ୍ରାମର ମୁରବି ବାବାଜୀ ପାତ୍ର, ମାଧବାନନ୍ଦ ରାଉତ, ବିଜୟ ନାୟକ, ଅନାକାର ରାଉତ, ସତ୍ୟାନନ୍ଦ ପାତ୍ର, ଜୀବନାନନ୍ଦ ପାତ୍ର, ଶାନ୍ତନୁ ସାମଲ, ସୁଭାଷ ବିଶ୍ୱାଳ, ରମାକାନ୍ତ ମାହୁନ୍ତ, କ୍ଷୀରୋଦ ପାତ୍ର, ନିର୍ବିକାର ମହାନ୍ତି, ତ୍ରିଲୋଚନ ରାଉତ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

## ନେତାଙ୍କ ଭାଷଣରେ ସୀମିତ ବିକାଶ | ମୃତ ପ୍ରାୟ ଜମ୍ବୁ-ମାର୍ଶାଘାଇ କେନାଲ

ମହାକାଳପଡ଼ା,୨୮।୨(ସମିସ)

ମହାକାଳପଡ଼ା ବ୍ଲକ ଅଞ୍ଚଳର ନିର୍ଭରଶୀଳ ଜମ୍ବୁ-ମାର୍ଶାଘାଇ କେନାଲ ଅବସ୍ଥା ନ କହିବା ଭଲ। ସରକାରଙ୍କ ଅବହେଳା ଯୋଗୁଁ ଏହି କେନାଲ ପୋତି ହୋଇ ଜଙ୍ଗଲ ଓ ଘୁଷୁରୀ ଚରାଭୂମିରେ ପରିଣତ ହୋଇଛି। ଏକ ସମୟରେ ଚାଷ ଓ ଦୈନିକ ପାଣି ଆବଶ୍ୟକତା ପାଇଁ ଏହି କେନାଲ ହିଁ ଅଞ୍ଚଳବାସୀଙ୍କ ମୁଖ୍ୟ ଭରସା ଥିଲା। ଖରାଦିନ ଆସିବା ପୂର୍ବରୁ କେନାଲ ଫାଟି ମୃତ ଅବସ୍ଥାରେ ପହଞ୍ଚିଛି।

ପ୍ରାୟ ୨୦ଟି ପଞ୍ଚାୟତର ୩୦ରୁ ୪୦ ହଜାର ଲୋକ ଏହି କେନାଲର ପାଣି ଉପରେ ଚାଷ ପାଇଁ ନିର୍ଭର କରୁଥିଲେ। ଦୀର୍ଘଦିନ ଧରି ପୁନରୁଦ୍ଧାର କାମ ନ ହେବାରୁ ଚାଷୀ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କେନାଲ ଭିତରେ ଜଙ୍ଗଲ ସଦୃଶ ହୋଇଯିବା ସହ ପୋତି ହୋଇପଡ଼ିଛି। ପାଣି ଚଳାଚଳ ବନ୍ଦ ହେବାରୁ ସିଚାଇ ବ୍ୟବସ୍ଥା ପ୍ରାୟ ଧ୍ୱଂସ ହୋଇଯାଇଛି। ସ୍ଥାନୀୟଲୋକଙ୍କ ଅଭିଯୋଗ, ନିର୍ବାଚନ ସମୟରେ ନେତାମାନେ ପୁନରୁଦ୍ଧାରର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ବାସ୍ତବରେ କାମ ହୋଇନି। ସରକାର ଗଠନ ହୋଇ ୧୯ ମାସ ଅତିକ୍ରମ ହୋଇଥିଲେ ମଧ୍ୟ କେନାଲର ସୁଧାର ନ ହେବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଅନ୍ୟ କେନାଲରେ ପାଣି ଥିବାବେଳେ ଆମ କେନାଲରେ ଘୁଷୁରୀ ଚରୁଥିବା ଚାଷୀ କ୍ଷୋଭ ସହ ପ୍ରକାଶ କରିଛନ୍ତି।



ସୃଜନିକା

ସକାଳ
THE SAKALA
www.sakalaepaper.com

# ମାହାଦିପୁର ସୀମାନ୍ତ ଚେକ୍‌ପୋଷ୍ଟ



ସଂଯୁକ୍ତା ମହାନ୍ତି

ଚୁପଚାପ୍ ଆସି ସେ ଚୁପଚାପ୍ ଫେରି ଯାଇଥାନ୍ତା। ସେମାନେ କିନ୍ତୁ ତା' ଆସିବା ଖବର ଜାଣି ସାରିଥିଲେ। ଏଇ ହୋଟେଲରେ ରହିବାକୁ କହିଥିଲେ। ବାଧ ହୋଇ ସେ ନୀରବ ରହିଲା। ରାତି ନ'ଟା ଏବେ। ରୁମ୍ ଭିତରେ ବିଭାସ ଏକା ଏକା ଶୋଇ ରହିଥିଲା। ଏବେ ସୁଇଚ୍‌ଟା ମାରି ଅନ୍ଧାର କଲା। ମନେ ହେଲା ଛାତି ତଳେ ଗୋଟାଏ ପାହାଡ଼ୀ ଝରଣା ମଧୁର ଗୀତ ଗାଇ ଗାଇ ଝରି ଯାଉଛି। ସେହି ସୁଖରେ ତା'ର ଆଖି ବୁଜି ହୋଇ ଆସିଲା। ପୁଣି ଉଠି ଝରକା ଖୋଲି ଚାହିଁଲା। ପାଖ ମସଜିଦ୍‌ରୁ ଆସୁଥିଲା ଆଜାନର ସୁର। କିଛି ଦୂରରେ ଝାମ୍ପୁଡ଼ା ଗଛଟେ ଛାଇ ପରି ଦିଶୁଥିଲା। ଝରକା ପାଖରେ ପଡ଼ିଆଟେ। ନଭେମ୍ବରରେ ଉତ୍ତରବଙ୍ଗରେ ଶୀତ ଆସିସାରିଥିଲା। ନିଆଁ ପୋଇବାକୁ ବସିଥିଲେ କିଛି ଲୋକ। ଲାଗୁ ଥିଲେ ମଜଦୁର ଶ୍ରେଣୀୟ। ଦୂରର ପଡ଼ିଆରେ ମନେହେଲା ଗୋଟାଏ ନିଛୁମ ଶୂନ୍ୟତା ଢଳି ଢଳି ଚାଲିଛି ଅନିର୍ଦ୍ଦିଷ୍ଟ ପଥରେ। ଯାହା ହେଉ ଗଛଟାଏ ଅଛି ତ। ସକାଳୁ ଉଠିଲେ ଗୋଟାଏ ଚା' କପ୍‌ରେ ଏଇ ଗଛକୁ ଚାହିଁ ଶୋଷି ନେବ ସେ ଦିନକର ମଧୁରତା। ରାତିର ଆକାଶରେ ଅସଂଖ୍ୟ ନକ୍ଷତ୍ର ରୋଶଣି। ବାହୁନି ମରୁଛି ଏଠି ଗୌଡ଼ବଙ୍ଗର ଇତିହାସ। ମାଲଦା ସହର। ଫାଙ୍କା ପଡ଼ିଆଟାରେ ପୁଳାପୁଳା ଶୂନ୍ୟତା ଲମ୍ବିଥିଲା କେଉଁ ନକ୍ଷତ୍ର ଲୋକ ଯାଏ। ଅନ୍ଧାର ରାତି। ଶୂନ୍ୟତା ମେଞ୍ଚାଏ ବୁକୁ ତଳେ ନେସି ସେ ଶୋଇବାକୁ ଗଲା। ନା !ପୁଣି ବୁକୁ ଉପରେ କେହି ଜଣେ। କାହାର ଅସ୍ତିତ୍ୱ ନେସି ହୋଇ ରହିଛି। ତା' ସ୍ୱରୂପକୁ ଖୋଜିହେଲା ମନେ ମନେ। ନା....ତା'ର ମୁହଁ ସ୍ୱଷ୍ଟ ଦିଶୁନି ତାକୁ। ଖାଲି ଅସ୍ତିତ୍ୱର ଅନନ୍ତ ଉପଲବ୍ଧି। ସେ ମୁରୁକାଏ ହସିଦେଲା। ସେହି ଅସ୍ତିତ୍ୱର ଶୂନ୍ୟପଣ ହିଁ ପୂର୍ଣ୍ଣତା। "ଅଙ୍ଗବିହୀନ ଆଲିଙ୍ଗନେ ସକଳ ଅଙ୍ଗ ଭରେ" – ରବୀନ୍ଦ୍ରନାଥ ଠାକୁର ପଶି ଆସିଲେ ତା' ଛାତି ଭିତରକୁ। ଧାଡ଼ିଟା ତା' ମୁଣ୍ଡରେ ବାରମ୍ବାର ଝଙ୍କୃତ ହେଲା। ଗୋଟାଏ ଅଦ୍ଭୁତ ଆନନ୍ଦରେ ସେ ଜାଗି ଉଠିଲା। ପରେ ପରେ ଚାଲିଗଲା ଗୋଟାଏ ସୁସୁପ୍ତି ଅବସ୍ଥାକୁ। ଯେଉଁଠି ସ୍ୱପ୍ନ ବି ନାହିଁ। ଅସ୍ତିତ୍ୱର ଅନୁଭବ ନାହିଁ। ଖାଲି ଅଛି ଅହେତୁକ ଆନନ୍ଦ।

ସକାଳୁ ଉଠି ଦେଖିଲା କୁହୁଡ଼ି ଢଙ୍କା ପଡ଼ିଆଟା। ଗଛଟା ଆମ୍ବ ଗଛ। ମନେମନେ ଉଲ୍ଲସିତ ହେଲା। ଭାରତ ଟ୍ରେଡର୍ସର ମାଲିକକୁ କହିଥିଲା ଆସିଲେ ସୀମାନ୍ତ ଦେଖିବାକୁ ଯିବ। ଶୀଘ୍ର ଗଲେ ସେ ଫେରିଯିବ ସିଲିଗୁଡ଼ି। ବାଟରେ ଏତେ ଜାମ୍ ଗୋଟାଏ ଜାଗାରେ ଘଣ୍ଟାଏ ଅଟକି ଯିବାକୁ ହୁଏ। ବେଲ୍ ବାଜିଲା। ହୋଟେଲ ବୟ ଚା' ଦେଇଗଲା। ନ'ଟା ବେଳେ ଜଳଖିଆ ଦେଇଗଲା। ଭାରତ ଟ୍ରେଡର୍ସର ମାଲିକ ଦୀପାନ୍ତର ଦେଖା ନ ଥିଲା। ବଙ୍ଗଳା ଦେଶକୁ ମାଲ ପଠାଏ। ଅପେକ୍ଷା ଭିତରେ ସେ ଫେରିଯାଉଥିଲା ସେହି ଅସ୍ତିତ୍ୱ ଭିତରକୁ। ଯିଏ ତାକୁ କାବୁ କରି ରଖିଛି ଅହରହ। ସେ ବେଳକୁ ବେଳ ଚୁପ୍ ହୋଇ ଯାଉଛି। ଗାଢ଼ ପ୍ରତୀକ୍ଷାଟାଏ ତାକୁ କାବୁ କରିନେଲାଣି। ତା'ର ମଥା ଲାଗୁଛି ତା' ଭାରରେ ଝୁଙ୍କି ପଡୁଛି ଓଜନିଆ ହୋଇ। ବାସ୍ତବତା ଖୋଜି ସେ ଫୋନ୍ କରିଛି। ଅବୁଝା ସେହି ଅସ୍ତିତ୍ୱ। ବାରମ୍ବାର ଆଘାତ ଦେଇଛି। ନିର୍ମମତାର ମାଟି ଉପରେ ସେ କଚାଡ଼ି ହୋଇ ପଡୁଛି। ସେ ଅସ୍ତିତ୍ୱ ବୁଝେନା, ସେ ତା'ର ସତ୍ତାକୁ ଘେରି ରଖିଛି। ତା' ଆମ୍ବର ଛାଇ ପାଲଟି ଯାଇଛି। ଯୁଆଡ଼େ ଗଲେ ସେ ତା' ସାଙ୍ଗେ ସାଙ୍ଗେ ଚାଲିଛି। ଗୋଟାଏ ଜମାଟବନ୍ଧା ଶନିର ବଳୟ ପରି ତାକୁ ଘେରି ରହିଛି। ତା' ଭିତରେ କେହି ପଶି ପାରୁନାହାନ୍ତି। ଦୁଶ୍ଚିନ୍ତା, ସ୍ୱପ୍ନ, ମୃତ୍ୟୁର ଶୋକ ବି।

ଦଶଟା ହେଲା। ଦୀପାନ୍ତ ଆସୁନି। ଫୋନ୍ କରିବାର ଇଚ୍ଛା ହେଲାନି ତା'ର। କାଉଣ୍ଟରରେ ପଚାରିଲା। ଦୀପାନ୍ତର ସାନଭାଇ ହୋଟେଲ ଚଲାଏ। ସେ ଫୋନ୍ ଲଗାଇଲା। ସେହି ସମୟତକ ସେ ଠିଆ ହେଲା ତଳକୁ ମୁହଁପୋତି। ଶୁଣିଲା ସେହି ଅସ୍ତିତ୍ୱର କୋମଳ କଣ୍ଠର ନିବିଡ଼ ସ୍ୱର। କେବେକେବେ ତା' ହସ ଶୁଭେ ଜ୍ୟୋତ୍ସ୍ନା ରାତିର ମାୟା ପରି। ସେ ସେଇ ମାୟାବୀ ସମ୍ମୋହନରେ ଘାରି ହୁଏ।

ଆଜ୍ଞା ! ଆସୁଛନ୍ତି କହିଲେ।

ଏଗାରଟା ବେଳକୁ ଦୀପାନ୍ତ ଆସିଲା। ଲାଗୁଥିଲା ବଡ଼ ସ୍ମାର୍ଟ। ଯେମିତି କି ଏଠାକାର ନେତା।

ଦୁଃଖିତ। ଡେରି ହୋଇଗଲା।

ଦୀପାନ୍ତ ଆଗ ନେଇଗଲା ଗୌଡ଼ର ଇତିହାସର ସ୍ମାରକୀ ଦେଖେଇବାକୁ। ବଙ୍ଗ ସୁଲତାନଙ୍କ ମସ୍‌ଜିଦ୍, କଦମ ରସୁଲ, ଲୁକୋଚୋରି ଦରଜା। ପରିତ୍ୟକ୍ତ ଆଜି ଅଞ୍ଚଳଟି। ହେଲେ ଭୟାନକ ସେହି ଇତିହାସ। ଏଇଠୁ ଆକ୍ରମଣ ହେଉଥିଲା ଓଡ଼ିଶା ଉପରେ! ଲାଗିଲା ଘୋଡ଼ା ଝପଟାଇ କଳାପାହାଡ଼ ଛୁଟୁଛି। ଭାଙ୍ଗୁଛି ଓଡ଼ିଶାର ଦେବଦେବୀ ମନ୍ଦିର, ଟଳି ପଡୁଛି ମୁକୁନ୍ଦ ଦେବଙ୍କ ସାମ୍ରାଜ୍ୟ। ଚୈତନ୍ୟ ଦେବଙ୍କ ମୂର୍ତ୍ତି। ରାମକେଳି ମନ୍ଦିର। ଇତିହାସ ଆଜି ମୌନ। ଅଥଚ କେତେ ରକ୍ତାକ୍ତ ତା'ର ପୃଷ୍ଠା!

ଦୀପାନ୍ତ କହିଲା "ଏଇତକ ତ ଆମ ସହରର ଗର୍ବ, ଗୌରବ। ଆମେ ଯତ୍ନରେ ରଖିଚୁ। ଏବେ ଯିବା ବଙ୍ଗଳାଦେଶ ବର୍ଡର ମାହାଦିପୁର। ମୋର ସମସ୍ତେ ଚିହ୍ନା।" ଏକ୍ସପୋର୍ଟ ବିଜିନେସ୍ ତା'ର ଚିହ୍ନା ହେବା ସ୍ୱାଭାବିକ।

ସେଠି ପହଞ୍ଚି ଆଇକାର୍ଡ ଦରକାର ହେଲାନି। ବଙ୍ଗଳାଦେଶର ସୀମାନ୍ତ ରକ୍ଷୀମାନେ ବେଶ୍ ଅମାୟିକ। କହିଲେ - "ଚାଲନ୍ତୁ ଚା' ପିଇବେ। ମାଲ କେମିତି ରହୁଛି ଦେଖିବେ।"

ସେ ଘଣ୍ଟା ଦେଖିଲା। ଡେରି ହେବ ଫେରିବାକୁ। ପୁଣି ଡାଲଖୋଲା ପାଖରେ ଯେଉଁ ଟ୍ରକର ଧାଡ଼ି। କହିଲା – "ଏବେ ତ ସମୟ ହୋଇଯାଇଛି। ଆଉଥରେ ଆସିଲେ ଦେଖିବି।"

ଫେରି ଆସି ଠିଆ ହେଲା ଜିରୋ ପଏଣ୍ଟ ଉପରେ। ମନର ଅତଳତଳରୁ ଉଠି ଆସୁଥିଲା ଗୋଟାଏ ରୁଦ୍ଧଶ୍ୱାସ। କଣ୍ଟାବାଡ଼କୁ ଚାହିଁ ତା'ର ଏମିତି ଗୋଟାଏ ଅସ୍ୱସ୍ତିବୋଧ ହେଉଥିଲା....। କାହିଁକି ପଡ଼ିଲା ଏଇ କଣ୍ଟାବାଡ଼ ? ଏଠି ଯେ କେତେ ହା...ହା...କାର, କେତେ ରକ୍ତପାତ, କେତେ ଘରଛଡ଼ା ମଣିଷର ଆକୁଳ କାନ୍ଦଣା, କେତେ ହଣାହଣି ମରାମରିର ରକ୍ତ ଛଟିକି ପଡ଼ିଛି ! ଅଥଚ ପକ୍ଷୀଟି ଉଡୁଥିଲା କଣ୍ଟା ବାଡ଼ ଉପରେ ମନ ଖୁସିରେ। ଲଳିତା କିଆରୀ ସେପଟେ, ଏପଟେ ବି। ଆମ୍ବଗଛ ବି। ପକ୍ଷୀଟି କହୁଥିଲା ପାରିଲନି ରବୀନ୍ଦ୍ର, ନଜରୁଲଙ୍କୁ ଅଲଗା କରି। କଣ୍ଟାବାଡ଼ର ଏପଟେ ସେପଟେ କେତେ ଯେ କାହାଣୀ! କେତେ ଇତିହାସ! ହଠାତ୍ ତା ଆଖିରେ ପଡ଼ିଲା ଗୋଟାଏ ସାଇନବୋର୍ଡ। ନାଟୋର ୧୩୧ କି.ମି। ଇସ୍ ନାଟୋର? ସେହି ଦୁଃଖୀ ଜୀବନାନନ୍ଦଙ୍କ ନାୟିକାର ଗାଁକୁ ଏ ରାସ୍ତା। "ଆମାରେ ଦୁଦଣ୍ଡ ଶାନ୍ତି ଦିୟେଛିଲ ନାଟୋରର ବନଲତା ସେନ୍।" କି ଭାଗ୍ୟବାନ ତୁମେ କବି! ଦୁଦଣ୍ଡ ତ ପାଇଛ! କିନ୍ତୁ ସେ... ଗୋଟାଏ ଏ ଦଣ୍ଡ ବି ପାଇନି!



ଗୋଟାଏ ଦୀର୍ଘଶ୍ୱାସ ତା'ର ଉତୁରି ଆସିଲା ତା' ବୁକୁ ଥରାଇ। ନୀରବରେ ଆସି ଗାଡ଼ିରେ ବସିଲା। ସାରା ରାସ୍ତା ଥିଲା ସେ ଚୁପଚାପ୍। ଚାଲିଯାଉଥିଲା ତା' ଚାରିପଟେ ରୂପସୀ ବାଂଲା। ସବୁ ରୂପକୁ ଅନ୍ଧାରରେ ଡୁବେଇ ରାତି ନଇଁ ଆସୁଥିଲା ସିଲିଗୁଡ଼ି ଯିବାର ରାସ୍ତାରେ। ସେ ଥିଲା ଖୁବ୍ ନୀରବ। ବରଫାବୃତ୍ତ ହିମାଳୟର ନିବିଡ଼ ନୀରବତା ପରି। ■

ରାଜା ବଗିଚା, କଟକ-୭୫୩୦୦୯
ମୋ: ୯୪୩୭୬୭୨୫୮୫

## ପୁସ୍ତକ ପରିଚୟ

### ପ୍ରଚ୍ଛଦ କବିତା

ପ୍ରଶାନ୍ତ ଦାସ




ଟୁପୁର କ୍ରିଏସନ୍ସ
ଆଜିମାବାଦ, ବାଲେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୧୯୯ ଟଙ୍କା

କବି ପ୍ରଶାନ୍ତ ଦାସଙ୍କ ଏକ ନିଆରା କବିତା ସଂକଳନ 'ପ୍ରଚ୍ଛଦ କବିତା'। ସାଂପ୍ରତିକ ଓଡ଼ିଆ ସାହିତ୍ୟର ୨୬ ଜଣ ପ୍ରତିନିଧି ସ୍ଥାନୀୟ କବି, ଲେଖକଙ୍କ ପୁସ୍ତକର ପ୍ରଚ୍ଛଦକୁ ନେଇ କବିତା ରଚନା କରିଛନ୍ତି। ପୁସ୍ତକର ନାମକରଣ ଅନୁଯାୟୀ କବିତାଗୁଡ଼ିକ ରଚିତ ହୋଇଛି। ଏହି କ୍ରମରେ ଦୀପ୍ତି ଦାସଙ୍କ 'କହିଲ ବୋଲି', ଗଙ୍ଗାଧର ବିଶ୍ୱାଳଙ୍କ 'ମୁନିର ରଫ୍‌ଖାତାରେ ପୂର୍ଣ୍ଣିମାର ଗାଁ ଓ ଅନ୍ୟାନ୍ୟ କବିତା', କୃଷ୍ଣ କୁମାର ମହାନ୍ତିଙ୍କ 'ଶ୍ୟାମଳୀ ଦାସ', ଶ୍ରୀଦେବଙ୍କ 'ଚାଷବାସ', ସମରେନ୍ଦ୍ରନାଥ ମହାପାତ୍ରଙ୍କ 'ଟଙ୍କିକିଆ ମଣିଷ', ଡକ୍ଟର ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ 'କେଉଁଠି ଖୋଜିବି ତାକୁ', ସୈରିନ୍ଧ୍ରୀ ସାହୁଙ୍କ 'ସଖା', ଡକ୍ଟର ହରିଶ୍ଚନ୍ଦ୍ର ବେହେରାଙ୍କ 'ମେଷପାଳକର ଗୀତ', ନିବାରଣ ଜେନାଙ୍କ 'ବିଶ୍ୱାସର ଭୂମି', ସିତାଂଶୁ ଲେଙ୍କାଙ୍କ 'ମନ', ଡକ୍ଟର ଦେବାଶିଷ ପାତ୍ରଙ୍କ 'ଶବ୍ଦ ସଙ୍ଗମ' ଆଦି ପୁସ୍ତକକୁ ନେଇ ରଚିତ କବିତାଗୁଡ଼ିକ ମନଛୁଆଁ ହୋଇଛି। ପ୍ରତିଟି କବିତା ପୂର୍ବରୁ ସଂପୃକ୍ତ ଲେଖକଙ୍କ ସଂକ୍ଷିପ୍ତ ପରିଚୟ ଓ ପୁସ୍ତକର ପ୍ରଚ୍ଛଦ ସ୍ଥାନୀତ ହୋଇଛି। ପ୍ରଚ୍ଛଦର ଭାବ ଓ ଅର୍ଥକୁ ନେଇ ପ୍ରତି କବିତାର ମର୍ମଧ୍ୱନି ପ୍ରତିଫଳିତ ହୋଇଛି। ପୁସ୍ତକର ପ୍ରଚ୍ଛଦକୁ ନେଇ କବିତା ଲେଖିବାର ଏଇ ନିଆରା ପ୍ରୟାସ ପାଠକମାନଙ୍କୁ ନିଶ୍ଚୟ ଆକୃଷ୍ଟ କରିବ। ■

### ଭୂମି ଭୂମା

ଚିତ୍ତରଞ୍ଜନ ଚିରଞ୍ଜିତ




ତୀର ତରଙ୍ଗ
ଚନ୍ଦକା ଶିଳ୍ପାଞ୍ଚଳ
ଭୁବନେଶ୍ୱର-୨୪
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୨୦୦ ଟଙ୍କା

କଥାକାର ଚିତ୍ତରଞ୍ଜନ ଚିରଞ୍ଜିତଙ୍କ 'ଭୂମି ଭୂମା' ଉପନ୍ୟାସିକା ଦୁଇଟି ଯୁଦ୍ଧ ଓ ପ୍ରେମ ଆଧାରିତ। ପ୍ରଥମ ଉପନ୍ୟାସିକା 'ଭୂମି' ଯୁଦ୍ଧ ଉପରେ ଆଧାରିତ। ଯୁଦ୍ଧଭୂମି ଅର୍ଥ ଧ୍ୱସ୍ତବିଧ୍ୱସ୍ତର ଏକ ବିଖଣ୍ଡିତ ପୃଥିବୀ। ଯେମିତି ପହଲଗାମ୍ ଆକ୍ରମଣ ଘଟଣା ହଷ୍ଟେଲ ଅନ୍ତେବାସୀମାନଙ୍କ ଭିତରେ ଚର୍ଚ୍ଚାର ଖୋରାକ୍ ଯୋଗାଇଛି। ଛାତ୍ର ଗୌତମର ଆଦର୍ଶ ଚିନ୍ତାଧାରାକୁ ନେଇ 'ଭୂମି'ର କାହାଣୀ ଗତିଶୀଳ। ସେପଟେ ଆଜାଦ ଭଳି ନିରୀହ ଛାତ୍ର ନିଜ ଜନ୍ମଭୂମି ଆତଙ୍କବାଦୀଙ୍କ ଆଡ୍ଡା ସ୍ଥଳୀ ପାକିସ୍ତାନକୁ ଦେଖିବାକୁ ଯାଇ ପୋଲିସ ହାବୁଡ଼ରେ ପଡ଼ିଯାଇଛି। ସେହିପରି ଦ୍ୱିତୀୟ ଉପନ୍ୟାସିକା 'ଭୂମା' ପ୍ରେମ ଆଧାରିତ। ସ୍ତ୍ରୀ ପରିତ୍ୟକ୍ତା ସ୍ୱାମୀ ଓ ସ୍ୱାମୀଙ୍କୁ ହରାଇ ଜଣେ ନାରୀର ବେଦନା ଭରା ଜୀବନକୁ ନେଇ ଏହି ଉପନ୍ୟାସିକାର କାହାଣୀ ଗତିଶୀଳ। ସରୋଜ ଓ ନିକିତା ଦୁଇ ଅନ୍ତରଙ୍ଗ ମଣିଷ। ତେବେ ଦୁର୍ଭାଗ୍ୟ ସରୋଜଙ୍କୁ ଛାଡ଼ି ତାଙ୍କ ସ୍ତ୍ରୀ ଅନ୍ୟ ପୁରୁଷକୁ ବିବାହ କରିବା ଓ ଦୁର୍ଘଟଣାରେ ନିକିତା ନିଜ ସ୍ୱାମୀଙ୍କୁ ହରାଇବା ଘଟଣା ଏକ ସଂଯୋଗ। ପରସ୍ପର ଜୀବନ କାହାଣୀ ମଧ୍ୟରେ ରହିଛି ଅନେକ ସାମଞ୍ଜସ୍ୟ। ଗୋଟିଏପଟେ ଯୁଦ୍ଧ ଆତଙ୍କ, ଅନ୍ୟପଟେ ପ୍ରେମର ପ୍ରଗାଢ଼ ଦୁଇଟି ଉପନ୍ୟାସିକାକୁ ଅଧିକ ଆକର୍ଷଣୀୟ କରିଛି। 'ଭୂମି ଭୂମା'ର ନିଆରା କାହାଣୀ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ। ■

## ଅବଧାରଣା



ସତ୍ୟରଂଜନ ପ୍ରହରାଜ

ଆମେ ସବୁ ବସିରହୁ ଅନେକବେଳ
ଚୁପଚାପ୍
ଯଦିଓ ତର୍କ ଚାଲିଥାଏ ଆଖି ଭିତରେ
ଚା' କପରେ
ନାକ କୁଂଚି କୁଂଚି
ଜଣେ ଆରଜଣଙ୍କ ଅଲକ୍ଷ୍ୟରେ
ହଠାତ୍ କେହିଜଣେ ଖବର ଦିଏ
ନଣ୍ଡା ପାହାଡ଼ ଉପରେ ଥିବା ମଣିଷଟା ଦିଶୁ ନାହିଁ
ଦିଶୁଛନ୍ତି ପଲେ ଚଢ଼େଇ
ଚିଲ କି ଶାଗୁଣା
ନୀଳ କି ନାରଙ୍ଗୀ
ବିଦେଶୀ କି ଦେଶୀ
ଜଣାନାହିଁ
ତର୍କ ସରିଯାଇଛି
କଳାକଳା ଜହ୍ନାଙ୍କ ଧାଡ଼ି ଚାଲିଯାଉଛି
ଆମ ଭିତର ଦେଇ
ଛାତିରେ
କାହା କାହାର ଆଖିରେ, ପାଟିରେ
ରାମନାମ ସତ୍ୟ ନ ଡାକି
ନିର୍ମମ ନୀରବତାରେ
ଆମେମାନେ କାନ୍ଦିବା ଆରମ୍ଭିଲୁ
ଆଖିମାନଙ୍କ ଆଢୁଆଳେ
ଚେତନାର କନ୍ଦି ବିକନ୍ଦିରେ
ଟିକେ ଟିକେ ଦାନ୍ତ ଚିପି ହସିଲୁ
ଦୁଇ ବଗଙ୍କ ଦାନ୍ତରେ ଉଡ଼ିଯାଉଥିବା
କଇଁଛ ହସିଲା ପରି
କାଲୁଆ ପଡ଼ିଗଲା ଆମ
କଣ୍ଠ, କଲିଜା ଓ କଳେବର
ସଞ୍ଜ ନଇଁ ଆସିଲା
ଆମେ ସମସ୍ତେ ଦିଶିଲୁ
ଶବ ପରି କ୍ରୁଶବିଦ୍ଧ
ପୁଣି ଦୟାମୟ ଓ ଦୁଃସ୍ଥ
ପରଦିନ ତର୍କରେ ନୀରବତା ନୁହେଁ
ଜୀବନ ଝଡ଼
ଦୁଃଖ ଭିଡ଼
କ୍ରମଶଃ। ■

ଲେନ୍ ନଂ-୬, ଏରୋଡ୍ରୋମ୍ ଏରିଆ
ଭୁବନେଶ୍ୱର-୭୫୧୦୨୦
ମୋ: ୯୬୫୮୪୧୩୫୩୪

## ଛାଇପ୍ରେମ





ସୁଜିତ କୁମାର ସତପଥି

ନିଜକୁ ପଚାରିଲି ତୁ କିଏ କି ?
ଛାଇକୁ ପଚାରିଲି ତୁ କିଏ କି ?
ଦେହରେ ବିଦେହକୁ ଖୋଜିଲି
ବିଦେହରେ ଦେହ
ଲୁହରେ ହସକୁ ମାପିଲି
ହସରେ ଲୁହ
ଦି ପାଦ ପଡ଼ିଲି, ପାଦେ ଘୁଞ୍ଚିଲି
ମାଟିକୁ ଥରେ ଆକାଶକୁ ଥରେ
ଅନେଇଲି
ସେମାନଙ୍କର ତ ପାଦ ନାହିଁ
ତଥାପି କେମିତି ରହିଛନ୍ତି ସବୁଠି
ପରସ୍ପରର ବିମ୍ବ ହୋଇ !
କାହାକୁ ପଚାରିବି
ଆକାଶକୁ, ମାଟିକୁ, ନିଜକୁ
ସନ୍ଦିହାନରେ ପଡ଼ିଲି
ପୁଣି ଗଲି ପାଦେ
ଶୁଣିଲି କାହାର ପାଦ ଶବ୍ଦ
ମୋ' ସହ ତାଳ ଦେଇ
କିଏ ସେ
କ'ଣ ତା'ର ପରିଚୟ?
ପଚାରିବି ବୋଲି ଭାବି ଭାବି
ତା' ପ୍ରେମରେ ପଡ଼ିଲି
ନିଜେ ହିଁ ନିଜର
ବିମ୍ବ ହୋଇଗଲି
ବୁଝିଲି ଭିନେ ନୁହଁ ମାଟି ଓ ଆକାଶ
ଭିନେ ନୁହଁ ଶୋକ ଓ ଉଲ୍ଲାସ
ଭିନେ ନୁହଁ ସେ ଓ ମୁଁ
ଥିଲୁ, ଥିବୁ ପରସ୍ପରର ଛାଇ ମାତ୍ର ହୋଇ। ■

ମୋ: ୯୫୫୬୭୧୧୨୭୨

## ମୁଁ କାହିଁକି ଲେଖେ



ପ୍ରଫେସର ବିଜୟାନନ୍ଦ ସିଂହ

# "ନିଷ୍ଠାପର ସାହିତ୍ୟସେବା ସବୁଠାରୁ ପୁଣ୍ୟ ଓ ପବିତ୍ର କାର୍ଯ୍ୟ"

ମୋ ଜୀବନ ଆରମ୍ଭ ହୁଏ ଅଖ୍ୟାତ ପଲ୍ଲୀରେ। କଟକ ଜିଲ୍ଲା ମାହାଙ୍ଗା ନିକଟସ୍ଥ ଯଶୁଆପୁର ମୋର ଜନ୍ମଭୂମି। ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଗାଁର ପରିବେଶ। ଗାଁ ପାଖ ପଡ଼ିଆରେ କିଆଜଙ୍ଗଲ, କିଆଫୁଲ, ବର୍ଷାଦିନର କଦମ୍ବଫୁଲ, ଗ୍ରୀଷ୍ମଦିନର ମଲ୍ଲୀଫୁଲ ମୋତେ ଯେପରି ଆକର୍ଷିତ କରେ, ତାହା ଅବର୍ଣ୍ଣନୀୟ। ଗାଁ ପୋଖରୀରେ ବର୍ଷାର ଟପ୍‌ଟପ୍ ପାଣି ମୋତେ ଯେମିତି ବିହ୍ୱଳିତ କରେ, ଗଭୀର ନିଷାର୍ଦ୍ଧରେ ବର୍ଷାର ରିମ୍‌ଝିମ୍ ଶବ୍ଦ ସେହିପରି ରୋମାଞ୍ଚିତ କରେ। କୁମାର ପୂର୍ଣ୍ଣମୀ, କାର୍ତ୍ତିକ ପୂର୍ଣ୍ଣମୀର ଜହ୍ନକିରଣ ମୋତେ ପୁଲକିତ କରେ, ରଜ ଓ ଦୋଳଯାତ୍ରା ସେହିପରି ଆନମନା କରିଦିଏ। ଏହି ସବୁ ପରିବେଶ ମୋତେ ସାହିତ୍ୟ ମନସ୍କ ପିଲାଦିନରୁ କରାଇଥିଲା।

ଗାଁ ମୋ ପାଇଁ ଆନନ୍ଦ ଉତ୍ସାହର ଭୂମି। ଗାଁରେ ଯେପରି ସ୍ନେହ ଶ୍ରଦ୍ଧା, ଆନ୍ତରିକତା ଥାଏ, ତାହାର ପଟାନ୍ତର ନାହିଁ। ଗାଁ ମୋ ପାଇଁ ଅଣିମାଦି ସୁଖ, ଅଷ୍ଟବର୍ଗ ଐଶ୍ୱର୍ଯ୍ୟ। ଆତ୍ମୀୟମାନଙ୍କ ସ୍ନେହବୋଳା ଡାକ ମୋ ଲାଗି ଆଶୀର୍ବାଦ, ମା'ବାପାଙ୍କ ସ୍ନେହ ଆଦର ମୋ ପାଇଁ ଅମୃତ, ଭାଇ-ଭଉଣୀଙ୍କ ସ୍ନେହ ଅପାସୋରା, ଗାଁ ଧୂଳିମାଟି ଚନ୍ଦନ ଅବିର ସଦୃଶ। ମୁଁ ଗର୍ବିତ ଜନ୍ମମାଟି ପାଇଁ। ବିରୂପା ଅବବାହିକାରେ ଗଢ଼ି ଉଠିଥିବା ମାହାଙ୍ଗା ଭୂମି ଓଡ଼ିଶା ଇତିହାସରେ ଏକ ଗୌରବମୟ ପୃଷ୍ଠା ମଣ୍ଡନ କରିଛି। ପୁଷ୍ପଗିରି ମହାବିହାର, ଲଳିତଗିରି, ଓଲାଶୁଣି ଗୁମ୍ଫା, ସନ୍ଥ ଅରକ୍ଷିତ ଦାସଙ୍କ ସମାଧି, ସନ୍ଥ ଅଚ୍ୟୁତାନନ୍ଦଙ୍କ ଗାଦି, ସନ୍ଥ ହାଡ଼ି ଦାସଙ୍କ ସ୍ମୃତିପୀଠ ମୋତେ ଯେମିତି ଆଧ୍ୟାତ୍ମିକ ଭାବ ଭାବନାରେ ଆଲୋଡ଼ିତ କରେ, ପାଖଆଖ ଗାଁର ପଲ୍ଲୀପ୍ରକୃତି, ନଦୀନାଳ, ପର୍ବପର୍ବାଣି, ଯାନିଯାତ୍ରା ମୋ ଭିତରେ ଅହେତୁକ ଶିହରଣ ଜନ୍ମାଏ। ଆଦି ନାଟ୍ୟକାର ଜଗନ୍ମୋହନ ଲାଲ, ମନସ୍ୱୀ ପ୍ୟାରୀମୋହନ ଆଚାର୍ଯ୍ୟ, ବାଗ୍ମୀ ବିଶ୍ୱନାଥ କର, ଗଣକବି ବୈଷ୍ଣବ ପାଣି, ପଲ୍ଲୀକବି ନନ୍ଦକିଶୋର ବଳ, କବିପ୍ରାଜ୍ଞ ପ୍ରାଣକୃଷ୍ଣ ସାମଲ, ଶିଳ୍ପୀଗୁରୁ ବିମ୍ବାଧର ବର୍ମା, ସଂସ୍କାରକ ବୈରାଗୀ ମିଶ୍ର, କର୍ମବୀର ଗୌରୀଶଙ୍କର, ରାମଶଙ୍କର ସର୍ବୋପରି ଉତ୍କଳ ଗୌରବ ମଧୁସୂଦନଙ୍କ ଜୀବନ-ସାଧନାକୁ ପଢ଼ି ଶୁଣି ମୁଁ ଗର୍ବ ଅନୁଭବ କରିଛି। ବିରୂପାର, ଚିତ୍ରୋପ୍ତଳାର ଅଥଳ ଜଳରାଶି, ମୋ ଆଖିରେ ନୂତନ ଅଞ୍ଜନ ଲଗାଇ ଦେଇଥିଲା। କେବେ ଶାନ୍ତକୋମଳ ତ କେବେ ଭୀମଭୟଙ୍କର ଫେନିଳ ଜଳରାଶି ମୋ ଭିତରେ ମୋହନି ଜଗାଇ ଥିଲା ତ ଆଉ କେବେ ମୋ ହୃତ୍‌କମ୍ପକୁ ବଢ଼ାଇ ଦେଇଥିଲା।

ମଠ, ମନ୍ଦିରର ମାଟି ମାହାଙ୍ଗା। ଏହି ଭୂମିରେ ମୋର ଜୀବନ ଗଢ଼ି ଉଠିଛି। ପରମ୍ପରା, ମାଟି ଓ ଆକାଶ ମୋତେ ବାନ୍ଧି ରଖିଛି ଚିରକାଳ। ଏହି ପ୍ରକ୍ରିୟାରୁ ମୁଁ ସାହିତ୍ୟ ପ୍ରତି ଆକୃଷ୍ଟ ହେବା ସ୍ୱାଭାବିକ। ପ୍ରକୃତିର ସୌନ୍ଦର୍ଯ୍ୟରେ ବିଭୋର, ଗାଁର ସୂର୍ଯ୍ୟୋଦୟ, ସୂର୍ଯ୍ୟାସ୍ତ, ଗୋଧୂଳିରେ ଗାଈଗୋରୁ ଗୋଠରୁ ଫେରିବା, ଗାଁଦାଣ୍ଡର ଧୂଳି, ବାଡ଼ି ବରକୋଳି, ରଞ୍ଜାରେ ଫଳିଥିବା କାକୁଡ଼ି, ବର୍ଷାପାଣିରେ ଚାଳମଥାନରୁ ନିଗିଡ଼ି ଆସୁଥିବା ପାଣିସୁଅରେ ଭସାଉଥିବା କାଗଜଡ଼ଙ୍ଗାର ଦୃଶ୍ୟ, ବର୍ଷା ଋତୁରେ ମୁହଁ ସଂଜରେ ହଳଦିଆ ଜହ୍ନିଫୁଲ, ଫଗୁଣର ଆମ୍ବବଉଳ ଓ ଆମ୍ବକଷି ମୋତେ ମୁଗ୍ଧ କରେ। ଏସବୁ ଭାବଭାବନାକୁ ପ୍ରକାଶ କରିବା ପାଇଁ ମୁଁ ଯେତେବେଳେ ବ୍ୟାକୁଳ ହୁଏ, ସେତେବେଳେ ମୋ ଆଗରେ ସେହି ଅନ୍ତରଙ୍ଗ ମୁହୂର୍ତ୍ତମାନ ପ୍ରମୂର୍ତ୍ତ ହେବା ପାଇଁ କାଗଜ, କଲମର ସହାୟତା ଲୋଡ଼ନ୍ତି।

ମାହାଙ୍ଗା ସ୍କୁଲ୍‌ରେ ପାଠପଢ଼ିଲା ବେଳେ ଦେଖା ହୁଅନ୍ତି ପ୍ରଧାନ ଶିକ୍ଷକ ବିଜୟ କୁମାର ବାରିକ। ସ୍କୁଲ ପରିସରରେ ପ୍ରତି ରବିବାର ଦିନ ଗଳ୍ପ, କବିତା ନବୀନ ଲେଖକମାନେ ପାଠ କରନ୍ତି ଓ ତାହା ଆଲୋଚିତ ହୁଏ। ଏସବୁ ଦେଖି ମୁଁ ଲେଖିଲି କବିତା ଅଷ୍ଟମ ଶ୍ରେଣୀରେ।

"ନିଦରେ ନିଦରେ ଏମିତି ନିଦ
ଦେଖା ନଥିଲା କାହିଁ
ପରୀକ୍ଷା ବେଳେ ବାଘ ପରିକା
ଆସିଲା ଧାଇଁ ଧାଇଁ।"

ନବମ ଶ୍ରେଣୀରେ ପଢୁଥିଲାବେଳେ ଲେଖିଲି କେତୋଟି ମନଛୁଆଁ ଗପ ଓ ଭ୍ରମଣକାହାଣୀ, ଦଶମ ଶ୍ରେଣୀରେ ଲେଖି ବସିଲି ଗୌତମ ବୁଦ୍ଧଙ୍କ ଜୀବନୀ, ଆଉ ଏମିତି ଆଉ କିଛି ଲେଖା। ଲେଖାସବୁ ପ୍ରକାଶିତ ହେଲା, ପ୍ରଶଂସା ବି ମିଳିଲା। ପ୍ରଶଂସା ଆଣିଦେଲା ଉତ୍ସାହ। ବିଜୟ ସାର୍ ଥରେ ଗୋଟିଏ ସଭାରେ କହୁଥିଲେ, " ସାହିତ୍ୟର ସେବା ଈଶ୍ୱରଙ୍କ ସେବା। ସାହିତ୍ୟର ସେବା ଦେଶର ସେବା, ସାହିତ୍ୟର ସେବା ସମାଜର ସେବା।" ତେଣୁ ଜୀବନର ପ୍ରତିଟି ପର୍ଯ୍ୟାୟରେ ମୁଁ ସାହିତ୍ୟ ସେବାକୁ ଗୁରୁତ୍ୱ ଦେଇ ଆସିଛି। ସାହିତ୍ୟ ପଢ଼ି ମୁଁ ପାଏ ପ୍ରଚୁର ଆନନ୍ଦ। ଭଲ ବହି ଖଣ୍ଡିଏ ପଢ଼ି ସାରିଲେ ମୁଁ ଯେପରି ବିସ୍ତାରିତ ହୋଇଯାଏ, ତା'ର କଳନା କରିହେବ ନାହିଁ। ଭଲ ବହିଟିଏ ଜୀବନକୁ ମୁକ୍ତ କରିଦିଏ। ସେହିପରି ମଣିଷର ଦୁଃଖ-ଯନ୍ତ୍ରଣା, ବେଦନା, ଲୁହ ମୋ ପାଇଁ ଅସହ୍ୟ। ଦୁଃଖରୁ ମୁକ୍ତି ପାଇଁ ଗଳ୍ପ ଲେଖିବା ପାଇଁ ପ୍ରୟାସୀ ହେଲି। ଗଳ୍ପ ଲେଖିବା ପାଇଁ ଗଳ୍ପ ଲେଖେ ନାହିଁ। ଜଣେ ମଣିଷର ସ୍ଥିତି ଅବସ୍ଥା, ଦୁଃଖ-ନୈରାଶ୍ୟ ବେଦନାର ଚିତ୍ର ଆଙ୍କି ଉପଶମ ପାଏ। ମୋ ଗପ-ବେଦନା-ବଧୂର ଜୀବନର ମର୍ମଲିପି। ମୋ ଗଳ୍ପରେ ଥାଏ ଦୁଃଖୀ, ନିର୍ଯାତିତ, ଅନ୍ୟାୟର ଶିକାର ହୋଇଥିବା ମଣିଷର କରୁଣ କାହାଣୀ। ବିଶେଷ ଭାବରେ ନାରୀମାନଙ୍କ ଦୁଃଖ ମୋତେ ମର୍ମାହତ କରେ। ସମକାଳୀନ ସମାଜର ବିଧିବ୍ୟବସ୍ଥା ଏଥିପାଇଁ ଦାୟୀ। ମୋର ମନରେ ସୃଷ୍ଟି ହୁଏ ବିଦ୍ରୋହ। ଏହି ଦୁଃଖ ଯନ୍ତ୍ରଣାରୁ ମୁକ୍ତି ସହ ନୂଆ ସକାଳର ସ୍ୱପ୍ନ ଦେଖେ। ଏସବୁକୁ ସାହିତ୍ୟରେ ରୂପାୟିତ କରି ଆତ୍ମସନ୍ତୋଷ ଲାଭ କରେ। ଲେଖାଲେଖିରେ ମୁଁ ଗଭୀର ଆନନ୍ଦ ପାଏ, ବିସ୍ମୟାଭିଭୂତ ବି ହୁଏ।

ସାହିତ୍ୟ ରଚନା ମୋର ସ୍ୱତଃସ୍ଫୂର୍ତ୍ତ। ପରିସ୍ଥିତି-ପରିବେଶରୁ ପ୍ରଭାବିତ ହୋଇ ମୁଁ ସାହିତ୍ୟ ଲେଖେ। ପ୍ରବନ୍ଧ ଗବେଷଣାରେ ନୂଆକଥା ଦେଖାଇବା, ନୂଆ ଚିନ୍ତା-ଚେତନାକୁ ବିକଶିତ କରାଇବାରେ ମୁଁ ବିଶ୍ୱାସ କରେ, ଗଡ୍ଡାଳିକା ପ୍ରବାହରେ ରଚିତ ହେଉଥିବା ପ୍ରବନ୍ଧ ଆଲୋଚନା କେଜାଣି କାହିଁକି ମୋତେ ପ୍ରଭାବିତ କରିପାରେ ନାହିଁ। ସେଥିପାଇଁ ପ୍ରବନ୍ଧ ରଚନା କଲାବେଳେ ଏହି ଦିଗ ପ୍ରତି ସଚେତନ ଥାଏ।

ଜୀବନୀ ରଚନା କରିବାରେ ପାଏ ପ୍ରଚୁର ଆନନ୍ଦ। ଜଣେ ବିଶିଷ୍ଟ ଲେଖକ ବା ସାହିତ୍ୟ ସ୍ରଷ୍ଟାଙ୍କୁ ଭିନ୍ନ ରୂପରେ ଆବିଷ୍କାର କରେ। ତାଙ୍କ ଜୀବନର ମହନୀୟ ଦିଗ, ସାଧନାଦୀପ୍ତ ଜୀବନର ଅବିସ୍ମରଣୀୟ ଅଧ୍ୟାୟକୁ ଚିତ୍ରିତ କରିବା ଜୀବନୀ ରଚନାର ଲକ୍ଷ୍ୟ। ମୋର ବ୍ୟକ୍ତିଗତ ମତ, ଉପଲବ୍ଧି ଅନୁଭବ କ୍ଷେତ୍ରରେ ଯେତେ ଗଭୀର ହେବ, ଜୀବନୀ ସେତେ ଜୀବନ୍ତ ଓ ବାସ୍ତବ ହେବ। ସେଥିପାଇଁ ଲେଖୁଥିବା ଜୀବନୀର ନାୟକମାନଙ୍କ ଜନ୍ମମାଟି ଓ ସେମାନଙ୍କ ଆତଯାତ ହେଉଥିବା ବିଭିନ୍ନ କ୍ଷେତ୍ରକୁ ଯାଏ। ତାଙ୍କ ସହିତ ମିଶିଥିବା ମଣିଷମାନଙ୍କୁ ଭେଟେ, ସେମାନଙ୍କ ଉପଲବ୍ଧ ଅନୁଭବକୁ ସଂଗ୍ରହ କରିବାକୁ ଚେଷ୍ଟା କରେ। ଜୀବନୀ ରଚନା ଏକ ଜାତୀୟ କର୍ତ୍ତବ୍ୟ ବୋଲି ବିଚାର କରେ।

ସାହିତ୍ୟ ରଚନା କେବଳ ନୁହେଁ, ସାହିତ୍ୟର ପରିବ୍ୟାପ୍ତି ଓ ପ୍ରସାର ଏକାନ୍ତ ଅପରିହାର୍ଯ୍ୟ। ସାହିତ୍ୟର ବିକାଶ ହେଲେ ସମାଜ ସୌନ୍ଦର୍ଯ୍ୟପୂର୍ଣ୍ଣ ହୋଇଯିବ। ସାହିତ୍ୟକୁ ବୁଝିଲେ ମଣିଷମାନଙ୍କ ଭିତରେ ଈର୍ଷା, ହିଂସା, ଦ୍ୱେଷ, ପରଶ୍ରୀକାତରତା ଲୋପ ପାଇଯିବ। ସତ୍ ସାହିତ୍ୟ ମଣିଷକୁ ଏକ ସୂତ୍ରରେ ବାନ୍ଧି ରଖିବା, ମଣିଷ ମଣିଷର ସମ୍ପର୍କକୁ ନିବିଡ଼ କରାଇବାରେ ସହାୟକ ହେବ। ତେଣୁ ସାହିତ୍ୟର ପ୍ରସାର ପାଇଁ ସଂଗଠନର ଆବଶ୍ୟକତା ଅଛି। ସେଥିପାଇଁ ସାହିତ୍ୟ ରଚନା ସହିତ ସାହିତ୍ୟର ବିସ୍ତାର ପାଇଁ ସାହିତ୍ୟ ଅନୁଷ୍ଠାନ ଗଠନ, ପ୍ରାଚୀନ ସାହିତ୍ୟ ଅନୁଷ୍ଠାନର ସଂରକ୍ଷଣ ଓ ଉନ୍ନତି ପାଇଁ ସାଧ୍ୟମତେ ପ୍ରୟାସ କରେ। ମୋର ବିଶ୍ୱାସ, ନିଷ୍ଠାପର ସାହିତ୍ୟସେବା ସବୁଠାରୁ ପୁଣ୍ୟ ଓ ପବିତ୍ର କାର୍ଯ୍ୟ। ■

ପୂର୍ବତନ ସଭାପତି
ଉତ୍କଳ ସାହିତ୍ୟ ସମାଜ, କଟକ
ମୋ: ୯୪୩୭୫୦୪୨୪୫

ସକାଳ THE SAKALA



# ବିରିଡ଼ିରେ ବିଜେଡିର କର୍ମୀ ସମାବେଶ

ବିରିଡ଼ି,୨୮।୨(ସମିସ)



ବିରିଡ଼ି ଛକ ଠାରେ ବିଜେଡିର କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ସମାବେଶ ପୂର୍ବରୁ ଦଳେଇଘାଇଠାରୁ ଏକ ବାଇକ ଶୋଭାଯାତ୍ରା ବାହାରି ମଞ୍ଚ ନିକଟରେ ପହଞ୍ଚିଥିଲା। ଅନୁଷ୍ଠିତ ସଭାରେ ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର କୁମାର ରାଉଳ ସଭାପତିତ୍ୱ କରିଥିଲେ। ଏଥିରେ ବିଧାୟକ ରମାକାନ୍ତ ଭୋଇ, ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ଅତନୁ ସବ୍ୟସାଚୀ ନାୟକ, ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁ, ଜିଲ୍ଲା ସଭାପତି ପ୍ରଶାନ୍ତ ମୁଦୁଲି, ପୂର୍ବତନ ସଭାପତି ରବିନାରାୟଣ ଜେନା, ଜିଲ୍ଲା ମହିଳା ସଭାନେତ୍ରୀ ଲୋରା ମହାପାତ୍ର, ଜିଲ୍ଲାପରିଷଦ ସଭ୍ୟା ଦିପ୍ତିମୟୀ ରାୟ, ଉପାଧ୍ୟକ୍ଷା ପିନାକୀ ପ୍ରିୟଦର୍ଶିନୀ, ତିର୍ତ୍ତୋଲ ବ୍ଲକ ଅଧ୍ୟକ୍ଷା ବିଜୟଲକ୍ଷ୍ମୀ ବେହେରା, ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀ, ପବିତ୍ର ପଶାୟତ ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟରେ ଚାଲିଥିବା ବିଜେପି ସରକାର ଚାଷୀମାରଣ ନୀତି ଅବଲମ୍ବନ କରିଥିବାରୁ ମଣ୍ଡିରୁ ଠିକ୍ ସମୟରେ ଧାନ ଉଠିପାରୁନାହିଁ, ଖୁଲମଖୋଲା କଟନୀ ଛଟନୀ କରାଯାଉଥିବା, ବହୁ ବୃଦ୍ଧା ବୃଦ୍ଧ ଅପେକ୍ଷାରେ ଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ନୂତନ ଭତ୍ତା କରାଯାଉନଥିବା, ରାଜ୍ୟରେ ମହିଳାଙ୍କ ପ୍ରତି ଦିନକୁଦିନ ଅତ୍ୟାଚାର ବୃଦ୍ଧିପାଉଥିବା ପ୍ରସଙ୍ଗ ସହିତ ଅନ୍ୟାନ୍ୟ ବିଭିନ୍ନ ପ୍ରସଙ୍ଗ ଉଠାଇ ବିଜେପି ସରକାର ଉପରେ ବର୍ଷିଥିଲେ ବିଜେଡି ନେତା ମାନେ। କାର୍ଯ୍ୟକ୍ରମରେ ଶିବପ୍ରସାଦ ଜେନା, ରବୀନ୍ଦ୍ର ସାହୁ, ପ୍ରତାପ ବେହେରା, ଭାସ୍କର ଓଝା, ତୃପ୍ତି ରାୟ, ସରପଞ୍ଚ ସତ୍ୟଭାମା ବେହେରା, ତପତିତାପଶ୍ୱନୀ ଭୂୟାଁ, କନକଲତା ବେହେରା, ସୁଭାଷିନୀ ବେହେରା, ଶାନ୍ତିଲତା ସାହୁ, ପୁଷ୍ପଲତା ସିଂହ, ଲକ୍ଷ୍ମୀପ୍ରିୟା ଜେନା, ପ୍ରତିମା ମହାରଣା ପ୍ରମୁଖ ଉପସ୍ଥିତ ଥିବାବେଳେ ସୁରେନ୍ଦ୍ର ଶତପଥି, ପୁଷ୍ପପ୍ରକାଶ ପ୍ରଧାନ, ସନ୍ତୋଷ ସେଠୀ, ସୁଶାନ୍ତ ସାହୁ, ଅଖମଲ ଅଲ୍ଲୀଙ୍କ ସମେତ ଯୁବଛାତ୍ର ସଂଗଠନର କର୍ମକର୍ତ୍ତା ମାନେ ପରିଚାଳନା କରିଥିଲେ। ଶିବପ୍ରସାଦ ଜେନା ଧନ୍ୟବାଦ ଦେଇଥିଲେ।

■ ତିର୍ତ୍ତୋଲ କଲେଜରେ ପ୍ରଶ୍ନପତ୍ର ଲିକ୍

## ପ୍ରତିବାଦରେ ଏବିଭିପିର ଦାବିପତ୍ର ପ୍ରଦାନ

ଜଗତସିଂହପୁର,୨୮।୨(ସମିସ): ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲ ସ୍ଥିତ ଆଦିକବି ସାରଳାଦାସ ମହାବିଦ୍ୟାଳୟରେ ଯୁକ୍ତ ୩ ପ୍ରଥମ ବର୍ଷର ହେବାକୁ ଥିବା ମିଡ୍ ସେମିଷ୍ଟର ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ କରାଯାଇଛି ବୋଲି ଅଭିଯୋଗ ହୋଇଛି। ମହାବିଦ୍ୟାଳୟର କେହି ଅଧ୍ୟାପକ/ଅଧ୍ୟାପିକା ସୋସିଆଲ ମିଡିଆ ତଥା ହ୍ୱାଟ୍ସପ୍ ଆଦିରେ ଏହି ପ୍ରଶ୍ନପତ୍ର ଭାଇରାଲ୍ କରିଥିବା କୁହାଯାଉଛି। ଏଭଳି ଏକ ସମ୍ବେଦନଶୀଳ ଘଟଣାର ପ୍ରତିବାଦ କରିଛି ଛାତ୍ର ସଙ୍ଗଠନ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି)। ଏବିଭିପିର ଜଗତସିଂହପୁର ଜିଲ୍ଲା ସଂଯୋଜକ ସତ୍ୟ ପ୍ରକାଶ ମହାନ୍ତିଙ୍କ ନେତୃତ୍ୱରେ ଜ୍ୟୋତି ସ୍ୱରୂପ ମିଶ୍ର, ସମୀର ସାହୁ ଓ ଉମାକାନ୍ତ ସେଠୀ ପ୍ରମୁଖ ଏହି ଘଟଣାର ବିରୋଧ ଓ ପ୍ରତିବାଦ କରିବା ସଙ୍ଗେ ସଙ୍ଗେ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ନଚେତ୍ ବିଦ୍ୟାର୍ଥୀ ପରିଷଦ ଆଗାମୀ ଦିନରେ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି।

## ୨୦ ଗ୍ରାମ ବ୍ରାଉନସୁଗର ସହ ଦୁଇ ଯୁବକ ଗିରଫ

ନାଉଗାଁ,୨୮।୨(ସମିସ): ନାଉଗାଁ ଥାନା ଅନ୍ତର୍ଗତ ଅଲଣାହାଟ ନିକଟରୁ ୨୦ ଗ୍ରାମ ବ୍ରାଉନସୁଗର ସହିତ ଦୁଇଜଣ ଯୁବକଙ୍କୁ ନାଉଗାଁ ପୁଲିସ ଗିରଫ କରି ଅଦାଲତ ଚାଲାଣ କରିଛି। ସୂଚନା ଅନୁସାରେ ଜଗତସିଂହପୁର ଥାନା ଅଞ୍ଚଳ ମାର୍କଣ୍ଡପୁର ଗ୍ରାମର ପ୍ରମୋଦ କୁମାର ଗୋଛାୟତ ଓ ସେହି ଥାନା ଅଞ୍ଚଳ ମାଧବପୁର ଗ୍ରାମର ପ୍ରମୋଦ କୁମାର ମଲ୍ଲିକ ନାମକ ଦୁଇ ଯୁବକ ବ୍ରାଉନସୁଗାର ଆଣି ନାଉଗାଁ ଥାନା ଅଞ୍ଚଳ ଅଲଣାହାଟ ନିକଟରେ ବିକ୍ରି କରିବାକୁ ଆସିଥିବା ନାଉଗାଁ ପୁଲିସ କୌଣସି ସୂତ୍ରରୁ ଖବର ପାଇ ସେମାନଙ୍କୁ କାବୁ କରିଥିଲା। ପରେ ସେମାନଙ୍କ ପାଖରୁ ପୁଲିସ ୨୦ ଗ୍ରାମ ବ୍ରାଉନସୁଗାର ସହିତ ନଗଦ ୭୦୦ ଟଙ୍କା ଜବତ କରି ଥାନାକୁ ଆଣିବା ସହିତ ଉଭୟଙ୍କ ନାମରେ ମାମଲା ରୁଜୁ କରି ସେମାନଙ୍କୁ ଅଦାଲତ ଚାଲାଣ କରିଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

## ଡାକ୍ତରଙ୍କୁ ଆକ୍ରମଣ; ଥାନାରେ ଅଭିଯୋଗ

ନାଉଗାଁ,୨୮।୨(ସମିସ): ନାଉଗାଁ ମେଡିକାଲ ପରିସରରେ ଡାକ୍ତର ଓ ମେଡିକାଲ କର୍ମଚାରୀଙ୍କୁ ଗାଳି ଗୁଲଜ ଓ ଆକ୍ରମଣ ଉଦ୍ୟମ ଘଟଣାକୁ ନେଇ ଥାନାରେ ଅଭିଯୋଗ ଆଣିଲେ ଡାକ୍ତର। ସୂଚନା ମୁତାବକ ଗତ ୨୫ ତାରିଖ ରାତ୍ର ସମୟରେ ଜରୁରୀକାଳୀନ ଦାୟିତ୍ୱରେ ଥିବା ଡାକ୍ତର ଅନୁଭବ ଦାସଙ୍କୁ ଦୁଇ ଜଣ ଅଚିହ୍ନା ଯୁବକ ନିଶା ଶକ୍ତ ଅବସ୍ଥାରେ ଆସି ମେଡିକାଲ ପରିସରରେ ପାଟିତୁଣ୍ଡ କରିବା ସହିତ ଡାକ୍ତର ଅନୁଭବଙ୍କୁ ଆକ୍ରମଣ ଉଦ୍ୟମ କରିବା ସହିତ ଜୀବନରୁ ମାରିଦେବାକୁ ମଧ୍ୟ ଧମକ ଦେଇଥିଲେ। ସ୍ୱାସ୍ଥ୍ୟ କେନ୍ଦ୍ରରେ ଥିବା କର୍ମଚାରୀଙ୍କୁ ମଧ୍ୟ ଧମକ ଚମକ ଦେଇଥିବା ନେଇ ଡାକ୍ତର ଶ୍ରୀ ଦାସ ଏକ ଲିଖିତ ଅଭିଯୋଗ ନାଉଗାଁ ପୁଲିସ ଷ୍ଟେସନରେ କରିଛନ୍ତି। ପୁଲିସ ଉକ୍ତ ଅଭିଯୋଗ ଆଧାରରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଲାଗିଥିବା ସିସିଟିଭିକୁ ଯାଞ୍ଚ କରି ଘଟଣାର ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ଅପରପକ୍ଷେ ନାଉଗାଁ ଥାନା ଅଧିକାରୀ ଦେବାଶିଶ ପଣ୍ଡା ଘଟଣାକୁ ଗୁରୁତ୍ୱ ସହିତ ନେଇ ଖୁବଶୀଘ୍ର ଅଭିଯୁକ୍ତମାନଙ୍କୁ ଧରାଯିବା ନେଇ ପ୍ରକାଶ କରିଛନ୍ତି।

## ଧାନକୁଦରେ ପଞ୍ଚସଖା ଲଉଡ଼ି ଉତ୍ସବ



ବିରିଡ଼ି,୨୮।୨(ସମିସ): ବିରିଡି ବ୍ଲକ ହାଜିପୁର ସ୍ଥିତ ଧାନକୁଦ ପୀଠରେ ପବିତ୍ର ଫଗୁଦଶମୀ ଅବସରରେ ପଞ୍ଚସଖା ଯାଦବ ମହାସଂଘ ପକ୍ଷରୁ ଲଉଡ଼ି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଶଙ୍କର ଦାସଙ୍କ ଅଧ୍ୟକ୍ଷତାରେ ଏବଂ ଯୁବସଭାପତି ବାସନ୍ତକୁମାର ବେହେରା ଓ ସମ୍ପାଦକ ପ୍ରଭାକର ବେହେରା, ପଦ୍ମଲାଭ ଦାସଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବକୁ ପୀଠାଧୀଶ ବାବା ଅରକ୍ଷିତ ଦାସ, ବିଶ୍ୱାବସୁ ବିଭୁଦତ୍ତ ସାହୁ, ମୁଦିରସ୍ତ ବିଜୟକୁମାର ମିଶ୍ର ଯୋଗଦେଇଥିଲେ। ଏହି ଉପଲକ୍ଷେ ବରିଷ୍ଠ ଲଉଡ଼ିଭାଇ ବୈକୁଣ୍ଠ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ସ୍ୱର୍ଗତ ବିଷ୍ଣୁଚନ୍ଦ୍ର ଦାସ, ସ୍ୱର୍ଗତ ଯୋଗୀ ଦାସ, ସ୍ୱର୍ଗତ ଇନ୍ଦ୍ରମଣି ବେହେରାଙ୍କୁ ମରଣୋତ୍ତର ଭାବେ ତାଙ୍କ ଦାୟାଦମାନଙ୍କୁ ମାନପତ୍ର ଦିଆଯାଇଥିଲା। ପରେ ପରେ ହାଜିପୁର ସମେତ ବିଭିନ୍ନ ସ୍ଥାନରୁ ଲଉଡ଼ ମଣ୍ଡଳୀ ପହଞ୍ଚି ଲଉଡ଼ି ପରିବେଷଣ କରିଥିଲେ।

## ଜେନାମଣି ଗ୍ରାମରେ ଲଉଡ଼ି ପ୍ରତିଯୋଗିତା



ବାଲିକୁଦା,୨୮।୨(ସମିସ): ବାଲିକୁଦା ବ୍ଲକ ମୂଳୁଗାଁ ପଞ୍ଚାୟତ ଜେନାମଣି ଗ୍ରାମରେ ଥିବା ଶିରିଡ଼ି ସାଇ ମନ୍ଦିର ପରିସରରେ ଶିରିଡ଼ି ସାଇ ଉତ୍ସବ ଓ ଲଉଡ଼ି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଡ. ଅଜୟ କୁମାର ମୁଦୁଲିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସାଇଙ୍କ ଚାରିଆଳତୀ, ସୂର୍ଯ୍ୟ ପୂଜା, ଗୀତା ଯଜ୍ଞ, ନଗର ପରିକ୍ରମା, ୧୦୮ ଗୋଲାପଲାଗି ହୋଇଥିଲା। ଏହି ଗୀତାଯଜ୍ଞରେ ପଣ୍ଡିତ ତଥା ଅଧ୍ୟାପକ ଆଲୋକ ମିଶ୍ର, ପଣ୍ଡିତ ସୁଶାନ୍ତ ଚଇନି, ରବୀନ୍ଦ୍ର ମହାପାତ୍ର, ରାଜକିଶୋର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଗୀତାଯଜ୍ଞ କରିଥିଲେ। ଏହି ଅବସରରେ ଉକ୍ତ ପୀଠରେ ଏକ ଲଉଡ଼ି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବ୍ଲକର ବିଭିନ୍ନ ଅଞ୍ଚଳରୁ ଯଥା ପରାହାଟ, ଖାଙ୍କରପୁର, ବୁଦ୍ଧିସାହି, ଗହିରିପଡା, ଖମ୍ବାକୁଳ ଆଦି ଅଞ୍ଚଳର ଗୋପାଳ ଭାଇ ମାନେ ଉକ୍ତ ପ୍ରତିଯୋଗିତାରେ ଭାଗ ନେଇ ଲଉଡ଼ି ଖେଳ ପ୍ରଦର୍ଶନ କରିଥିଲେ। ଏହି ପ୍ରତିଯୋଗିତାକୁ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ନିରଞ୍ଜନ ପଣ୍ଡା ଯୋଗ ଦେଇ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥିଭାବେ ବାଲିକୁଦା ବୁଦ୍ଧିଜୀବୀ ପରିଷଦ ଅଧ୍ୟକ୍ଷ ପଦ୍ମ ଚରଣ ସ୍ୱାଇଁ, ପ୍ରତାପ ଚନ୍ଦ୍ର ରାଉତରାୟ, ଶରତ ମଲ୍ଲିକ, ଗଙ୍ଗାଧର ଖଟୁଆ, ନିକୁଞ୍ଜ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଲଉଡ଼ି ପ୍ରତିଯୋଗିତା ରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଟିମକୁ ଟ୍ରଫି ସହ ଉତ୍ତରୀୟ ଦେଇ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଏହି ଉତ୍ସବରେ ଡ. ଆରତୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅଧ୍ୟାପିକା ପ୍ରାଚୀତାରା ମୁଦୁଲି, ବସନ୍ତ କୁମାର ରାଉତ, ନୃସିଂହ ରାଉଳ, ବିଜୟ ଖଟୁଆ, ବାବାଜୀ ମହାରଣା ପ୍ରମୁଖ ପରିଚାଳନା କରିଥିଲେ।

## ଟାଇମ୍ସ ଗୁରୁକୁଳରେ ଜାତୀୟ ବିଜ୍ଞାନ ଦିବସ



ଜଗତସିଂହପୁର,୨୮।୨(ସମିସ): ସ୍ଥାନୀୟ ତରଡାପଡା ସ୍ଥିତ ଟାଇମ୍ସ ଗୁରୁକୁଳ ପରିସରରେ ଜାତୀୟ ବିଜ୍ଞାନ ଦିବସ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ପ୍ରହ୍ଲାଦ ନାୟକଙ୍କ ଏହି ସଭାରେ ସଭାପତିତ୍ୱ କରି ଜାତୀୟ ବିଜ୍ଞାନ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ସୁଭାଷ ଚନ୍ଦ୍ର ରାଉତ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ, ଅନୁଷ୍ଠାନର ନିର୍ଦ୍ଦେଶକ ରଶ୍ମିରଞ୍ଜନ ମିଶ୍ର, ଶିକ୍ଷୟିତ୍ରୀ ପୂଜାରାଣୀ ବାରିକ, ସୌମ୍ୟା ଶୁଭଦର୍ଶିନୀ ଓ ଶର୍ମିଷ୍ଠା ପ୍ରିୟଦର୍ଶିନୀ ପ୍ରମୁଖ ଆଲୋଚନାରେ ଭାଗନେଇଥିଲେ। ଏହି ଅବସରରେ କନିଷ୍ଠ ଓ ବରିଷ୍ଠ ବିଭାଗର ବିଦ୍ୟାର୍ଥୀମାନେ ବିଭିନ୍ନ ପ୍ରକାର ବିଜ୍ଞାନ ପ୍ରକଳ୍ପ ପ୍ରସ୍ତୁତ କରିଥିଲେ। ତନ୍ମଧ୍ୟରୁ ଅର୍ଣ୍ଣବ ଦାଶ, ସାଇ ସାତ୍ତ୍ୱିକ ଜେନା, କୁମାର ଶ୍ରୀଜିତ୍, ଆଲିଆ ପରବିନ୍, ଅଙ୍କିତା ରାଉତ, ଆକୃତି ମହନ ଓ ସାଇ ତନିଷ୍କା ଦାଶଙ୍କ ପ୍ରକଳ୍ପଗୁଡିକ ଯୋଗ୍ୟ ବିବେଚିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଅନୁଷ୍ଠାନର ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ। ଶେଷରେ ସୁଶ୍ରୀ ଅଞ୍ଜୁଷା ଧନ୍ୟବାଦ ଦେଇଥିଲେ।

## ବିଜ୍ଞାନ ଦିବସ ଉପଲକ୍ଷେ ବିଜ୍ଞାନ ମେଳା



ପାରାଦୀପ,୨୮।୨(ସମିସ): ଜାତୀୟ ବିଜ୍ଞାନ ଦିବସ ଅବସରରେ ଭୁତମୁଣ୍ଡାଇ ଗାଁରେ ଏକ ବିଶେଷ ବିଜ୍ଞାନ ମେଳା ଆୟୋଜିତ ହୋଇଯାଇଛି। ଏଥିରେ ପାରାଦୀପ ପୋର୍ଟ ହାଇସ୍କୁଲର ବରିଷ୍ଠ ଶିକ୍ଷକ ଯଶୋବନ୍ତ ରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ବିଜ୍ଞାନ ଆଧାରିତ ଚିନ୍ତାଧାରା ଓ ଆବିଷ୍କାର ପ୍ରତି ପ୍ରେରିତ କରିଥିଲେ। ସିଆରସିସିର ସୂର୍ଯ୍ୟକାନ୍ତ ମଲ୍ଲ, ପ୍ରଧାନଶିକ୍ଷକ ଅଶିତ କୁମାର ସାହାଣୀ, ଏଡବ୍ଲ୍ୟୁ କର୍ମୀ କବିତା ପୃଷ୍ଟି, ଗିରିଜା ନନ୍ଦିନୀ ପରିଡ଼ା ଓ ସ୍ନେହାଞ୍ଜଳି ସାହୁ ମଞ୍ଚାସୀନ ଥିଲେ। ପ୍ରଥମ ଏଜୁକେଶନ ଫାଉଣ୍ଡେସନର ପ୍ରୋଗ୍ରାମ ହେଡ୍ ଅଭିମନ୍ୟୁ ଜେନାଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ସଂଯୋଜକ ବିଶ୍ୱରଞ୍ଜନ ସ୍ୱାଇଁଙ୍କ ସମେତ ସୁବାସ ବେହେରା, ବନପ୍ରିୟା ସାମଲ, ସୁହାସିନୀ ସାହୁ, ମନିଷାରାଣୀ ବେହୁରା ଓ ପ୍ରିୟଙ୍କା ପାଣି ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ମେଳାରେ ପ୍ରାୟ ୨୦୦ ଜଣ ଛାତ୍ରଛାତ୍ରୀ ବିଭିନ୍ନ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ପ୍ରଧାନଶିକ୍ଷକ ଅସତ କୁମାର ସାହାଣୀ ସମସ୍ତ ଧନ୍ୟବାଦ ପ୍ରଦାନ କରିଥିଲେ।

## ଶିଶୁ ମନ୍ଦିରରେ ଶିଶୁ ନଗରୀ କାର୍ଯ୍ୟକ୍ରମ



ଜଗତସିଂହପୁର,୨୮।୨(ସମିସ): ଜଗତସିଂହପୁର ସହରର ବଡ଼ବଜାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଶିଶୁ ବାଟିକା ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ଶିଶୁ ନଗରୀ' ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ପ୍ରଧାନ ଆଚାର୍ଯ୍ୟ ପ୍ରସନ୍ନ କୁମାର ଖୁଣ୍ଟିଆ ଓ ଶିଶୁ ବାଟିକା ପ୍ରମୁଖ ସ୍ୱର୍ଣ୍ଣ ମଞ୍ଜରୀ ବାହାଲିଆ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ୨୫ ଜଣ ଶିଶୁ ଭାଗ ନେଇଥିଲେ। ଏହି ଅବସରରେ ଆଲୁଦମ୍, ଦହିବରା, ନଳୀ, ପାମ୍ପଡ଼, ପରିବା, ଶାଢି, ଫଳ, ମିଷ୍ଟାନ୍ନ, ହାଣ୍ଡି ମାଠିଆ, ବାସନ, କାଠ ଜିନିଷ , କଣ୍ଢେଇ ଆଦି ଜିନିଷ ଶିଶୁ ମାନେ ବ୍ୟବସାୟୀଙ୍କ ପରି ବିକ୍ରି କରିଥିଲେ। ସେହିପରି ଅଭିଭାବକ , ଅଭିଭାବିକା, ଗୁରୁଜୀ/ ଗୁରୁମା ଓ ଦେଖଣାହାରୀ ମାନେ ଏହାକୁ କ୍ରୟ କରିଥିଲେ।

## ପୂର୍ବତନ କାଉନସିଲରଙ୍କ ପରଲୋକ



ପାରାଦୀପ,୨୮।୨(ସମିସ): ପାରାଦୀପ ନୂଆବଜାର ୧୪ ନମ୍ବର ୱାର୍ଡର ପୂର୍ବତନ କାଉନସିଲର ଦିଲ୍ଲୀପ କୁମାର ଦାସ(୫୪)ଙ୍କ ପରଲୋକ ହୋଇଯାଇଛି। କିଛି ଦିନ ପୂର୍ବେ ହଠାତ୍ ଶ୍ରୀ ଦାସ ଅସୁସ୍ଥ ହୋଇ ପଡ଼ିଥିଲେ। ତୁରନ୍ତ ତାଙ୍କୁ ଚିକିତ୍ସା ପାଇଁ କଟକ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଯାଇଛି। ଜଣେ ଜଣାଶୁଣା ଯୁବ ସମାଜସେବୀ, ପରୋପକାରୀ ଭାବେ ପାରାଦୀପ ଅଞ୍ଚଳରେ ତାଙ୍କର ସ୍ୱତନ୍ତ୍ର ପରିଚୟ ଥିଲା। ଦୀର୍ଘ ଦିନ ଧରି ସେ ବିଜୁ ଜନତା ଦଳ ସହିତ ସଂପୃକ୍ତ ଥିଲେ। ବିଜୁ ଜନତା ଦଳରୁ ପ୍ରାର୍ଥୀ ହୋଇ ନୂଆବଜାର ୧୪ ନମ୍ବର ୱାର୍ଡରୁ ୨୦୧୦-୧୫ ମସିହା ପର୍ଯ୍ୟନ୍ତ ସେ ପାରିଷଦ ଭାବେ ନିର୍ବଚିତ ହୋଇ ବହୁ ଜନମଙ୍ଗଳକାରୀ କାର୍ଯ୍ୟରେ ସାମିଲ ହୋଇଥିଲେ। ତାଙ୍କ ପରଲୋକରେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ବିଜେଡି ନଗର ସଭାପତି କୁମରବର ନାୟକ, ବିଜେଡି ଜିଲ୍ଲା ଉପସଭାପତି ଜ୍ୟୋତିକାନ୍ତ ପରିଡା, ଯୁବ ବିଜେଡି ନେତା ଆଲୋକ ମହାପାତ୍ର ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ସ୍ୱର୍ଗତ ଦାସଙ୍କ ପରଲୋକ ଖବର ପାଇ ପାରାଦୀପ କଂଗ୍ରେସ ନେତା ନିରଞ୍ଜନ ନାୟକ, ନଗର କଂଗ୍ରେସ ସଭାପତି କେଦାର ନାଥ ବିଶ୍ୱାଳଙ୍କ ସମେତ କଂଗ୍ରେସ କର୍ମୀମାନେ ତାଙ୍କ ଘରେ ପହଞ୍ଚି ଅନ୍ତିମ ଦର୍ଶନ କରିବା ସହିତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ।

## ପ୍ରାଣୀ ସମ୍ପଦ ବିକାଶ ବିଭାଗର ସ୍ୱତନ୍ତ୍ର କର୍ମଶାଳା



ପାରାଦୀପ,୨୮।୨(ସମିସ): ଜିଲ୍ଲା ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ପାରାଦୀପ ବାଲିଯାତ୍ରା ପଡ଼ିଆରେ 'ଆତ୍ମନିର୍ଭର ଭାରତ ଓ ସ୍ୱଦେଶୀ ମେଳା' ତୃତୀୟ ଦିବସ ଅବସରରେ ଏକ ସ୍ୱତନ୍ତ୍ର କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରାୟ ୪୦ ଜଣ ପ୍ରାଣୀପାଳକ ଓ ସ୍ଥାନୀୟ ଚାଷୀ ଯୋଗଦେଇ ବିଭିନ୍ନ ସରକାରୀ ଯୋଜନାର ସୁଫଳ ସମ୍ପର୍କରେ ଅବଗତ ହୋଇଥିଲେ। କୁଜଙ୍ଗର ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଆଶିଷ କୁମାର ସାହୁ ଏଥିରେ ଯୋଗଦେଇ ବିଭିନ୍ନ ଯୋଜନାଗୁଡ଼ିକ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ପାରାଦୀପ ପ୍ରାଣୀ ଚିକିତ୍ସକ ଡାକ୍ତର ନିରଞ୍ଜନ ବେହେରା ପ୍ରାଣୀ କଲ୍ୟାଣ ଓ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରି ବିଭାଗୀୟ ସେବାଗୁଡ଼ିକ ବିଷୟରେ ସୂଚନା ଦେଇଥିଲେ। ବିଶେଷ କରି ପ୍ରାଣୀ ହେଲ୍ପଲାଇନର ବ୍ୟବହାର, ଗୋଶାଳା ନିର୍ମାଣ ପାଇଁ ମିଳୁଥିବା ସରକାରୀ ସବସିଡି, ଅସହାୟ ବୁଲା ପଶୁଙ୍କ ଉଦ୍ଧାର ଏବଂ ପଶୁସମ୍ପଦର ଜନ୍ମ ନିୟନ୍ତ୍ରଣ କାର୍ଯ୍ୟକ୍ରମ ସମ୍ପର୍କରେ ସେ ଉପସ୍ଥିତ ସଦସ୍ୟଙ୍କୁ ବୁଝାଇଥିଲେ। ପ୍ରାଣୀପାଳନ କ୍ଷେତ୍ରରେ ନୂତନ ଜ୍ଞାନକୌଶଳ ଓ ସରକାରୀ ସହାୟତାକୁ ଆପଣେଇ ଜିଲ୍ଲାର ଅର୍ଥନୀତିକୁ ସୁଦୃଢ଼ କରିବା ଏହି କର୍ମଶାଳାର ମୁଖ୍ୟ ଲକ୍ଷ୍ୟ ଥିଲା।

## ପାରାଦୀପରେ ସ୍ୱଦେଶୀ ମେଳା

ପାରାଦୀପ,୨୮।୨(ସମିସ): ପାରାଦୀପ ବାଲିଯାତ୍ରା ପଡିଆ ବିଜୁ ମଇଦାନରେ ଚାଲିଥିବା ଆତ୍ମନିର୍ଭର ସ୍ୱଦେଶୀ ମେଳାର ଦ୍ୱିତୀୟ ଦିନରେ ଜିଲ୍ଲା ଶିଳ୍ପ କେନ୍ଦ୍ର (ଡିଆଇସି) ଜଗତସିଂହପୁର ଏବଂ ଜିଲ୍ଲା ଶିଳ୍ପ ପ୍ରୋତ୍ସାହନ ସଂସ୍ଥା (ଡିଆଇପିଏ), ଜଗତସିଂହପୁର ଦ୍ୱାରା ମିଳିତ ଭାବରେ ଏକ କର୍ମଶାଳା-ସହ-ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପାରାଦୀପ ଏଡିଏମ ନିରଞ୍ଜନ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ମେଳାରେ ଓରମାସ, ଓଏଲଏମ ଏବଂ ମିଶନ ଶକ୍ତିର ଅଧିକାରୀମାନଙ୍କ ସହିତ ଡିଆଇସି ଏବଂ ଡିଆଇପିଏର ପ୍ରତିନିଧିମାନେ ତାଲିମ ସମୟରେ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲ୍ଲାପାଳ ରାଜ୍ୟ ସରକାର, ଜିଲ୍ଲା ପ୍ରଶାସନ ଏବଂ କେନ୍ଦ୍ର ସରକାରଙ୍କ ଦ୍ୱାରା ସାମାଜିକ ଉନ୍ନତିକୁ ପ୍ରୋତ୍ସାହିତ କରିବା ଏବଂ ସୂକ୍ଷ୍ମ ଉଦ୍ୟୋଗର ଅଭିବୃଦ୍ଧିକୁ ସୁଦୃଢ଼ କରିବା ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋକପାତ କରିବା ସହ ଏସଏଚଜି ସଦସ୍ୟମାନଙ୍କୁ କ୍ଷୁଦ୍ର ସ୍ୱୟଂ ସହାୟକ ଉଦ୍ୟୋଗରୁ ଆନୁଷ୍ଠାନିକ କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ଆଡ଼କୁ ପରିବର୍ତ୍ତନ କରିବାକୁ ଉତ୍ସାହିତ କରିଥିଲେ।

## ଟାଉନହଲ ଛକରେ ଯୁବ କଂଗ୍ରେସର ବିକ୍ଷୋଭ

ଜଗତସିଂହପୁର,୨୮।୨(ସମିସ): ଜଗତସିଂହପୁର ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ ଟାଉନ ହଲଠାରେ ଯୁବ ନେତା ପ୍ରିତମ ପରିଜାଙ୍କ ତତ୍ତ୍ୱାବଧନାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ କୁଶପୁତ୍ତଳିକା ଦାହ କରିବା ସହିତ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଆଇ ସମ୍ମିଳନୀରେ ପ୍ରତିବାଦ କରିଥିବା ଯୁବ କଂଗ୍ରେସର ଜାତୀୟ ସଭାପତି ଓ କର୍ମକର୍ତ୍ତାଙ୍କୁ ଦିଲ୍ଲୀ ପୁଲିସ୍ର ଗିରଫକୁ ନିନ୍ଦା କରିବା ସହ ଯୁବ କଂଗ୍ରେସ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ କମିଟି ସଭାପତି ଦେବ ପ୍ରସାଦ ନାୟକ, ଉପସଭାପତି ଅଶ୍ୱିନୀ ସ୍ୱାଇଁ, ସମ୍ପାଦକ ଦିଲ୍ଲିପ କୁମାର ମାହାର, ଜଗତସିଂହପୁର ନଗର କଂଗ୍ରେସ ସଭାପତି ପ୍ରଶାନ୍ତ ମହାପାତ୍ର, ବ୍ଲକ କଂଗ୍ରେସ ସଭାପତି ଜ୍ଞାନରଞ୍ଜନ ପୃଷ୍ଟି, ଏସି ସେଲ୍ ସଭାପତି ଲକ୍ଷ୍ମୀଧର ମନ୍ତ୍ରୀ, ନିହାର ରଞ୍ଜନ ଦାସ, ଅଭିଷେକ ବଳ, ପ୍ରତ୍ୟୁଷ ନାୟକ, ସୁଶୀଲ କୁମାର ଦାଶ, ରିତେଶ ସାହୁ, ସ୍ୱରୂପ ମହାନ୍ତି, ରାକେଶ ମହାନ୍ତି, ଚନ୍ଦ୍ରଶେଖର ଓଝା, ନବକିଶୋର ସାହୁ, ବିଶ୍ୱଜିତ ସେଠୀ, ସାଇ ପ୍ରଭଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।

## ପୁନଙ୍ଗରେ ୧୨ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ

ଜଗତସିଂହପୁର,୨୭।୨(ସମିସ)



ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ପୁନଙ୍ଗ ପଞ୍ଚାୟତରେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସଙ୍କ ଦ୍ୱାରା ମାରାଥନ ଶିଳାନ୍ୟାସ ଓ ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବଉଳପୁର ଠାରେ ଭୋଗ ମଣ୍ଡପର ଉଦ୍‌ଘାଟନ, ରାମେଶ୍ୱର ଭୋଗ ମଣ୍ଡପ ଶିଳାନ୍ୟାସ, ନରେନ୍ଦ୍ର ନାଥ ବିଦ୍ୟାପୀଠ ପିଏମ୍‌ଶ୍ରୀ ଭାଷା ପ୍ରୟୋଗଶାଳା ଶିଳାନ୍ୟାସ, ଜୟଦୁର୍ଗା ଯୁବ ଓ କ୍ରୀଡ଼ା ସଂଘ ଉପର ମହଲା ଶିଳାନ୍ୟାସ, ରାଧାକାନ୍ତଜିଉ ମଠ ଭୋଗ ମଣ୍ଡପ ଶିଳାନ୍ୟାସ, ସିଦ୍ଧ ବାରଙ୍ଗ ହାଟ ପିଣ୍ଡି ଶିଳାନ୍ୟାସ, ମୁସଲମାନ ସାହି ରାସ୍ତା ଶିଳାନ୍ୟାସ, ସିଦ୍ଧବାରଙ୍ଗ ମହାବିଦ୍ୟାଳୟର ଯୁକ୍ତ ୩, ଯୁକ୍ତ ୨ ଉନ୍ନତୀକରଣ କାର୍ଯ୍ୟର ଶିଳାନ୍ୟାସ, ଜାତୀୟକବି ବୀରକିଶୋର ପାର୍କ ଉନ୍ନତୀକରଣ କାର୍ଯ୍ୟର ଶିଳାନ୍ୟାସ, ମାଣପୁର ୧୪ ନମ୍ବର ୱାର୍ଡରେ ଉଜ୍ଜ୍ୱଳ ଆଲୋକ ଲୋକାର୍ପିତ, ଗଜି ବାବା ମଠ ଭୋଗ ମଣ୍ଡପ ଶିଳାନ୍ୟାସ, ବଉଳପୁର ଅଙ୍ଗନବାଡି ରାସ୍ତା ଶିଳାନ୍ୟାସ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜଗତସିଂହପୁର ବ୍ଲକର ମଣ୍ଡଳ ଉନ୍ନୟନ ଅଧିକାରୀ ଆଶୁତୋଷ ମିଶ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଭବାନୀ ଗୋସ୍ୱାମୀ, ଭଗବାନ୍ ପଣ୍ଡା, ଜ୍ୟୋତିଷ କାନୁନଗୋ, ଯୋଗେନ୍ଦ୍ର ଶତପଥୀ, ଅମିୟ ରଞ୍ଜନ ଦାସ, କ୍ରିଷ୍ଣା ମଞ୍ଜରୀ ଦେଇ, ମନୋରମା ଦାସ ଓ କୃଷ୍ଣଚନ୍ଦ୍ର ବାନାର୍ଜୀ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲକ୍ଷ୍ମୀ ନାରାୟଣ ମିଶ୍ର, ରଜନୀକାନ୍ତ ଚୌଧୁରୀ, କୃଷ୍ଣଚନ୍ଦ୍ର ଦାସ, ସାରଦା ରଣା, ଦୁର୍ଗା ପ୍ରସାଦ ଦାସ, ଅଶୋକ ଦାସ, ପରିକ୍ଷିତ ଗ୍ରହାଚାର୍ଯ୍ୟ, ରାକେଶ ଦାସ, ଅଜୟ ଦାସ, ତ୍ରିଲୋଚନ ବେହେରା, ଗିରିଜା ଭୂଷଣ ଦାଶ, ଅସୀମ ବାନାର୍ଜୀ, ବିରେନ୍ଦ୍ର ବେହେରା, ଅଶୋକ ସାହୁ, ରବୀନ୍ଦ୍ରନାଥ ରଣା, ମନୋଜ ସାହୁ, ଶରତ ଦାସ, ମୁନା ଖାଁ, ସତ୍ୟ ନାରାୟଣ ଚୌଧୁରୀ, ଶରତ ଦାସ ପ୍ରମୁଖ ଶତାଧିକ କର୍ମୀ ଯୋଗ ଦେଇଥିଲେ।

## ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଅଭିଯାନ

ଜଗତସିଂହପୁର,୨୮।୨(ସମିସ): ଜଗତସିଂହପୁର ସହରର ନିମାଇଁ ଭବନରେ ଜିଲ୍ଲା ବିଜେପି ପକ୍ଷରୁ ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନର ଯୋଜନା ବୈଠକ ଜିଲ୍ଲା ସଭାପତି ପ୍ରତାପ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସାଧାରଣ ସମ୍ପାଦକ ଗଣେଶ ପ୍ରସାଦ ମହାନ୍ତିଙ୍କ ମଞ୍ଚ ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ସ୍ୱାଇଁ, ମୁଖ୍ୟବକ୍ତା ଭାବରେ ଜଗତସିଂହପୁର ସାଂସଦ ଡ.ବିଭୁ ପ୍ରସାଦ ତରାଇ, ଜିଲ୍ଲା ପ୍ରଭାରୀ ସୁବାସ ଜେନା, ଅନ୍ୟତମ ଅତିଥି ଭାବରେ ପ୍ରାକ୍ତନ ଜିଲ୍ଲା ସଭାପତି ସତ୍ୟବ୍ରତ ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଉପେନ୍ଦ୍ର ବିଶ୍ୱାଳ, ରାଜକିଶୋର ବେହେରା, ସତ୍ୟସାରଥି ମହାନ୍ତି, ସଞ୍ଜୟ ମହାନ୍ତି ଓ ପୌର ଉପାଧ୍ୟକ୍ଷ ରାଜେନ୍ଦ୍ର କୁମାର ବିଷୋଇ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କଳ୍ପନା ମହାନ୍ତି, ସର୍ଜନ ସିଂହ, ପ୍ରଜ୍ଞା ପ୍ରଣବ ଆଚାର୍ଯ୍ୟ, ନିହାର ପତି, ରାଜ ନାରୟଣ ସାହୁ, ସମ୍ବିତ ଷଡ଼ଙ୍ଗୀ, ମନୋଜ ବାରିକ, ହୃଷୀକେଶ ନନ୍ଦ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ଜିଲ୍ଲା ଟୋଲିର ଅନ୍ୟତମ ସଦସ୍ୟ ଭବେନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ।

● ଢେଙ୍କାନାଳ ପୌରପାଳିକାର ଅଜବ ନୀତି

# ପ୍ରଥମେ ବିଲ୍ ପରେ କାମ

ଢେଙ୍କାନାଳ,୨୮ ।୨(ସମିସ): ଢେଙ୍କାନାଳ ପୌରପାଳିକାର ଅଜବ ନୀତି। ପ୍ରଥମେ ବିଲ କର ପରେ କାମ ହେବ। ଏପରି ଘଟଣା ଦେଖିବାକୁ ମିଳିଛି ୨ନଂ ୱାର୍ଡରେ। ୪ ଲକ୍ଷ ଟଙ୍କାର ଡ୍ରେନ କାମର ସୂଚନା ଫଳକ ଅନୁସାରେ ୨୦୨୬ ଜାନୁଆରୀ ୨୯ରୁ କାମ ଆରମ୍ଭ ହୋଇ ୨୦୨୬ ଫେବୃଆରୀ ୧୨ରେ ଶେଷ ହୋଇଯାଇଛି। ମାତ୍ର ବାସ୍ତବରେ କାମ ଆରମ୍ଭ ମଧ୍ୟ ହୋଇ ନାହିଁ। ସଂସ୍ଥା ପକ୍ଷରୁ ଗୋଡ଼ି ଓ ବାଲି ଦୀର୍ଘଦିନରୁ ପକାଇ ରଖାଯାଇଛି। ଏହା ପଛରେ ଦୁର୍ନୀତିର ଗନ୍ଧ ବାରି ହୋଇ ପଡୁଛି। ବେଆଇନ ଟେଣ୍ଡର ହେଉଥିବା ଯୋଗୁଁ ବିରୋଧୀ କାଉନସିଲରମାନେ ଧାରଣାରେ ବସିଥିଲେ। ପୌରାଞ୍ଚଳରେ ଏପରି ଅନିୟମିତତା ପଛରେ ପୌରାଧ୍ୟକ୍ଷା ଦାୟୀ ବୋଲି ଅଭିଯୋଗ କରିଥିଲେ। ଏହାର ନିରପେକ୍ଷ ତଦନ୍ତ କରିବାକୁ ସାଧାରଣରେ ଦାବି ହୋଇଛି।



# ହାତୀ ଆକ୍ରମଣରେ ମୃତକଙ୍କ ପରିବାରକୁ ଭେଟିଲେ ସାଂସଦ

ଭୁବନ,୨୮ ।୨(ସମିସ): ହାତୀ ଆକ୍ରମଣରେ ମୃତକଙ୍କ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇଛନ୍ତି ସାଂସଦ ଓ ବିଧାୟକ। ଗତ ୧୭ ତାରିଖ ଭୋର୍ ସମୟରେ ହାତୀ ଆକ୍ରମଣରେ ଭୁବନ ବନାଞ୍ଚଳ ଗଡ଼ନୃସିଂହପ୍ରସାଦ ପଞ୍ଚାୟତ ବାସୁଦେଇପୁର ଦେହୁରୀ ସାହିର ମଦନ ଦେହୁରୀଙ୍କ ମୃତ୍ୟୁ ହୋଇଥିଲା। ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ଓ ସ୍ଥାନୀୟ ବିଧାୟକ ଶତ୍ରୁଘ୍ନ ଜେନା ଶୁକ୍ରବାର ତାଙ୍କ ଦଶାହ ଅବସରରେ ମଦନଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ ଯଥାଶୀଘ୍ର କ୍ଷତିପୂରଣ ଓ ସମସ୍ତ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ରେଞ୍ଜର ରାକେଶ ଦଳେଇଙ୍କ ସହ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରେମାନନ୍ଦ ଜେନା, ସିପୁଲ ଜେନା, ବୀରେନ୍ଦ୍ର ପ୍ରତାପ ଜେନା ଉପସ୍ଥିତ ଥିଲେ।

# ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ

କାମାକ୍ଷାନଗର,୨୮ ।୨(ସମିସ): କାମାକ୍ଷାନଗର ଥାନା ବଡ଼ସୁଆଳ ଗାଁ ନିକଟରେ ଅଜଣା ଗାଡ଼ି ଧକ୍କାରେ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଇନ୍ଦିପୁର ଗାଁର ରଞ୍ଜି ନାଏକ। ସେ ରାସ୍ତାରେ ଯାଉଥିବା ବେଳେ କୌଣସି ଗାଡ଼ି ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ।

# ପାଣିଟାଙ୍କିରେ ମହୁ ଖାଇବାକୁ ଆସୁଛି ଭାଲୁ

ଭୁବନ,୨୮ ।୨(ସମିସ): ପାଣିଟାଙ୍କିରେ ମହୁ ଖାଇବାପାଇଁ ଆସୁଛି ଭାଲୁ। ଭୟରେ ଜୀବନ କାଟୁଛନ୍ତି ଗ୍ରାମବାସୀ। ଏଭଳି ଘଟଣା ଦେଖିବାକୁ ମିଳିଛି ଭୁବନ ବ୍ଲକ ଦୟାଣାବିଲ ପଞ୍ଚାୟତ ମଠନୂଆଗାଁରେ ଥିବା ଓଭରହେଡ ପାଣିଟାଙ୍କିରେ। ଏହି ପାଣିଟାଙ୍କିରେ ୩୦ରୁ ଊର୍ଦ୍ଧ୍ୱ ମହୁଫେଣା ରହିଛି। ସନ୍ଧ୍ୟାହେଲେ ଭାଲୁ ପାଣିଟାଙ୍କି ଉପରକୁ ଚଢ଼ି ମହୁ ଖାଉଛି। ମହୁମାଛି ଆକ୍ରମଣରେ ରଡ଼ି ମଧ୍ୟ ଛାଡୁଛି। ରାସ୍ତାରେ ଉତ୍ପାତ କରୁଛି। ଫଳରେ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି। ଦୀର୍ଘ ୩ ଦିନ ହେଲା ଏଭଳି ଉପଦ୍ରବ କରୁଛି ଭାଲୁ। ତେବେ ଏ ଦିଗରେ ଭୁବନ ବନ ବିଭାଗର ତତ୍ପରତା ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ମହୁ ଫେଣା ହଟାଇବା ସହ ଲୋକଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ସିଆରପି ରଞ୍ଜିତା ଦାସ, ଦମୟନ୍ତି ସେଠୀ ଦାବି କରିଛନ୍ତି।

# ହାଇୱା-ଟ୍ରେଲର ଧକ୍କା; ଜଣେ ଗୁରୁତର

କାମାକ୍ଷାନଗର,୨୮ ।୨(ସମିସ): ୫୩ନଂ ଜାତୀୟ ରାଜପଥର କାମାକ୍ଷାନଗର ଥାନା ଆଳତୁମା ବାଇପାସ୍‌ରେ ଶନିବାର ଅପରାହ୍ନରେ ଟ୍ରେଲର ଓ ହାଇୱା ଧକ୍କା ହେବାରୁ ହାଇୱା ଚାଳକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଓଡ଼ାପଡ଼ା ଥାନା ଅଞ୍ଚଳର ଦୋଳଗୋବିନ୍ଦ ଦେହୁରୀ (୩୮)। ସ୍ଥାନୀୟ ଲୋକଙ୍କ ସହାୟତାରେ ଅଗ୍ନିଶମ ବାହିନୀ ତାଙ୍କୁ ଉଦ୍ଧାର କରି କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ କଟକ ସ୍ଥାନାନ୍ତର କରାଯାଇଛି।

# ବାରହା ଆକ୍ରମଣରେ ୨ ଗୁରୁତର

ଭୁବନ,୨୮ ।୨(ସମିସ): ବାରହା ଆକ୍ରମଣରେ ଦୁଇ ଗୁରୁତର ହୋଇ ମେଡିକାଲରେ ଭର୍ତ୍ତି। ଭୁବନ ବନାଞ୍ଚଳ ଯମୁନାକୋଟ ପଞ୍ଚାୟତ କୃଷ୍ଣପୁର ଗ୍ରାମରେ ଏହି ଘଟଣା ଘଟିଛି। ଶୁକ୍ରବାର ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ଚାଲିଥିଲା। ଶନିବାର ସକାଳେ କାର୍ଯ୍ୟକ୍ରମ ଉଦଯାପିତ ହେବାପରେ ଗ୍ରାମର ନନ୍ଦ ରାଉତଙ୍କ ପୁଅ ବଳରାମ ରାଉତ (୩୮) ଏବଂ ଉତ୍କଳ ପାଣିଙ୍କ ପୁଅ ଦିବାକର ପାଣି (୫୫) ସେଠାରୁ ଫେରୁଥିବା ବେଳେ ହଠାତ ଏକ ବାର୍‌ହା ଉଭୟଙ୍କୁ ଆକ୍ରମଣ କରିଥିଲା। ଗ୍ରାମବାସୀ ଉଭୟଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଭୁବନ ମେଡିକାଲରେ ଭର୍ତ୍ତି କରାଇଥିଲେ। ସେଠାରେ ଚିକିତ୍ସା ପରେ ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡ଼ିଛି। ବନାଞ୍ଚଳ ଅଧିକାରୀ ରାକେଶ ଦଳେଇ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଧାର୍ମାନନ୍ଦ ବରାଳ ପହଞ୍ଚି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି।



## ଡିଆଇଇଟିରେ ଜାତୀୟ ବିଜ୍ଞାନ ଦିବସ ପାଳିତ

# ‘ପେଟର ଭୋକଠୁ ପାଠର ଭୋକ ଅସ୍ଥିର କରୁଥିଲା’

ଢେଙ୍କାନାଳ,୨୮ ।୨(ସମିସ)



ଆତ୍ମଚେଷ୍ଟା ହିଁ ସଫଳତାର ଚାବିକାଠି: ଶେଷ କିସାନ

ପିଲାଦିନରୁ ମା' କୁ ହରେଇଛି। ବାପା ମୋ ଲାଗି ଥିଲେ ବାପା, ମା' ସବୁକିଛି। ପରିବାରର ଅବସ୍ଥା କିଛି ଭଲ ନ ଥିଲା। ଯେଉଁ ସମୟରେ ଖେଳନାଚ କରି ଗୀତଗାଇ ଜୀବନକୁ ହସଖୁସିରେ ବିତେଇବା କଥା ସେହି ସମୟରେ ମହୁଲ ଗୋଟେଇବା, କେନ୍ଦୁପତ୍ର ତୋଳିବା, ଫଡ଼ିରେ କାମ କରିବା, ମୂଲମଜୁରି କରିବା, ଇଟା ଗଢ଼ିବା ପରି କାର୍ଯ୍ୟ କରିବାକୁ ପଡ଼ିଛି। ବେଳାରେ ଗରମ ଭାତ ଗଣ୍ଡେ ଖାଇବା ଥିଲା ସାତସପନ। ପିଲାଦିନଟା ସାରା ସଂଗ୍ରାମରେ କଟେ। ଖରା, ବର୍ଷା, ଶୀତ, କାକରକୁ ଭ୍ରୂକ୍ଷେପ ନ କରି ମାଟି ସହ ମିଶିଯାଇଥିଲି। ସ୍ୱେଟର, ଜୋତା, ମୋଜା ପରି ଜିନିଷଗୁଡ଼ିକ କ'ଣ ଜାଣି ନ ଥିଲି। ସକଳ ଅଭାବ ଓ ପ୍ରତିବନ୍ଧକ ସତ୍ତ୍ୱେ ଗାଁ ସ୍କୁଲରୁ ପାଠ ସାରି ଗୋଶାଳା ନବୋଦୟ ବିଦ୍ୟାଳୟରେ ଯୋଗଦେଲି। ସେଠାରୁ ନାଇଜର ଓ ପରେ ଜର୍ମାନୀର ବର୍ଲିନ ଯାଏ ଯାତ୍ରା କରିବା କିଛି ବି ସହଜ ନ ଥିଲା। ମାତ୍ର ମୋ ଭିତରର ଦୃଢ଼ ମନୋବଳ ଓ ଆତ୍ମଚେଷ୍ଟା ମୋତେ ଆଶାତୀତ ସଫଳତା ଆଣିଦେଲା ବୋଲି ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଆୟୋଜିତ ଜାତୀୟ ବିଜ୍ଞାନ ଦିବସ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି ବୈଜ୍ଞାନିକ ଡ. ଶେଷ କିଷାନ।

ବିନା ବହି ଖାତା, ଟିଉସନ କୋଚିଂ ଓ ପଇସାରେ ଜଣେ ନାଇଜର ପରି ଅନୁଷ୍ଠାନରେ ପାଠପଢ଼ି କିପରି ସଫଳତା ପାଇପାରେ ତାହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ଡ. ଶେଷ କିସାନ। ନିଜ ବାପା ଓ ଶିକ୍ଷକମାନଙ୍କୁ ଦେବତା ବୋଲି ମନେ କରୁଥିବା ଡ. କିସାନ କେବେ ବି ନିଜ ଉପରୁ ଆସ୍ଥା ହରେଇ ନାହାନ୍ତି। ବରଂ ପେଟର ଭୋକଠୁ ପାଠର ଭୋକ ତାଙ୍କୁ ଅସ୍ଥିର କରୁଥିଲା ସବୁବେଳେ। ନିଜେ ନିଜ ଲାଗି ପ୍ରେରଣା ସାଜି ବାଟ ଚାଲୁଥିଲେ। ଜୀବନ ସଂଗ୍ରାମରେ ସଫଳତା ପାଇଲା ପରେ ବି ୧୭୦ରୁ ଅଧିକ ଅନାଥ ଗରିବ ପିଲାଙ୍କୁ ସେ ନିଜ ଘରେ ରଖି ନିଜ ଖର୍ଚ୍ଚରେ ପଢ଼ାଉଛନ୍ତି। ଡ. କିସାନ ଫାର୍ମା ପ୍ରାଇଭେଟ ଲିମିଟେଡ ପ୍ରତିଷ୍ଠା କରି ୩୦୦ରୁ ଅଧିକ ପ୍ରକାରର ଔଷଧ ତିଆରି କରି କେବଳ ଦେଶରେ ନୁହେଁ ବରଂ ଦେଶର ବାହାରକୁ ରପ୍ତାନି କରୁଛନ୍ତି। ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁଙ୍କ ସଭାପତିତ୍ୱରେ ଜାତୀୟ ବିଜ୍ଞାନ ଦିବସ ପାଳନ ଅବସରରେ ଡ. କିସାନ ଛାତ୍ରଛାତ୍ରୀଙ୍କୁ ବିଜ୍ଞାନମନସ୍କ ହେବାକୁ ପ୍ରେରଣା ଯୋଗାଇଥିଲେ। ଶିକ୍ଷକମାନେ ନିଜକୁ ଅନ୍ଧବିଶ୍ୱାସଠାରୁ ଦୂରେଇ ରଖିଲେ ତାହାର ପ୍ରଭାବ ଛାତ୍ରଛାତ୍ରୀଙ୍କ ଉପରେ ପଡ଼େ ବୋଲି ସେ ମତବ୍ୟକ୍ତ କରିଥିଲେ। ଗୁରୁଛାତ୍ରୀ ବର୍ଷାରାଣୀ ବେହେରା ଓ ମଧୁସ୍ମିତା ରଣାଙ୍କ ସଂଯୋଜନାରେ ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ସ୍ନେହଲତା ରାଜ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଗୁରୁଛାତ୍ରୀ ସ୍ନିଗ୍ଧାରାଣୀ ସାହୁ ଓ ଲକ୍ଷ୍ମୀପ୍ରିୟା ପୃଷ୍ଟି ଏବଂ ପ୍ରଶିକ୍ଷିକା ସୌମ୍ୟା ପଟ୍ଟନାୟକ ବକ୍ତବ୍ୟ ରଖିଥିଲେ।

ଏହି ଅବସରରେ ଆୟୋଜିତ କୁଇଜ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଗୁରୁଛାତ୍ରୀ ସ୍ନେହରୂପା କର, ବର୍ଷାରାଣୀ ବେହେରା ଓ ମଧୁସ୍ମିତା ରଣାଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରତିଷ୍ଠାନ ତରଫରୁ ଡ. କିସାନଙ୍କୁ ଉତ୍ତରୀୟ, ସ୍ମୃତି ସନ୍ତକ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ପ୍ରାଚୀର ପତ୍ରିକା ମହ୍ଲାରରେ ହୋଲି ବିଶେଷାଙ୍କ ‘ରଙ୍ଗ’କୁ ମୁଖ୍ୟଅତିଥି ଉନ୍ମୋଚନ କରିଥିଲେ। ଗୁରୁଛାତ୍ର ଲଲାଟେନ୍ଦୁ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ବନାଗ୍ନି ପ୍ରତିରୋଧ ସଚେତନତା ଅଭିଯାନ

କାମାକ୍ଷାନଗର,୨୮ ।୨(ସମିସ): ଢେଙ୍କାନାଳ ବନଖଣ୍ଡ କାମାକ୍ଷାନଗର ଜିରିଡ଼ାମାଳୀ ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୂଲ୍ୟରେ ଉପଖଣ୍ଡସ୍ତରୀୟ ବନାଗ୍ନି ପ୍ରତିରୋଧ ସଚେତନତା କାର୍ଯ୍ୟକ୍ରମ କାମାକ୍ଷାନଗର ପୂର୍ବାଞ୍ଚଳ ରେଞ୍ଜର ସୁଶାନ୍ତ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଢେଙ୍କାନାଳ ବନଖଣ୍ଡ ଅଧିକାରୀ ସୁମିତ କର ଯୋଗଦେଇ କହିଲେ, ଜଙ୍ଗଲ ରହିଲେ ସୃଷ୍ଟି ରହିବ। ସାମ୍ପ୍ରତିକ ସ୍ଥିତିରେ ପରିବେଶ ସନ୍ତୁଳନ ରକ୍ଷା ପାଇଁ ଏକମାତ୍ର ଉପାୟ ନୂତନ ଜଙ୍ଗଲ ସୃଷ୍ଟି କରିବା। ଜଙ୍ଗଲ ଉପରେ ମନୁଷ୍ୟ, ପଶୁପକ୍ଷୀ ସମସ୍ତେ ନିର୍ଭରଶୀଳ। ଜଙ୍ଗଲ ନଷ୍ଟ ହେଲେ ଆଗାମୀ ପିଢ଼ି ନିଃଶ୍ୱାସ ପ୍ରଶ୍ୱାସ ନେବାପାଇଁ ଅମ୍ଳଜାନ ଥଳି କିଣି ବ୍ୟବହାର କରିବେ ବୋଲି ସେ କହିଥିଲେ। ଜଙ୍ଗଲ ରକ୍ଷା ପାଇଁ ପ୍ରତ୍ୟକ ବ୍ୟକ୍ତି ଗୋଟିଏ ଗୋଟିଏ ଚାରା ରୋପଣ କରିବାର ଆବଶ୍ୟକତା ରହିଛି ବୋଲି ସେ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସିଏଫଓ କୁଞ୍ଜବିହାରୀ ନାୟକ, ରେଞ୍ଜର କୈଳାସ ସାହୁ, ରାକେଶ କୁମାର ଦଳାଇ, ଅଗ୍ନିଶମ ଅଧିକାରୀ ଶ୍ରୀକାନ୍ତ ବଳବନ୍ତରାୟ ପ୍ରମୁଖ ଯୋଗଦେଇଥିଲେ। ନିଆଁ ଦାଉରୁ ଜଙ୍ଗଲକୁ ରକ୍ଷା ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜଙ୍ଗଲରେ ନିଆଁ ଲଗାଉଥିବା ବ୍ୟକ୍ତିଙ୍କୁ ୭ ବର୍ଷ ଜେଲଦଣ୍ଡ ଓ ୨୫ ହଜାର ଟଙ୍କା ଜରିମାନା ହେବା ଭଳି କଠୋର ଆଇନ ରହିଛି ବୋଲି ସୂଚନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ କାମାକ୍ଷାନଗର ଉପଖଣ୍ଡ ବନ କର୍ମଚାରୀ, ଗଜସାଥୀ, ବନ ସୁରକ୍ଷା ସମିତି କର୍ମକର୍ତ୍ତା, ପରିବେଶବିତ୍ ସହଯୋଗ କରିଥିଲେ।

# ବିଜୁ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ



ଖଜୁରିଆକଟା,୨୮ ।୨(ସମିସ): ଆସନ୍ତା ମାର୍ଚ୍ଚ ୫ରେ ପ୍ରବାଦପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ ନିମନ୍ତେ ହିନ୍ଦୋଳ ବିଜେଡି ପକ୍ଷରୁ ଶନିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ସାତମାଇଲସ୍ଥିତ ଦଳୀୟ କାର୍ଯ୍ୟାଳୟରେ ପୂର୍ବତନ ସାଂସଦ ମହେଶ ସାହୁଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିଲା। ସୁରୁଖୁରୁରେ ବିଜୁ ଜୟନ୍ତୀ ପାଳନ ସମ୍ପର୍କରେ ଆଲୋଚନା ହୋଇଥିଲା। ନିର୍ବାଚନ ମଣ୍ଡଳୀର ସମସ୍ତ କାର୍ଯ୍ୟକର୍ତ୍ତା, କର୍ମୀ ଏଥିରେ ସାମିଲ ହେବାକୁ ପୂର୍ବତନ ସାଂସଦ ସାହ ଅନୁରୋଧ କରିଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ହିନ୍ଦୋଳ ବ୍ଲକ ବିଜେଡି ସଭାପତି ଦେବୀପ୍ରସାଦ ପଟ୍ଟନାୟକ, ଏନଏସି ସଭାପତି ପ୍ରଦ୍ୟୁମ୍ନ ବେହେରା, ଓଡ଼ାପଡ଼ା ସଭାପତି ଜଟ୍ଟୀ ନାଏକ, ହିନ୍ଦୋଳ ବ୍ଲକ ଅଧ୍ୟକ୍ଷା ସସ୍ମିତାରାଣୀ ନାୟକ, ରାଜ୍ୟ ସମ୍ପାଦିକା ମମତା ସାହୁ, ମହିଳା ସଭାପତି ଯୋଗମାୟା ଗଡ଼ନାୟକ, ଜିଲ୍ଲା ସମ୍ପାଦକ ପ୍ରଶାନ୍ତ ଦାସ, ଚକ୍ରଧର ଦାସ, ହିନ୍ଦୋଳ ବାର୍ ସଭାପତି ସୁଶୀଲ ଗଡ଼ନାୟକ, ମିଳନ ରାଉତ, ଦିପୁ ଗଡ଼ନାୟକ, ପ୍ରତାପ ସାହୁ, ଜିଲ୍ଲା ସମ୍ପାଦକ ଅଭିରାମ ଦଳେଇ, ରାଜେଶ ପରିଡ଼ା, ଅନନ୍ତ ନନ୍ଦ ପ୍ରମୁଖ ଯୋଗଦେଇଥିଲେ। ଦେବୀପ୍ରସାଦ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# କଲେଜ ଅଧ୍ୟକ୍ଷଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଢେଙ୍କାନାଳ,୨୮ ।୨(ସମିସ): ସ୍ଥାନୀୟ ପୁରୁଣା ଜିଲ୍ଲା ପରିଷଦ କକ୍ଷରେ ସାନ୍ଧ୍ୟ ସ୍ନାତକ ମହାବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ସମୀର କୁମାର ସାହୁଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସନ୍ଧ୍ୟାତାରା ସାହିତ୍ୟ ସଂସଦ ସଭାପତି ଭବାନୀ ଶଙ୍କର ମିଶ୍ର, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଲେଖକ ସଂସଦ ସଭାପତି ବସନ୍ତ କୁମାର ପଟ୍ଟନାୟକ, କବି ଭୂଷଣ ସ୍ମୃତି ସଂସଦ ସଭାପତି ଶିକ୍ଷକ ଶଙ୍କର୍ଷଣ ଶତପଥୀ, ସମାଜସେବୀ ଅକ୍ଷୟ କୁମାର ମହାନ୍ତି, ରାଜ୍ୟସ୍ତରୀୟ ଅଧ୍ୟାପକ ସଂଘ ସଭାପତି ଗୋଲକ ନାୟକ, ସଂଗ୍ରାମ ପାଣି, ଗଗନ ବେଉରିଆ ପ୍ରମୁଖ ଯୋଗଦେଇ ସମୀରଙ୍କ ସଫଳତା ଉପରେ ବକ୍ତବ୍ୟ ରଖିଥିଲେ। ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ସମାଜସେବୀ ରାମଚନ୍ଦ୍ର ପାତ୍ରଙ୍କ ସମେତ ୭୦ରୁ ଊର୍ଦ୍ଧ୍ୱ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପ୍ରମୁଖ ଡ. ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ମୁଖ୍ୟଅତିଥି ଭାବେ ରାଜ୍ୟ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ସମ୍ମାନିତ ଅତିଥି ଭାବେ ସାଂସଦଙ୍କ ପ୍ରତିନିଧି ନରେଶ ଚନ୍ଦ୍ର ମହାପାତ୍ର, ନବକିଶୋର ଗୁରୁ, ଭିକାରୀ ଚରଣ ରାଉତ, ଦିଲୀପ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ଗୁରୁ ଅକ୍ଷୟ କୁମାର ନାୟକଙ୍କ ସଂଯୋଜନାରେ ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ଜାଗୃତି ଡ୍ୟାନ୍ସ ଏକାଡେମୀର ଗୁରୁ ରୁନା ଦାସଙ୍କ ସଂଯୋଜନାରେ ନୃତ୍ୟ ପରିବେଷଣ କରାଯାଇଥିଲା। ମାଇକ୍ରୋମିଡିଆର ନିର୍ଦ୍ଦେଶକ ଅଥୟ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅଧ୍ୟାପିକା ସ୍ୱର୍ଣ୍ଣଲତା ମାହାଳିକ ଧନ୍ୟବାଦ ପ୍ରଦାନ କରିଥିଲେ।

# ମଉଡ଼ମଣି ରାଜଲକ୍ଷ୍ମୀ ପୂଜା ପ୍ରତିଷ୍ଠାନର ଦୋଳ ଉତ୍ସବ



ଢେଙ୍କାନାଳ,୨୮ ।୨(ସମିସ): ମୀନାବଜାର ଶ୍ରୀ ଶ୍ରୀ ମଉଡ଼ମଣି ରାଜଲକ୍ଷ୍ମୀ ପୂଜା ପ୍ରତିଷ୍ଠାନର ଦୋଳଉତ୍ସବ ଏକାଦଶୀଠାରୁ ଶ୍ରୀ ଦୋଳଗୋବିନ୍ଦଜୀଉ ଓ ଶ୍ରୀରାଧାଙ୍କ ସାହି ପରିକ୍ରମାରୁ ଆରମ୍ଭ ହୋଇଛି। ସୁସଜ୍ଜିତ ବିମାନରେ ଠାକୁରଙ୍କୁ ସାହି ପରିକ୍ରମା କରାଇ ପୂଜକ ଜିତେନ୍ଦ୍ର ଦାସ ଓ ରବିନାରାୟଣ ଦାସ ଭୋଗରାଗ ଅର୍ପଣ କରାଇଥିଲେ। ଟ୍ରଷ୍ଟ ଅଧ୍ୟକ୍ଷ ଲଳିତ କୁମାର ପଟ୍ଟନାୟକ, ଉପାଧ୍ୟକ୍ଷ ବିରଞ୍ଚି ନାରାୟଣ ସାହୁ, ସମ୍ପାଦକ ପ୍ରଫୁଲ୍ଲ କୁମାର ବେହେରା, କୋଷାଧ୍ୟକ୍ଷ ଲୋକନାଥ ମହାପାତ୍ର, ପୂଜା କମିଟି ସଭାପତି ରବି ନାରାୟଣ ମହାନ୍ତି, କାର୍ଯ୍ୟକାରୀ ସଭାପତି ନିରୋଦ କୁମାର ସାହୁ, ସମ୍ପାଦକ ପୀତବାସ ସାହୁ, ଉପସଭାପତି ଉଦୟନାଥ ବେହେରା, ଶ୍ରୀକାନ୍ତ ମହାପାତ୍ର, ଦିଲୀପ କୁମାର ସାହୁ, ବୀରବର ସାହୁ, ପ୍ରଭାତ କୁମାର ଦଳେଇ, କୋଷାଧ୍ୟକ୍ଷ ଦୟାନିଧି ବେହେରା, ବିରଞ୍ଚି ରଣା, ଯଶୋବନ୍ତ ପଟ୍ଟନାୟକ, କୃଷ୍ଣଚନ୍ଦ୍ର ଦେବତା, ହେମନ୍ତ ପଟ୍ଟନାୟକ, ସୁଧାଂଶୁ ସାହୁ, ମନୋରଞ୍ଜନ ମହାରଣା, ଦାମ ରଣା ପ୍ରମୁଖ ସହଯୋଗ କରିଥିଲେ।

# ବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା

ଗଁଦିଆ,୨୮ ।୨(ସମିସ): କରମୂଳ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅବସରକାଳୀନ ସଭା ଆୟୋଜିତ ହୋଇଛି। ସିଆରସିସି ପୃଥ୍ୱୀରାଜ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷକ ରଞ୍ଜିତ ବେହେରା ମଞ୍ଚ ପରିଚାଳନା କରିଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୁଭଦ୍ରା ବେହେରା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମାଜସେବୀ ପ୍ରଦ୍ୟୁମ୍ନ କୁମାର ପଣ୍ଡା ଅବସର ଗ୍ରହଣ କରିଥିବା ସଂସ୍କୃତ ଶିକ୍ଷକ ହରିହର ଦାଶ ଓ କର୍ମଚାରୀ ଅଜୟ କୁମାର ରଣାଙ୍କ ଦୀର୍ଘାୟୁ କାମନା କରିଥିଲେ। ଶିକ୍ଷକ ଶଙ୍କର୍ଷଣ ତରାଇ, ଅମ୍ବୁଜ ସାହୁ, ସତ୍ୟବାଦୀ ରାଉତ, ଅଶ୍ୱିନୀ ପତି ଉପସ୍ଥିତ ଥିଲେ। ଶେଷରେ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।



# ଜିଲ୍ଲା ବରିଷ୍ଠ ନାଗରିକ ପରିଷଦର ବାର୍ଷିକ ଉତ୍ସବ

ଢେଙ୍କାନାଳ,୨୮ ।୨(ସମିସ)



ସ୍ଥାନୀୟ ନୂଆପୋଖରୀସ୍ଥିତ ଆର୍ଟ ଆଣ୍ଡ କ୍ରାଫ୍ଟ ସେଣ୍ଟରରେ ଜିଲ୍ଲା ବରିଷ୍ଠ ନାଗରିକ ପରିଷଦର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲାର ୮ ବ୍ଲକ୍, ୩ ଏନ୍‌ଏସି ଓ ଗୋଟିଏ ମ୍ୟୁନିସିପାଲିଟିର ବରିଷ୍ଠ ନାଗରିକମାନେ ଯୋଗଦେଇଥିଲେ। ଜିଲ୍ଲା ବରିଷ୍ଠ ନାଗରିକ ପରିଷଦ ସଭାପତି ଦୁର୍ଗାଚରଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକରମରେ ଅତିଥି ଭାବେ ସଙ୍ଗଠନର କାର୍ଯ୍ୟକାରୀ ସଭାପତି ଯୋଗୀନାଥ ମହାନ୍ତି, ଅକ୍ଷୟ କୁମାର ସାହୁ, ସମ୍ପାଦକ ଗୁଣଧର ମିଶ୍ର ଓ ଢେଙ୍କାନାଳ ଅତିରିକ୍ତ ଏସ୍‌ପି ନିରଞ୍ଜନ ପାଢ଼ୀ ଯୋଗଦେଇଥିଲେ। ତେବେ କାର୍ଯ୍ୟକ୍ରମକୁ ଜିଲ୍ଲାର ଲୋକପ୍ରତିନିଧିମାନଙ୍କୁ ନିମନ୍ତ୍ରଣ କରାଯାଇଥିଲେ ମଧ୍ୟ କେହି ଉପସ୍ଥିତ ନ ଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା। ବରିଷ୍ଠ ନାଗରିକମାନଙ୍କ ପାଇଁ ରହିଥିବା ପୁଲିସ ସହାୟତା ସମ୍ପର୍କରେ ଅତିରିକ୍ତ ଏସ୍‌ପି ଅବଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସ, ଉପସଭାପତି ବାହାଦୁର ପାଟ୍ଟଶାହାଣୀ, ବିନାୟକ ଶତପଥୀ, ଡ. ସୁସନ୍ଧ୍ୟା ମହାନ୍ତି, ପ୍ରମୋଦ ନନ୍ଦ, ସହସମ୍ପାଦକ ଲକ୍ଷ୍ମୀପ୍ରସାଦ ପଟ୍ଟନାୟକ, କୋଷାଧ୍ୟକ୍ଷ ରଞ୍ଜନ ପଟ୍ଟନାୟକ, ସଂଯୋଜକ ଅମ୍ବିକା ବରାଳଙ୍କ ସମେତ ବିଭିନ୍ନ ବ୍ଲକ୍‌ର ସଭାପତି ଓ ସମ୍ପାଦକ ଭାଗ ନେଇଥିଲେ। ଭୁବନ ବ୍ଲକର ରଥ ସେଠୀ, ବ୍ରଜ ରାଉତ, ଦୁର୍ଗାଚରଣ ପୃଷ୍ଟି, ହିନ୍ଦୋଳରୁ ଶ୍ରୀନିବାସ ମିଶ୍ର, ବିନୟ ସାମଲ, କଙ୍କଡ଼ାହାଡ଼ରୁ ଭଗବାନ ସିଂ, ପୀତାମ୍ବର ସାହୁ, ଦୁଃଖବନ୍ଧୁ ସାହୁ, ଗଁଦିଆର ବିପିନ୍ ସିଂ, ହେମନ୍ତ ବ୍ରହ୍ମ, ଓଡ଼ାପଡ଼ାରୁ ଡ. ନୃସିଂହ ନାଏକ, କୈଳାସ ସାହୁ, ଅନ୍ତର୍ଯ୍ୟାମୀ ବରାଳ, ସଦର ବ୍ଲକ୍‌ରୁ ରମାମଣି ସାହୁ, ସୁବାସ ଶତପଥୀ, ଭରତ ସାମଲ, ନବକିଶୋର ପୁହାଣ, ଢେଙ୍କାନାଳ ମ୍ୟୁନିସିପାଲିଟିର ଲକ୍ଷ୍ମୀଧର ବାରିକ, ପ୍ରଶାନ୍ତ ମିଶ୍ର, ପ୍ରସନ୍ନ ସାହୁ, ପ୍ରାଣବନ୍ଧୁ ସ୍ୱାଇଁ, ଅଦ୍ୱୈତ ରାଉତ, ସତ୍ୟବ୍ରତ ମାଟିଆ ମିଶ୍ର, ସୁଧାକର ମହାନ୍ତି, ବିଜୟ ଜେନା ପ୍ରମୁଖ ସହଯୋଗ କରିଥିଲେ। ଜିଲ୍ଲା ବରିଷ୍ଠ ନାଗରିକ ପରିଷଦ କାର୍ଯ୍ୟକାରୀ ସଭାପତି ଯୋଗୀନାଥ ମହାନ୍ତି ଓ ରତିକାନ୍ତ ଗଡ଼ନାୟକ ଧନ୍ୟବାଦ ଦେଇଥିଲେ।

# ଗିରିଧାରୀ ଆଶ୍ରମରେ ୪୧ତମ ଚାରଣ ମହୋତ୍ସବ



ଗଁଦିଆ,୨୮ ।୨(ସମିସ): ସ୍ଥାନୀୟ ରିରିଧାରୀ ଆଶ୍ରମରେ ଚାରଣ ଶାଖା ଗଁଦିଆ ପଟଣା ତରଫରୁ ଶୁକ୍ରବାରଠାରୁ ଶ୍ରୀଜଗନ୍ନାଥ ଚାରଣ ମହୋତ୍ସବ ଆରମ୍ଭ ହୋଇଛି। ୧୦୮ ମହିଳା କଳସ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଆଶ୍ରମ ପରିସର ଯଜ୍ଞ ମଣ୍ଡପରେ ପ୍ରତ୍ୟହ ସୂର୍ଯ୍ୟପୂଜା, ଷୋଡ଼ଷ ଉପଚାର ପୂଜା, ସମୂହ ସ୍ୱାଧ୍ୟାୟ, ଯୋଗଶିକ୍ଷା, ସ୍କନ୍ଦପୁରାଣ ଅନ୍ତର୍ଗତ ବୈଷ୍ଣବଖଣ୍ଡ ଶ୍ରୀ ପୁରୁଷୋତ୍ତମ କ୍ଷେତ୍ର ମହାତ ପାରାୟଣ ଶ୍ରୀମଦ ଭାଗବତ ପୀଠ ଆଦି କାର୍ଯ୍ୟକ୍ରମ କରାଯାଉଛି। ସୋମବାର ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲୁ ରହିବ। ଢେଙ୍କାନାଳ ଜିଲ୍ଲା ସଙ୍ଗଠକ ଚାରଣ ଦେବାଶିଷ ସାହୁ, ବିଶିକେଶନ ସାହୁ, ଅଭିମନ୍ୟୁ ଦାସ ଓ ରମେଶ ଚନ୍ଦ୍ର ସାହୁ ପ୍ରମୁଖଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଚାଲିଛି।

# ଜନଗଣନା ପାଇଁ ତାଲିମ ଶିବିର

ଢେଙ୍କାନାଳ,୨୮ ।୨(ସମିସ): ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ୨୦୨୭ ଜନଗଣନା ଅନ୍ତର୍ଗତ ଘର ତାଲିକା ପ୍ରସ୍ତୁତି ଓ ଗୃହ ଗଣନା ସମ୍ପର୍କିତ ଦୁଇଦିନିଆ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଜିଲ୍ଲାର ସମସ୍ତ ଉପଜିଲ୍ଲାପାଳ, ତହସିଲଦାର, ଅତିରିକ୍ତ ତହସିଲଦାର, ପୌରପାଳିକା ଓ ଏନ୍‌ଏସିର ନିର୍ବାହୀ ଅଧିକାରୀମାନେ ଯୋଗଦେଇଥିଲେ। ଭାରତର ଜନଗଣନା କମିଶନର ଏବଂ ଓଡ଼ିଶା ଜନଗଣନା କାର୍ଯ୍ୟାଳୟ ନିର୍ଦ୍ଦେଶାବଳୀ ଅନୁଯାୟୀ, ଚଳିତ ଜନଗଣନାରେ ଡିଜିଟାଲ୍ ପ୍ରକ୍ରିୟା ଏବଂ ନିଜସ୍ୱ-ଗଣନା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଓଡ଼ିଶା ଜନଗଣନା ନିର୍ଦ୍ଦେଶାଳୟରୁ ଆସିଥିବା ମାଷ୍ଟର ଟ୍ରେନର ଏବଂ ଜିଲ୍ଲା ଦାୟିତ୍ୱରେ ଥିବା ଅଧିକାରୀମାନେ ସଠିକ୍ ତଥ୍ୟ ସଂଗ୍ରହ ପାଇଁ ମୋବାଇଲ୍ ଆପ୍ଲିକେସନ୍ ଓ ଡିଜିଟାଲ୍ ଉପକରଣର ବ୍ୟବହାର ସମ୍ପର୍କରେ ବିସ୍ତୃତ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହା ସହିତ କ୍ଷେତ୍ର ସ୍ତରରେ କାର୍ଯ୍ୟକାରିତା, ତଦାରଖ ପ୍ରକ୍ରିୟା ଏବଂ ଡାଟା ପରିଚାଳନାର ନିରାପତ୍ତା ସମ୍ବନ୍ଧରେ ଅଧିକାରୀମାନଙ୍କୁ ଅବଗତ କରାଯାଇଥିଲା। ଜନଗଣନାକୁ ସୁବ୍ୟବସ୍ଥିତ ଓ ତ୍ରୁଟିଶୂନ୍ୟ କରିବା ପାଇଁ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା କୁହାଯାଇଛି।



# ପ୍ରେକ୍ଷାଳୟରେ 'ଚାରିକାନ୍ଧ'

ରିତୁପ୍ରିୟା ପ୍ରଡ଼କ୍ସନ ବ୍ୟାନରରେ ନିର୍ମିତ ଓଡ଼ିଆ ସିନେମା 'ଚାରିକାନ୍ଧ' ବର୍ତ୍ତମାନ ପ୍ରେକ୍ଷାଳୟରେ ପ୍ରଦର୍ଶିତ ହେଉଛି । ୩୮ ମିନିଟ୍‌ର ଏହି ଫିଲ୍ମଟି ୪୬ରୁ ଅଧିକ ଜାତୀୟ ଓ ଆନ୍ତର୍ଜାତୀୟ ଫେଷ୍ଟିଭାଲ୍‌ରେ ଯୋଗଦେଇ ୨୨ରୁ ଅଧିକ ପୁରସ୍କାର ଜିତିଛି । ଜାପାନର ହୋକ୍କାଇଡୋ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଉତ୍ସବରେ ମଧ୍ୟମ ଅବଧି ସିନେମା ବିଭାଗରେ 'ଚାରିକାନ୍ଧ' ପ୍ରଦର୍ଶିତ ହୋଇଥିଲା । ଏଥିପାଇଁ ମଧ୍ୟମ ଅବଧିର ମାତ୍ର ଆଠଟି ଚଳଚ୍ଚିତ୍ର ମନୋନୀତ ହୋଇଥିବା ବେଳେ ଭାରତରୁ 'ଚାରିକାନ୍ଧ' ଏକମାତ୍ର ସିନେମା ଭାବରେ ପ୍ରତିନିଧିତ୍ୱ କରି ପୁରସ୍କୃତ ହୋଇଛି । ସାମ୍ପ୍ରତିକ ସମାଜର ବାସ୍ତବତା ଓ ବାର୍ଦ୍ଧକ୍ୟର ଏକୁଟିଆପଣକୁ ନେଇ ତଥା ଅନ୍ୟ କିଛି ଭିନ୍ନ କଥାକୁ ନେଇ ଚଳଚ୍ଚିତ୍ର ନିର୍ମାଣ କରିଛନ୍ତି ଅତିଶ କୁମାର ରାଉତ । ଏହି ସିନେମାର କାହାଣୀ ,ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ଦେଇଛନ୍ତି ବିଶ୍ୱନାଥ ରଥ ସହ ପ୍ରଯୋଜକ ହେଲେ ସୁପ୍ରିୟା ରାଉତ, ଅଖିଳ ରାଜୁରକର ।



# ୬ ରେ 'କାନ୍ଦ ମାଷ୍ଟ୍ରେ'

ଚଳିତ ମାସ ୬ ତାରିଖରେ ନୂଆ ଓଡ଼ିଆ ସିନେମା 'କାନ୍ଦ ମାଷ୍ଟ୍ରେ' ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ପୁନର୍ବାର ଘୋଷଣା କରିଛି । ଓଡ଼ିଶାରେ ଝିଅମାନେ ବିବାହ ବିଦାୟୀ ବେଳେ ବାପା, ମାଆ, ବନ୍ଧୁବାନ୍ଧବଙ୍କୁ ଧରି ବିଭିନ୍ନ କଥାକୁ ପଦ୍ୟରେ ଗାଇ କାନ୍ଦିଥାଆନ୍ତି । ଏ ପରମ୍ପରା ଧୀରେ ଧୀରେ ନବେ ଦର୍ଶକଠୁ ଏକ ପ୍ରକାର ଲୋପ ପାଇ ବସିଲାଣି । ଏପରି ଏକ କହାଣୀକୁ ନେଇ 'କାନ୍ଦ ମାଷ୍ଟ୍ରେ' ଚଳଚ୍ଚିତ୍ର ଚିତ୍ରଣ କରାଯାଇଛି । ଓଡ଼ିଶାର ଆଗ ଧାଡ଼ିର ନାଟ୍ୟକାର ତଥା ସାହିତ୍ୟିକ ଜାକିର ଖାନ୍‌ଙ୍କ ସଫଳ ନାଟକକୁ ନେଇ ଚଳଚ୍ଚିତ୍ର ନିର୍ମାଣ କରାଯାଇଛି । ପ୍ରଯୋଜନା ସହିତ ନିର୍ଦ୍ଦେଶନା ଦେଇଛନ୍ତି ବିଶ୍ୱଜିତ ପଣ୍ଡା । କାହାଣୀ ଓ ସଂଳାପ ଜାକିର ଖାନ ଲେଖିଥିବାବେଳେ ଚିତ୍ରନାଟ୍ୟରେ ଜାକିର ଖାନ ଓ ବିଶ୍ୱଜିତ ପଣ୍ଡା ଅଛନ୍ତି । ଏଥିରେ ଅଭିନେତ୍ରୀ ଲିପ୍ସା ମିଶ୍ର , ବିଭୁ ପ୍ରସାଦ , ପୃଥ୍ୱୀରାଜ ନାୟକ, ଧରିତ୍ରୀ ଖଣ୍ଡୁଆଳ, ଶ୍ୱେତାଶ୍ରୀ ପାଢ଼ୀ ପ୍ରମୁଖ ଅଭିନୟ କରିଛନ୍ତି । ସିନେମାଟିରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ବିକାଶ ଦାସ ଓ ଶାନ୍ତନୁ ନାୟକ । ଗୀତ ରଚନା କରିଛନ୍ତି ବାପୁ ଗୋସ୍ୱାମୀ ଏବଂ ସନ୍ତୋଷ ନାୟକ । 'କାନ୍ଦ ମାଷ୍ଟ୍ରେ'କୁ ଦର୍ଶକଙ୍କ ଭଲ ପାଇବା ମିଳିବ ବୋଲି ପ୍ରଯୋଜନା ସଂସ୍ଥା ଆଶା ପ୍ରକଟ କରିଛନ୍ତି ।

# ଟେଲିଭିଜନ ପ୍ରିମିୟର୍ 'ଚନ୍ଦ୍ରବଂଶୀ'

ଆଜି ସନ୍ଧ୍ୟା ୬ଟା ୩୦ରେ ଜି ସାର୍ଥକରେ ଟେଲିଭିଜନ ପ୍ରିମିୟର୍ ହେବ ଓଡ଼ିଆ ଚଳଚ୍ଚିତ୍ର 'ଚନ୍ଦ୍ରବଂଶୀ' । ଏହା ହେଉଛି ଏକ ରୋମାଞ୍ଚକର ଆକ୍ସନ-ଡ୍ରାମା ସିନେମା । ଏହି ଚଳଚ୍ଚିତ୍ରଟି ପ୍ରତିଶୋଧ, ନ୍ୟାୟ, ଅହଂକାର ଏବଂ ମାନବିକତା ମଧ୍ୟରେ ଥିବା ଭାବପ୍ରବଣ ସଂଘର୍ଷକୁ ଅତ୍ୟନ୍ତ ସୁନ୍ଦର ଭାବରେ ଦର୍ଶାଇଛି । ଏହି କାହାଣୀଟି ନାଟକୀୟ ମୁହାଁମୁହିଁ, ଗଭୀର ଆବେଗ ଏବଂ ଦମଦାର ଆକ୍ସନ ଦୃଶ୍ୟରେ ପରିପୂର୍ଣ୍ଣ, ଯାହା ଦର୍ଶକଙ୍କୁ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିବାକୁ ସଫଳ ହୋଇଥିଲା । ଓଲିଉଡର ସୁପରଷ୍ଟାର ସିଦ୍ଧାନ୍ତ ମହାପାତ୍ର, ଆକାଶ ଦାସନାୟକ, ପୁନମ ମିଶ୍ର, ଲିପ୍ସା ମିଶ୍ର, ଶ୍ରୀତମ ଦାସ, ଉଷସୀ ମିଶ୍ର, ରାଜ ରାଜେଶ ଏବଂ ଯାତ୍ରା ଜଗତର ଦୁର୍ଦ୍ଦାନ୍ତ ଖଳନାୟକ ଦୈତାରି ପଣ୍ଡା ପ୍ରମୁଖ ଲୋକପ୍ରିୟ କଳାକାର ଏହି ସିନେମାରେ ଅଭିନୟ କରିଛନ୍ତି । ନିର୍ଦ୍ଦେଶନା ଯଶ ଓ ସୁନୀଲ ଦେଇଥିବା ବେଳେ ଏହାର ପ୍ରଯୋଜନା ପ୍ରୀତମ ସାହୁ କରିଛନ୍ତି । ଅସଦ ନିଜାମ ଏହି ଚଳଚ୍ଚିତ୍ରର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ।





# 'ରଜ କୁଇନ୍'ର ଅଡିସନ୍ ଆରମ୍ଭ

ଆରମ୍ଭ ହୋଇଛି ଜୀ ସାର୍ଥକର ସବୁଠାରୁ ଲୋକପ୍ରିୟ ରିଆଲିଟି ଶୋ 'ରଜ କୁଇନ୍' । ଏହା କେବଳ ଏକ ପ୍ରତିଯୋଗିତା ନୁହେଁ, ବରଂ ଏହା ରାଜ୍ୟର ଯୁବତୀମାନଙ୍କ ମଧ୍ୟରେ ଥିବା ପ୍ରତିଭା, ଆତ୍ମବିଶ୍ୱାସ, ବ୍ୟକ୍ତିତ୍ୱ ଏବଂ ଉତ୍ସାହକୁ ପରିପ୍ରକାଶ କରିବାର ଏକ ମାଧ୍ୟମ । ଚଳିତ ବର୍ଷ ଏହି ଶୋ' ପୂର୍ବ ଅପେକ୍ଷା ଅଧିକ ଭବ୍ୟ ଓ ଆକର୍ଷଣୀୟ ହେବ । ଆଗାମୀ 'ରଜ କୁଇନ୍' ଖୋଜିବା ପାଇଁ ଓଡ଼ିଶାର ବିଭିନ୍ନ ସହରରେ ଗ୍ରାଉଣ୍ଡ ଅଡିସନ୍ ଅନୁଷ୍ଠିତ ହେବ ।

ଫେବୃଆରୀ ୨୮ ତାରିଖରେ ଏହାର ଅଡିସନ୍ ଭୁବନେଶ୍ୱରରେ ହୋଇଯାଇଛି । ସେହିପରି ମାର୍ଚ୍ଚ ୭ ତାରିଖରେ ଭଦ୍ରକ ଏବଂ ଜଗତସିଂହପୁର, ମାର୍ଚ୍ଚ ୮ ତାରିଖରେ ଯାଜପୁର, ମାର୍ଚ୍ଚ ୧୧ରେ ବାରିପଦା, ମାର୍ଚ୍ଚ ୧୪ ରେ ବ୍ରହ୍ମପୁର, ମାର୍ଚ୍ଚ ୧୫ ରେ କଟକ, ମାର୍ଚ୍ଚ ୧୭ ରେ ସମ୍ବଲପୁର, ମାର୍ଚ୍ଚ ୧୯ ରେ ଜଗତପୁର ( ଅଲ୍ ଓଡ଼ିଶା ଅଡିସନ୍), କଟକରେ ଅନୁଷ୍ଠିତ ହେବ ।



ପରଦା ପଛର କାହାଣୀ

# ଚାରିଦିନରେ ଖଳନାୟକ ମନୋନୀତ

୨୦୦୭ ମୁକ୍ତିଲାଭ କରିଥିଲା ସୁପରହିଟ୍ ଫିଲ୍ମ 'ଓମ୍ ଶାନ୍ତି ଓମ୍' । ଏଥିରେ ଦୀପିକା ପାଦୁକୋନ୍ ଏବଂ ଶାହରୁଖ ଖାନ୍ ମୁଖ୍ୟ ଚରିତ୍ରରେ ଅଭିନୟ କରିଥିଲେ । 'ଓମ୍ ଶାନ୍ତି ଓମ୍' ରେ ଅର୍ଜୁନ ରାମପାଲ୍ ଖଳନାୟକ ଭୂମିକାରେ ଅଭିନୟ କରିଥିଲେ । ତେବେ ଫିଲ୍ମ ସୁଟିଂକୁ ନେଇ ଏକ ରୋଚକୀୟ କାହାଣୀ ରହିଛି । ନିକଟରେ ଫରାହ ଖାନ୍ ଏକ ସାକ୍ଷାତକାରରେ ଏହାର ପର୍ଦ୍ଦାଫାସ କରିଛନ୍ତି । ଫିଲ୍ମ ସୁଟିଂର ଚାରିଦିନ ପୂର୍ବରୁ ଖଳନାୟକ ମନୋନୀତ କରାଯାଇଥିଲା । ଶେଷରେ ଏଥିରେ ଅର୍ଜୁନ ରାମପାଲଙ୍କୁ କାଷ୍ଟିଂ କରାଯାଇଥିଲା । କାରଣ ଅନ୍ୟ ସବୁ ଅଭିନେତା ଏଥିପାଇଁ ମନା କରିଦେଇଥିଲେ । ତେଣୁ ଫରାହ ଏବଂ ଶାହରୁଖଙ୍କୁ ଅନୁଭବ ହୋଇଥିଲା ଫିଲ୍ମରେ ଶାନ୍ତିପ୍ରିୟା (ଦୀପିକା) ଯାହାକୁ ଭଲ ପାଇବେ ସେ ସୁନ୍ଦର ହେବା ଆବଶ୍ୟକ । ଏହି ଫିଲ୍ମଟି ଜାନୁଆରୀ ୬ ତାରିଖରେ ସୁଟିଂ ହେବାର ଥିଲା । ୩୧ ଡିସେମ୍ବରରେ ଶାହରୁଖ୍ ଖାନ୍‌ଙ୍କ ଘରେ ପାର୍ଟି ଥିଲା । ସେଠାରେ ସେ ଅର୍ଜୁନ ରାମପାଲଙ୍କୁ ଫରାହ ଖାନ୍ ଭେଟିଥିଲେ । ଶାହରୁଖ୍ ବାଥରୁମ୍‌ର କବାଟିକୁ ବନ୍ଦ କରିଦେଲେ । ଆଉ ରାମପାଲଙ୍କୁ ଫିଲ୍ମର କାହାଣୀ ଶୁଣାଇଥିଲେ । ହେଲେ ସେ କାହାଣୀ ଶୁଣିବାକୁ ମନା କରିଥିଲେ । ଏହାପରେ ତାଙ୍କୁ ଶାହରୁଖ୍ ଖାନ୍ ଫୋନ୍ କରି ଯେ କୌଣସି ମତେ ଫିଲ୍ମ ପାଇଁ ମନେଇ ଥିଲେ । ସେହିପରି 'ଓମ୍ ଶାନ୍ତି ଓମ୍'ରେ ଶାହରୁଖ୍ ଯେଉଁ କଷ୍ଟ୍ୟୁମ୍ ପିନ୍ଧିଥିଲେ ପୂର୍ବରୁ ତାହାକୁ ପିନ୍ଧାଯାଇଥିଲା । ଏଥିପାଇଁ କୌଣସି ନୂଆ ପୋଷାକ ତିଆରି ହୋଇନଥିଲା । ସେହିପରି 'ତୁମ୍‌କୋ ପାୟା ହୈ ତୋ ଜେସା ଖୋୟା ହୁଁ...' ଗୀତରେ ଶାହରୁଖ୍ ଯେଉଁ କୋଟ୍ ପିନ୍ଧିଥିଲେ, ତାକୁ ରାଜେଶ୍ ଖାନ୍ନା 'ଆଶିକ୍' ଫିଲ୍ମରେ ପିନ୍ଧିଥିଲେ । ଏହି ଫିଲ୍ମର କାହାଣୀ ପୁନର୍ଜନ୍ମ ଉପରେ ଆଧାରିତ । ୧୯୮୦ରେ ସୁବାଷ ଘାଇଙ୍କ ନିର୍ଦ୍ଦେଶନାରେ ନିର୍ମିତ ଫିଲ୍ମ 'କର୍ଜ' ମଧ୍ୟ ଏହା ଉପରେ ଆଧାରିତ ଥିଲା । ଏହାକୁ ନିର୍ଦ୍ଦେଶକ ଏବଂ କୋରିଓଗ୍ରାଫର୍ ଫରାହ ଖାନ୍ ନିର୍ମାଣ କରିଥିଲେ । ମାତ୍ର ୧୫ ଦିନରେ ସେ ଏହି ଫିଲ୍ମର କାହାଣୀ ଲେଖିଥିବା କହିଥିଲେ । ସେହିପରି 'ଓମ୍ ଶାନ୍ତି ଓମ୍'ର ସ୍କ୍ରିନ୍‌ପ୍ଲେ ଫରାହ ଖାନ୍ – ମୁସ୍ତାକ୍ ଶେଖ୍ ଲେଖିଥିଲେ । ଏହା ଦୀପିକା ପାଦୁକୋନଙ୍କ ପ୍ରଥମ ଡେବ୍ୟୁ ଫିଲ୍ମ ଥିଲା ।



## ସାକ୍ଷାତକାର

# 'ଦମ୍‌ଦାର ଚରିତ୍ରରେ ଅଭିନୟ କରିବାକୁ ଇଚ୍ଛା'

**ରୂପାଲି ମିଶ୍ର, ଅଭିନେତ୍ରୀ**

ସେ ଜଣେ ଓଡ଼ିଶୀ ନୃତ୍ୟଶିଳ୍ପୀ । ନୃତ୍ୟ ଅଙ୍ଗଭଙ୍ଗୀ ମାଧ୍ୟମରେ ଭାବନାକୁ ପ୍ରକାଶ କରୁଥିଲେ । ହେଲେ ପିଲାଟି ଦିନରୁ ଅଭିନେତ୍ରୀ ହେବାକୁ ଦେଖିଥିବା ସ୍ୱପ୍ନକୁ ସେ ପୂରା କରିଛନ୍ତି । ସେ ହେଉଛନ୍ତି ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ବାଲିପାଟଣାର ରୂପାଲି ମିଶ୍ର । ଜଣେ ନୃତ୍ୟଶିଳ୍ପୀ ଓ ଅଭିନେତ୍ରୀ ଭାବେ ରୂପାଲି ବେଶ୍ ପରିଚିତ । ନୃତ୍ୟକଳାରେ ପାରଦର୍ଶିତା ପ୍ରଦର୍ଶନ କରିବା ସହିତ ଟିଭି ଧାରାବାହିକରେ ଅଭିନେତ୍ରୀ ଭାବେ ଖ୍ୟାତି ଅର୍ଜନ କରିଛନ୍ତି । ବର୍ତ୍ତମାନ ସେ 'କେଦାର ଗୌରୀ' ଧାରାବାହିକରେ ଗୌରୀ ଭୂମିକାରେ ଅଭିନୟ କରୁଛନ୍ତି । ଓଡ଼ିଶୀ ନୃତ୍ୟଶିଳ୍ପୀରୁ ସେ କାହିଁକି ଅଭିନେତ୍ରୀ ହେବାକୁ ଆଗ୍ରହ ପ୍ରକାଶ କଲେ ଜାଣିବା ତାଙ୍କରି ମୁହଁରୁ ।

**ଓଡ଼ିଶୀ ନୃତ୍ୟଶିଳ୍ପୀରୁ ନାୟିକା ହେବାକୁ କାହିଁକି ମନ ବଳାଇଲେ?**

● ପିଲାଟି ଦିନରୁ ହିରୋଇନ୍ ହେବାକୁ ଇଚ୍ଛା ଥିଲା । ଓଡ଼ିଶୀ ନୃତ୍ୟ କରୁଥିଲି । ଅନେକ ମଞ୍ଚରେ ମୁଁ ନୃତ୍ୟ ପରିବେଷଣ କରିଛି । ହେଲେ ପରେ ପରେ ହିରୋଇନ୍ ହେବା ଉଦ୍ଦେଶ୍ୟରେ ଏକ ଚ୍ୟାନେଲରେ ଅଡିସନ୍ ଦେଇଥିଲି । ଏଥିରୁ ମନୋନୀତ ହୋଇ ମୁଁ ଷ୍ଟାର୍ କିରଣର 'ଜୀବନ ସାଥି' ଧାରାବାହିକରେ ଅଭିନୟ କରିବା ଆରମ୍ଭ କରିଥିଲି । ଏଥିରେ ମୋତେ ଭଉଣୀ ଚରିତ୍ର ମିଳିଥିଲା । ତା ପରେ 'ତୁ ଖରା ମୁଁ ଛାଇ' ଧାରାବାହିକରେ ମଧ୍ୟ ଭଉଣୀ ଭୂମିକାରେ କାମ କରିଛି । ସୌଭଗ୍ୟବଶତଃ ମୋ ଅଭିନୟ ଉପରେ ଭରସା କରି ମୋତେ 'କେଦାର ଗୌରୀ' ପରି ଏକ ଧାରାବାହିକରେ ମୁଖ୍ୟ ନାୟିକା ଗୌରୀର ଭୂମିକା ମିଳିଛି । ଏହି ଚରିତ୍ର ଜରିଆରେ ଦର୍ଶକଙ୍କ ଭଲ ପାଇବା ପାଉଛି ।

**ମୁଖ୍ୟ ନାୟିକା ଭାବେ କ୍ୟାମେରାକୁ କେମିତି ସାମ୍ନା କଲେ?**

● 'କେଦାର ଗୌରୀ'ର ଗୌରୀ ଚରିତ୍ର ପାଇବା ପରେ ମୋ ଖୁସି କହିଲେ ନସରେ । ହେଲେ ଯେତେବେଳେ କ୍ୟାମେରାକୁ ସାମ୍ନା କରିଲି ସେ ଦୃଶ୍ୟ ଅତି ଭୟଙ୍କର ଥିଲା । ଫାଇଟିଂ ସିନ୍ ଥାଏ ମୁଁ ଖଳନାୟକ କବଳରୁ ଜଣେ ଝିଅକୁ ବଞ୍ଚାଇବାକୁ ଯାଇ ସତରେ ରକ୍ତାକ୍ତ ହୋଇଗଲି । ସବୁଦିନ ପାଇଁ ଦାଗ ରହିଗଲା । ତେଣୁ ଏହି ଅନୁଭୂତି ମୋର ଜୀବନର ସବୁଠୁ ଅଭୁଲା ମୁହୂର୍ତ୍ତ ।

**'କେଦାର ଗୌରୀ' ର ଗୌରୀ ଚରିତ୍ର ପାଇଁ କେତେ କଷ୍ଟ କରୁଛନ୍ତି?**

● 'କେଦାର ଗୌରୀ' ଧାରବାହିକରେ ଭକ୍ତି ଆଉ ଭଲପାଇବା ମଣିଷ ଜୀବନକୁ କେତେ ପରିବର୍ତ୍ତନ କରୁଛି ତାହା ଦେଖିବାକୁ ମିଳିଛି । ଏହା ସହିତ ମଣିଷ ଜୀବନର ସଂଘର୍ଷର କାହାଣୀ ମଧ୍ୟ ରହିଛି । ଏଥିରେ ଗୌରୀ ଭୂମିକାରେ ଅଭିନୟ କରିବାକୁ ମୋତେ ସଂଘର୍ଷ କରିବାକୁ ପଡ଼ିବ ବୋଲି କେବେ ଭାବି ନଥିଲି । ଏଥିରେ ସୁଟିଂ କରୁ କରୁ ସତସତିକା ମୋ ଗୋଡ଼ରେ କାଚ ଫୁଟିଯାଉଛି ତ ଆଉ କେତେବେଳେ ହାତରେ ଦୀପ ଲାଗିଯାଉଛି ।

**ସୁଟିଂ ସେଟ୍‌ରେ ସହ କଳାକାରଙ୍କ ସହ ଆପଣଙ୍କ ସମ୍ପର୍କ କେମିତି?**

● ବହୁତ ଭଲ । 'କେଦାର ଗୌରୀ' ଟିମ୍ ପୂରା ମୋ ପରିବାର ପରି । ଏଥିରେ ମୋ ଭାଇ ପୀୟୂଷ ସହିତ ଅଫ୍‌ସ୍କ୍ରିନ୍‌ରେ ମୋର ସତସତିକା ମାଡ଼ପିଟ ହୁଏ । ଆମେ ସୁଖଦୁଃଖ ସେୟାର କରୁ । କେବଳ ପୀୟୂଷ ନୁହେଁ, ପୁରା ଟିମ୍ ସହିତ ମୋର ଅଫ୍‌ସ୍କ୍ରିନ୍ ଓ ଅନ୍‌ସ୍କ୍ରିନ୍‌ରେ ଭଲ ଜମେ ସୁଟିଂ ନଥିଲେ ।

**ରୂପାଲିଙ୍କ ଫିଟର ରାଜ୍?**

● ମୁଁ ଦିନକୁ ଚାରି ପାଞ୍ଚ ଥର ଖାଏ । ବହୁତ କମ୍ କମ୍ ଖାଏ । ଜିମ୍ ଯାଏନି । ମୋ ଫିଗର୍ ସେମିତି ।

**ମନଛୁଆଁ ଅଭିନୟ କରିବା ପାଇଁ ରୂପାଲି କ'ଣ କରନ୍ତି?**

● ପ୍ରଥମେ ଚରିତ୍ରକୁ ଗଭୀର ଭାବେ ବୁଝିଥାଏ । ଚରିତ୍ରକୁ ଶତ ପ୍ରତିଶତ ଦେବାକୁ ଚେଷ୍ଟା କରେ । ଆଜିବି ସଟ୍ ଦେବା ପୂର୍ବରୁ ଗୋଟିଏ ସଂଳାପକୁ ପାଖାପାଖି ୨୦ ଥର ଦେଖି ଅଭ୍ୟାସ କରେ । ଦର୍ପଣ ସାମ୍ନାରେ ଅଭ୍ୟାସ କରୁଥାଏ । ଏହାଦ୍ୱାରା ମୋର ଅଭିନୟ ମାର୍ଜିତ ହୁଏ । ଏହି ଅଭ୍ୟାସ ସବୁଦିନ ପାଇଁ ଜାରି ରହିବ ।

**ଅଭିନୟ ବ୍ୟତୀତ କ'ଣ କରନ୍ତି?**

● ଯେହେତୁ ମୁଁ ଜଣେ ଓଡ଼ିଶୀ ନୃତ୍ୟଶିଳ୍ପୀ, ତେଣୁ ଅଭିନୟ ବ୍ୟତୀତ ନୃତ୍ୟ କରେ । ରୋଷେଇ କରେ । ବୁଲାବୁଲି କରିବାକୁ ପସନ୍ଦ କରେ ।

**ଆଗାମୀ ଯୋଜନା?**

● ମୋ କାମ ଯଦି ଦର୍ଶକଙ୍କୁ ଭଲ ଲାଗିଥିବ ତେବେ ନିଶ୍ଚୟ ପୁଣି ଏକ ଭଲ ଚରିତ୍ରରେ ଅଭିନୟ କରିବାର ସୁଯୋଗ ମିଳିବ । ବଡ଼ ପରଦାରେ କାମ ମିଳିଲେ ନିଶ୍ଚୟ କରିବି । ଭବିଷ୍ୟତରେ ଓଡ଼ିଶୀ ନୃତ୍ୟ ଓ ଅଭିନୟ ଦୁଇଟିକୁ ନେଇ ଚାଲିବି ।

**ଆପଣଙ୍କ ଡ୍ରିମ୍ ରୋଲ?**

● ମୋର ଭାରି ଇଚ୍ଛା ଗୋଟେ ଦମ୍‌ଦାର ଚରିତ୍ରରେ କାମ କରିବାକୁ । ଯେମିତିକି ଜଣେ ନାୟିକା ରୋମାଣ୍ଟିକ ହୋଇଥିବ । ତା' ଭିତରେ ଭରପୂର ଆଟିଚ୍ୟୁଟ୍ ଥିବ । ଯେତେ ଯାହା ହୋଇଗଲେ ବି ତା ଆଖିରୁ ଲୁହ ଝରୁନଥିବ ।

**ଅଭିନୟ ଜଗତକୁ ଆସୁଥିବା ଯୁବ ପିଢ଼ିଙ୍କୁ କ'ଣ କହିବେ?**

● ବର୍ତ୍ତମାନ ଅଧିକାଂଶ ପିଲା ଏହି ଲାଇନ୍‌କୁ ଆସୁ ଆସୁ ଚରିତ୍ରକୁ ପ୍ରାଧାନ୍ୟ ନ ଦେଇ ମେଣ୍ଟେନ୍ ଆରମ୍ଭ କରୁଛନ୍ତି । ଏହା ଆଦୌ ଠିକ୍ ନୁହେଁ । ପ୍ରଥମେ ଯେଉଁ ଚରିତ୍ର ମିଳୁଛି ତାହାକୁ ଗୁରୁତ୍ୱ ଦିଅନ୍ତୁ । ନିଜ କାମକୁ ଭଲ ପାଆନ୍ତୁ । ଧୈର୍ଯ୍ୟ ରଖି କାମ କରନ୍ତୁ । ଏହା ଦ୍ୱାରା ଦର୍ଶକ ନିଶ୍ଚୟ ଗ୍ରହଣ କରିବେ । ସମ୍ମାନ ଆଉ ଭଲ କାମ ମିଳିବ । ଗୁରୁଜନଙ୍କଠାରୁ ପରାମର୍ଶ ନେଇ ଚାଲନ୍ତୁ ।

# କ୍ରୀଡ଼ା

ସକାଳ
THE SAKALA
www.sakalaepaper.com

## ଟି-୨୦ ବିଶ୍ୱକପ୍ ୱେଷ୍ଟଇଣ୍ଡିଜ୍ ବିପକ୍ଷ ସୁପର ଏଇଟ୍‌ସ ମୁକାବିଲା ଆଜି

# ଭାରତ: ଜିତିଲେ ସେମିଫାଇନାଲ୍, ହାରିଲେ ବିଦା




କୋଲକାତା,୨୮ ।୨(ଏଜେନ୍ସି)

ଡିଫେଣ୍ଡିଂ ଚାମ୍ପିଅନ ଭାରତ ଓ ଦୁଇଥରର ଟାଇଟଲ ବିଜେତା ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଆସନ୍ତାକାଲି ସ୍ଥାନୀୟ ଇଡେନ ଗାର୍ଡେନ୍ସରେ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍‌ର ଶେଷ ସୁପର ଏଇଟ୍‌ସ ମୁକାବିଲା ଖେଳାଯିବ। ଏହି ମୁକାବିଲାଟି କ୍ୱାର୍ଟରଫାଇନାଲ ସଦୃଶ। ଉଭୟ ଦଳ ଏହା ପୂର୍ବରୁ ଗୋଟିଏ ଲେଖାଏଁ ମ୍ୟାଚ୍‌ରେ ବିଜୟୀ ହୋଇ ସମାନ ପଏଣ୍ଟ ପାଇଛନ୍ତି। ଏଣୁ ଇଡେନ୍ ଗାର୍ଡେନ୍ସରେ ଯେଉଁ ଦଳ ବିଜୟୀ ହେବ ସେହିଦଳ ଦକ୍ଷିଣ ଆଫ୍ରିକା ସହ ସେମିଫାଇନାଲକୁ ଉନ୍ନୀତ ହେବ। ସେହିପରି ଏହି ମ୍ୟାଚ୍‌ର ବିଜେତା ଯିଏ ହେଉନା କାହିଁକି, ସେହି ଦଳ ମୁମ୍ବଇରେ ଇଂଲଣ୍ଡ ସହ ମାର୍ଚ୍ଚ ୫ ତାରିଖରେ ଦ୍ୱିତୀୟ ସେମିଫାଇନାଲ ଖେଳିବ। ଏହି ସମୀକରଣରୁ ସ୍ପଷ୍ଟ ଯେ, ଭାରତ ଯଦି ଏହି ମ୍ୟାଚ୍‌ରେ ବିଜୟୀ ହୁଏ, ତେବେ ସିଧାସଳଖ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ। କିନ୍ତୁ ହାରିଗଲେ ଦଳ ସୁପର ଏଇଟସରୁ ବିଦା ହେବ। ଏହା ମଧ୍ୟରେ ତୃତୀୟ ଫଳାଫଳ ମଧ୍ୟ ରହିଛି। ତାହା ହେଉଛି ମ୍ୟାଚ୍ ବାତିଲ ହେଲେ କ'ଣ ହେବ? ଏହାର ଉତ୍ତର ଜାଣିବାକୁ ହେଲେ ଆମକୁ ସୁପର-ଏଇଟ୍‌ସ ଗ୍ରୁପ୍-୧ ପଏଣ୍ଟ ଟେବଲକୁ ଯିବାକୁ ହେବ। ଦ୍ୱିତୀୟ ରାଉଣ୍ଡ ପରେ ଦକ୍ଷିଣ ଆଫ୍ରିକା ୨ଟି ଯାକ ମ୍ୟାଚ୍ ଜିତି ପଏଣ୍ଟ ଟେବଲର ପ୍ରଥମ ସ୍ଥାନରେ ରହିଛି। ତାହା ପଛକୁ ଗୋଟିଏ ଲେଖାଏଁ ମ୍ୟାଚ୍ ଜିତି ୱେଷ୍ଟଇଣ୍ଡିଜ୍ ଓ ଭାରତ ସମାନ ୨ ପଏଣ୍ଟ ଲେଖାଏଁ ସଂଗ୍ରହ କରିଛନ୍ତି। କିନ୍ତୁ ନେଟ ରନ୍‌ରେଟ୍‌ରେ ୱେଷ୍ଟଇଣ୍ଡିଜ୍ ଆଗୁଆ ଥିବାରୁ ପଏଣ୍ଟ ଟେବଲରେ ଦ୍ୱିତୀୟ ଓ ଭାରତ ତୃତୀୟ ସ୍ଥାନରେ ରହିଛି। ଆସନ୍ତାକାଲି ଏହି ଦୁଇ ଦଳ ମଧ୍ୟରେ ଯଦି ବର୍ଷା କିମ୍ବା ଅନ୍ୟ କୌଣସି କାରଣରୁ ମ୍ୟାଚ୍ ବାତିଲ ହୁଏ, ତେବେ ୱେଷ୍ଟଇଣ୍ଡିଜ୍ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ। ପଏଣ୍ଟ ଟେବଲରେ ୱେଷ୍ଟଇଣ୍ଡିଜ୍‌ର ନେଟ୍‌ରନ୍ +୧.୭୯୧। କିନ୍ତୁ ଭାରତର ନେଟ୍ ରନ୍ ହେଉଛି -୦.୧୦୦। ଏଣୁ ମ୍ୟାଚ୍‌ଟି ଯଦି କୌଣସି କାରଣରୁ ବାତିଲ ହୁଏ, ତେବେ ଉଭୟ ଦଳକୁ ସମାନ ୩ ପଏଣ୍ଟ ଲେଖାଏଁ ମିଳିବ। ଯାହା ଫଳରେ ୱେଷ୍ଟଇଣ୍ଡିଜ୍‌ର ନେଟରନ୍ ଅଧିକ ଥିବାରୁ ସେହି ଦଳ ସେମିଫାଇନାଲ ଖେଳିବାକୁ ଯୋଗ୍ୟ ବିବେଚିତ ହେବ।

ଟି-୨୦ କ୍ରିକେଟରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଭାରତର ରେକର୍ଡ ଭଲ ରହିଛି। ଏହି ଦୁଇ ଦଳ ମଧ୍ୟରେ ଏଯାଏ ୩୦ଟି ମ୍ୟାଚ୍ ଖେଳାଯାଇଛି ଏହା ମଧ୍ୟରୁ ଭାରତ ୧୯ଟିରେ ବିଜୟୀ ହୋଇଥିଲାବେଳେ ୱେଷ୍ଟଇଣ୍ଡିଜ୍ ୧୦ଟି ମ୍ୟାଚ୍ ଜିତିଛି। ଗୋଟିଏ ମୁକାବିଲା ବାତିଲ ହୋଇଛି। ସେହିପରି ଭାରତରେ ଉଭୟଙ୍କ ମଧ୍ୟରେ ୧୩ଟି ମ୍ୟାଚ୍ ଖେଳାଯାଇଥିଲାବେଳେ ଭାରତ ୮ଟିରେ ଜିତିଛି ଓ ୫ଟିରେ ହାରିଛି। ନିରପେକ୍ଷ କେନ୍ଦ୍ରରେ ୯ଟି ମୁକାବିଲାରୁ ଭାରତ ୬ଟିରେ ଜିତିଛି ଓ ୩ଟିରେ ହାରିଛି। କିନ୍ତୁ ଉଭୟ ଦଳ ମଧ୍ୟରେ ଯେତେଥର ଟି-୨୦ ମୁକାବିଲା ହୋଇଛି ସେତେଥର ପ୍ରତିଦ୍ୱନ୍ଦ୍ୱିତାମୂଳକ ଖେଳ ହୋଇଛି। ଏଣୁ ଆସନ୍ତାକାଲିର ମୁକାବିଲାରେ ଯେଉଁ ଦଳ ଜିତୁ ନା କାହିଁକି ମ୍ୟାଚ୍‌ଟି ବେଶ ପ୍ରତିଦ୍ୱନ୍ଦ୍ୱିତାମୂଳକ ହେବ ବୋଲି ଆଶା କରାଯାଉଛି।

### ଗ୍ରୁପ-୧ ପଏଣ୍ଟ ଟେବୁଲ

| ଟିମ୍ | ମ୍ୟା. | ବି. | ପ. | ପଏଣ୍ଟ | ନେଟ୍‌ରନ୍ |
|---|---|---|---|---|---|
| ଦ.ଆଫ୍ରିକା | ୨ | ୨ | ୦ | ୪ | +୨.୮୯୦ |
| ୱେଷ୍ଟଇଣ୍ଡିଜ୍ | ୨ | ୧ | ୧ | ୨ | +୧.୭୯୧ |
| ଭାରତ | ୨ | ୧ | ୧ | ୨ | -୦.୧୦୦ |
| ଜିମ୍ବାୱେ | ୨ | ୦ | ୨ | ୦ | -୪.୪୭୫ |

ବିଦ୍ର: ମ୍ୟା-ମ୍ୟାଚ୍, ବି-ବିଜୟ, ପ-ପରାଜୟ।

### ଆଜିର ସୁପର ଏଇଟ୍‌ସ ମ୍ୟାଚ୍

| ପ୍ରତିଦ୍ୱନ୍ଦ୍ୱୀ | ସମୟ | ସ୍ଥାନ |
|---|---|---|
| ଦ.ଆଫ୍ରିକା- ଜିମ୍ବାୱେ | ଦିନ ୩ଟା | ପାଲେକେଲେ |
| ଭାରତ-ୱେଷ୍ଟଇଣ୍ଡିଜ୍ | ରାତି ୭ଟା | କୋଲକାତା |

ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

# ଜିତି ବିଦା ହେଲା ପାକିସ୍ତାନ, ସେମିରେ ନ୍ୟୁଜିଲାଣ୍ଡ




ପାଲେକେଲେ,୨୮ ।୨(ଏଜେନ୍ସି): ଚଳିତ ଟି-୨୦ ବିଶ୍ୱକପ୍‌ର ଆଜି ଅନୁଷ୍ଠିତ ଗ୍ରୁପ୍-୨ ସୁପର ଏଇଟ୍‌ସର ଶେଷ ମ୍ୟାଚ୍‌ରେ ପାକିସ୍ତାନ ୫ ରନ୍‌ରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। କିନ୍ତୁ ଏହି ବିଜୟ ସତ୍ତ୍ୱେ ପାକିସ୍ତାନ ବିଶ୍ୱକପ୍‌ରୁ ବିଦାୟ ନେଇଛି। ପାକିସ୍ତାନ ଲାଗି ନ୍ୟୁଜିଲାଣ୍ଡ (୩ ପଏଣ୍ଟ, +୧.୩୯୦)ର ପଏଣ୍ଟ ସହ ସମାନ ହେବା ଲାଗି ମ୍ୟାଚ୍ ଜିତିବା ଓ ଉନ୍ନତ ରନ୍ ରେଟ ଲାଗି ଶ୍ରୀଲଙ୍କାକୁ ୧୪୭ ରନ୍‌ରେ ଅଟକାଇବା ଆବଶ୍ୟକତା ଥିଲା। କିନ୍ତୁ ୨୧୩ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଶ୍ରୀଲଙ୍କା ୧୪୭ ରନ୍ ଅତିକ୍ରମ କରିବା ପରେ ପାକିସ୍ତାନ (୩ପଏଣ୍ଟ, -୦.୧୨୩)ର ସେମିଫାଇନାଲ ଖେଳିବା ଆଶା ଧୂଳିସାତ ହୋଇଯାଇଥିଲା। ଫଳରେ ଗ୍ରୁପ୍-୨ରୁ ଇଂଲଣ୍ଡ ପ୍ରଥମ ଦଳ ଓ ଉନ୍ନତ ନେଟ୍ ରନ୍‌ରେଟ୍‌ରେ ନ୍ୟୁଜିଲାଣ୍ଡ ଦ୍ୱିତୀୟ ଦଳ ଭାବେ ସେମିରେ ପ୍ରବେଶ କରିଛନ୍ତି। ଗ୍ରୁପ୍-୧'ରୁ ଦକ୍ଷିଣଆଫ୍ରିକା ପ୍ରଥମ ଦଳ ଭାବେ ସେମିରେ ପ୍ରବେଶ କରିଛି। କୋଲକାତାରେ ୱେଷ୍ଟଇଣ୍ଡିଜ୍ ଓ ଭାରତ ମଧ୍ୟରେ ଆସନ୍ତାକାଲି ହେବାକୁ ଥିବା ମ୍ୟାଚ୍‌ର ବିଜେତା ଚତୁର୍ଥ ଦଳ ଭାବେ ସେମିରେ ଖେଳିବ। ଫଳରେ କୋଲକାତାରେ ମାର୍ଚ୍ଚ ୪ରେ ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲରେ ଦକ୍ଷିଣ ଆଫ୍ରିକା ସହ ନ୍ୟୁଜିଲାଣ୍ଡର ଓ ମୁମ୍ବଇରେ ମାର୍ଚ୍ଚ ୫ରେ ଖେଳାଯିବାକୁ ଥିବା ଦ୍ୱିତୀୟ ସେମିରେ ଇଂଲଣ୍ଡ ସହ ୱେଷ୍ଟଇଣ୍ଡିଜ୍ କିମ୍ବା ଭାରତ ସହ ମୁକାବିଲା ହେବ। ମାର୍ଚ୍ଚ ୮ ତାରିଖ ଅହମ୍ମଦାବାଦ୍‌ରେ ଫାଇନାଲ ମ୍ୟାଚ୍ ଖେଳାଯିବ। କଲମ୍ବୋରେ ମ୍ୟାଚ୍ ଶେଷ ହୋଇଯାଇଛି।

### ଫରହାନ୍‌ଙ୍କ ଶତକ ଇଜ୍ଜତ ବଞ୍ଚାଇଲେ ସାହିନ୍

ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ଶ୍ରେଷ୍ଠ ଖେଳାଳି ବିବେଚିତ ସାହିବଜାଦା ଫରହାନଙ୍କ ୧୦୦ ରନ୍ ଓ ପ୍ରଥମ ୱିକେଟରେ ଫକର ଜମାନ (୪୨ବଲ୍‌ରେ ୮୪)ଙ୍କ ସହ ୧୭୬ ରନ୍ ମିଳିବା ପରେ ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ୮ ୱିକେଟରେ ୨୧୨ ରନ୍ କରିଥିଲା। ଜବାବରେ ପବନ ରତନାୟକେ (୩୭ ବଲ୍‌ରେ ୫୮ ରନ୍) ଓ ଦାସୁନ ଶାନକା (୩୧ ବଲ୍‌ରେ ୭୬ ରନ୍)ଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ଶ୍ରୀଲଙ୍କା ୬ ୱିକେଟରେ ୨୦୭ ରନ କରି ବିଜୟ ଲକ୍ଷ୍ୟଠାରୁ ୫ ରନ୍ ଦୂରରେ ରହିଯାଇଥିଲା। ଶାନକାଙ୍କ ସାହସିକ ବ୍ୟାଟିଂ ବଳରେ ଶ୍ରୀଲଙ୍କାକୁ ଶେଷ ଓଭରରେ ମ୍ୟାଚ୍ ଜିତିବାକୁ ୨୮ ରନ୍‌ର ଆବଶ୍ୟକତା ଥିଲା। ସାହିନ୍ ଆଫ୍ରିଦୀ ବୋଲିଂ କରିଥିବା ଏହି ଓଭରର ପ୍ରଥମ ବଲ୍‌ରେ ଚୌକା ଓ ପରେ ହ୍ୟାଟ୍ରିକ୍ ଛକା ସହ ୨୨ ରନ୍ ଉଠାଇ ଶାନକା ଶ୍ରୀଲଙ୍କାକୁ ବିଜୟର ଦ୍ୱାର ଦେଶରେ ପହଞ୍ଚାଇ ଦେଇଥିଲେ। ଶେଷ ଦୁଇ ବଲ୍‌ରେ ଶ୍ରୀଲଙ୍କାକୁ ମ୍ୟାଚ୍ ଜିତିବା ଲାଗି ୬ ରନ୍ ଦରକାର ଥିଲା। କିନ୍ତୁ ସାହିନଙ୍କ ଚମତ୍କାର ବୋଲିଂରେ ଶାନକା ବଲକୁ ଛୁଇଁପାରି ନ ଥିଲେ। ଫଳରେ ଶ୍ରୀଲଙ୍କା ଏହି ମ୍ୟାଚ୍‌କୁ ୫ ରନ୍‌ରେ ହାରିଯାଇଥିଲା। ସୁପର ଏଇଟ୍‌ରେ ପାକିସ୍ତାନ ବିଜୟ ହାସଲ କରିଛି ସତ, କିନ୍ତୁ ଏହି ଠାରୁ ଘରକୁ ଫେରିଛି। ପାକିସ୍ତାନ ବିଦା ହେବା ପରେ କୋଲକାତାରେ ପ୍ରଥମ ସେମିଫାଇନାଲ ଓ ଅହମ୍ମଦାବାଦ୍‌ରେ ଫାଇନାଲ ମ୍ୟାଚ୍ ଆୟୋଜନ ହେବା ସ୍ପଷ୍ଟ ହୋଇଛି। ପାକିସ୍ତାନ ସେମିଫାଇନାଲ ଓ ଫାଇନାଲରେ ପ୍ରବେଶ କରିଥିଲେ ଏହି ମ୍ୟାଚ୍ ଦୁଇଟି କଲମ୍ବୋ ସ୍ଥାନାନ୍ତରିତ ହୋଇଥାନ୍ତା। ଏହି ମ୍ୟାଚ୍‌ର ସଫଳ ଆୟୋଜନ ସହ ଶ୍ରୀଲଙ୍କାର ସମସ୍ତ ପ୍ରକାର ଚେଷ୍ଟା ସଫଳ ହୋଇଛି।

## ଜାତୀୟ ସିନିଅର ମହିଳା ଦିନିକିଆ ଟ୍ରଫି ଜିତିଲା ଦିଲ୍ଲୀ

ମୋହାଲି, ୨୮ ।୨ (ଏଜେନ୍ସି): ବିସିସିଆଇ ଆନୁକୂଲ୍ୟରେ ଚାଲିଥିବା ଜାତୀୟ ସିନିଅର ମହିଳା ଦିନିକିଆ ଟ୍ରଫି (ଏଲିଟ୍)ରେ ଦିଲ୍ଲୀ ଚାମ୍ପିଅନ ହୋଇଛି। ଶନିବାର ସ୍ଥାନୀୟ ଆଇଏସ ବିନ୍ଦ୍ରା ଷ୍ଟାଡିୟମରେ ଅନୁଷ୍ଠିତ ଫାଇନାଲ ମୁକାବିଲାରେ ଦିଲ୍ଲୀ ୭ ୱିକେଟରେ ରେଳବାଇକୁ ପରାସ୍ତ କରିଥିଲା। ଦିଲ୍ଲୀ ମହିଳା ଦଳର ଏହା ଦ୍ୱିତୀୟ ଟାଇଟଲ୍। ଏକତା ବିଷ୍ଟଙ୍କ ନେତୃତ୍ୱାଧୀନ ରେଳବାଇ ଫାଇନାଲରେ ପ୍ରଥମେ ବ୍ୟାଟିଂ କରି ୪୪.୨ ଓଭରରେ ୧୩୩ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଜବାବରେ ଦିଲ୍ଲୀ ଓପନର୍ ପ୍ରିୟା ପୁନିଆ (୭୬ ରନ)ଙ୍କ ଅର୍ଦ୍ଧଶତକ ବଳରେ ୨୮.୩ ଓଭରରେ ୩ ୱିକେଟ୍ ହରାଇ ବିଜୟ ଲାଭ କରିଥିଲା। ଅନ୍ୟତମ ଓପନର୍ ପ୍ରଜ୍ଞା ରାୱତ (୪୬ ରନ)ଙ୍କ ସହ ମିଶି ପ୍ରିୟା ଓପନିଂ ଯୋଡ଼ିରେ ୧୨୨ ରନ ଯୋଡ଼ି ବିଜୟ ପକ୍କା କରିଥିଲେ।

## ମେଡଭେଡେଭଙ୍କୁ ଦୁବାଇ ଓପନ୍ ଟାଇଟଲ୍

ଦୁବାଇ, ୨୮ ।୨ (ଏଜେନ୍ସି): ତୃତୀୟ ସିଡ୍ ରୁଷିଆର ଡାନିଲ ମେଡଭେଡେଭ ଏଠାରେ ଅନୁଷ୍ଠିତ ଦୁବାଇ ଟେନିସ ଚାମ୍ପିଅନସିପ୍‌ରେ ଚାମ୍ପିଅନ ହୋଇଛନ୍ତି। ଫାଇନାଲରେ ମେଡଭେଡେଭଙ୍କ ମୁକାବିଲା ନେଦରଲାଣ୍ଡସର ଟାଲୋନ ଗ୍ରିଏକସ୍ପୋରଙ୍କ ସହ ହେବାର ଥିଲା। ତେବେ ୨୯ ବର୍ଷୀୟ ଟାଲୋନ ଆହତ ଲାଗି ଫାଇନାଲରୁ ଓହରିଯାଇଥିଲେ। ଫଳରେ ମେଡଭେଡେଭଙ୍କୁ ବିଜୟୀ ଘୋଷିତ କରାଯାଇଥିଲା। ମେଡଭେଡେଭଙ୍କ ଏହା ୨ ଦୁବାଇ ଓପନ ଟ୍ରଫି।

■ କଳାହାଣ୍ଡି କପ୍ କ୍ରିକେଟ

## ଗଞ୍ଜାମକୁ ହରାଇଲା ଝାରସୁଗୁଡ଼ା

ଭୁବନେଶ୍ୱର, ୨୮ ।୨ (ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା କଳାହାଣ୍ଡି କପ୍‌ରେ ଶନିବାର ଗୋଟିଏ ମ୍ୟାଚ୍ ଖେଳାଯାଇଥିଲା। ରେଭେନସା ଗ୍ରାଉଣ୍ଡ-୧ରେ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟର ଏହି ୫୩ତମ ମ୍ୟାଚରେ ଝାରସୁଗୁଡ଼ା ୩ ୱିକେଟରେ ଗଞ୍ଜାମକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଗଞ୍ଜାମ ୫୦ ଓଭରରେ ୮ ୱିକେଟରେ ୨୧୮ ରନ ସଂଗ୍ରହ କରିଥିଲା। ସନ୍ତୋଷ ପାତ୍ର (୮୪) ଓ ଇଶ୍ୱର ପ୍ରସାଦ (୫୨) ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ବୋଲିଂରେ ଝାରସୁଗୁଡ଼ାର ଆର୍ଯ୍ୟନ ତିୱାରୀ ଶ୍ରେଷ୍ଠ ପ୍ରଦର୍ଶନ କରି ୫ଟି ୱିକେଟ୍ ନେଇଥିଲେ। ଜବାବରେ ଝାରସୁଗୁଡ଼ା ୪୭.୧ ଓଭରରେ ୭ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ଅର୍ନବ ମାହେନ୍ଦ୍ରେ ୭୯ ଓ ସଚିନ ଶ୍ରେଷ୍ଠ ୫୯ ରନ କରିଥିଲେ। ଆର୍ଯ୍ୟନ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଶନିବାର ବିଶ୍ରାମ ଦିବସ ଥିଲା। କିନ୍ତୁ ଏହି ମ୍ୟାଚଟି ପୂର୍ବରୁ ଅନୁଷ୍ଠିତ ହୋଇପାରି ନ ଥିବାରୁ ଆଜି ଖେଳାଯାଇଥିଲା।


ଆର୍ଯ୍ୟନ ତିୱାରୀ

## ମହେନ୍ଦ୍ର ସିଂ ଧୋନିଙ୍କୁ ନୋଟିସ



ରାଞ୍ଚି, ୨୮ ।୨ (ଏଜେନ୍ସି): ରାଞ୍ଚିର ଆବାସିକ ଜମିର ଅପବ୍ୟବହାର ମାମଲାରେ ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନିଙ୍କ ବିରୋଧରେ ଏକ ନୋଟିସ ଜାରି କରାଯାଇଛି। ଝାଡ଼ଖଣ୍ଡ ରାଜ୍ୟ ଗୃହ ବୋର୍ଡ ପକ୍ଷରୁ ଧୋନିଙ୍କୁ ଏହି ନୋଟିସ ଜାରି କରାଯାଇଥିବା ଜଣାପଡ଼ିଛି। ନୋଟିସରେ ଅଭିଯୋଗ କରାଯାଇଛି ଯେ ହାଉସିଂ ବୋର୍ଡ ଦ୍ୱାରା ଆବଣ୍ଟିତ ଜମିକୁ ନିୟମ ବିରୋଧରେ ଯାଇ ଧୋନି ତାହାକୁ ବାଣିଜ୍ୟିକ ଉଦ୍ଦେଶ୍ୟରେ ବ୍ୟବହାର କରିଛନ୍ତି। ଏହି ଜମି କେବଳ ତାଙ୍କୁ ଆବାସିକ ଉଦ୍ଦେଶ୍ୟରେ ଆବଣ୍ଟିତ କରାଯାଇଥିଲା। ନିୟମ ଉଲ୍ଲଂଘନ କରି ବର୍ତ୍ତମାନ ଉକ୍ତ ଜମିରେ ଏକ ପାଥୋଲୋଜି ଲ୍ୟାବ ଚାଲିଛି। ଝାଡ଼ଖଣ୍ଡ ରାଜ୍ୟ ଗୃହ ବୋର୍ଡ ପୂର୍ବରୁ ଏହି ମାମଲାରେ ମଧ୍ୟ ଧୋନିଙ୍କୁ ଏକ ନୋଟିସ କରିଥିଲା। ଉଭୟ ମାମଲାରେ ତଦନ୍ତ ଚାଲିଛି। ଯାଞ୍ଚ ଆଧାରରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗର ଅଧିକାରୀମାନେ କହିଛନ୍ତି।

## ଆଇଏସ୍ଏଲ୍: ଆଜି କଳିଙ୍ଗରେ ଚେନ୍ନାଇନ ସହ ଲଢ଼େଇ

# ପ୍ରଥମ ବିଜୟ ଲକ୍ଷ୍ୟରେ ଓଡ଼ିଶା ଏଫ୍‌ସି

ଭୁବନେଶ୍ୱର, ୨୮ ।୨ (ସମିସ): ଚଳିତ ଇଣ୍ଡିଆନ୍ ସୁପର୍ ଲିଗ୍ (ଆଇଏସଏଲ୍)ର ଦ୍ୱାଦଶ ସଂସ୍କରଣରେ ଏକ ମ୍ୟାଚରେ ରବିବାର ଘରୋଇ ଓଡ଼ିଶା ଏଫ୍‌ସି ଓ ଚେନ୍ନାଇନ ଏଫ୍‌ସି ସାମ୍ନାସାମ୍ନି ହେବେ। ସ୍ଥାନୀୟ ଆଇକନିକ କଳିଙ୍ଗ ଷ୍ଟାଡିୟମରେ ସନ୍ଧ୍ୟା ୫ଟାରେ ଏହି ମ୍ୟାଚ୍ ଖେଳାଯିବ। ଏହି ମୁକାବିଲାକୁ ଜିତି ଓଡ଼ିଶା ଏଫ୍‌ସି ସିଜନର ପ୍ରଥମ ବିଜୟ ପଏଣ୍ଟ ହାତେଇବା ଲକ୍ଷ୍ୟରେ ରହିଛି। ଭୁବନେଶ୍ୱରଭିତ୍ତିକ ଦଳ ଓଡ଼ିଶା ଏଫ୍‌ସି ସିଜନର ପ୍ରଥମ ମ୍ୟାଚରେ ଇଣ୍ଟର କାଶୀ ବିପକ୍ଷରେ ମ୍ୟାଚ୍ ଗୋଲଶୂନ୍ୟ ଭାବେ ଅମୀମାଂସିତ ରଖିଥିଲା। ଏକ ପଏଣ୍ଟ ସହ ଓଡ଼ିଶା ବର୍ତ୍ତମାନ ୧୪ ଦଳୀୟ ଟେବଲ ତାଲିକାର ୯ମ ସ୍ଥାନରେ ରହିଛି। 'ଖେଳାଳିମାନେ ଏକତ୍ରିତ ହେବାର ମାତ୍ର ୩ ଦିନ ପରେ ଆମେ ଇଣ୍ଟର କାଶୀ ବିପକ୍ଷରେ ପଡ଼ିଆକୁ ଓହ୍ଲାଇ ଭଲ ପ୍ରଦର୍ଶନ କରିଥିଲୁ। ଚେନ୍ନାଇନ ବିପକ୍ଷରେ ମଧ୍ୟ ଆହୁରି ଉନ୍ନତ ପ୍ରଦର୍ଶନ କରିବୁ ବୋଲି ଓଡ଼ିଶା ଏଫ୍‌ସିର ଅଧିନାୟକ ଅମରିନ୍ଦର ସିଂହ କହିଛନ୍ତି। ଚେନ୍ନାଇନ ପ୍ରଥମ ୨ଟି ମ୍ୟାଚ୍ ହାରି ବର୍ତ୍ତମାନ ସୁଦ୍ଧା ପଏଣ୍ଟ ଖାତା ଖୋଲିପାରିନି। ତେଣୁ ଚେନ୍ନାଇନ ମଧ୍ୟ କଳିଙ୍ଗରେ ପ୍ରଥମ ପଏଣ୍ଟ ହାତେଇବା ଲକ୍ଷ୍ୟରେ ରହିଛି।

# ରାଜ୍ୟ ରାପିଡ୍ ଓ ବ୍ଲିଜ୍ ଚେସ୍ ଉଦ୍‌ଘାଟିତ




ଭୁବନେଶ୍ୱର,୨୮ ।୨(ସମିସ): କଟକର ଟ୍ରିପଲ 'ସି' ଚେସ୍ କ୍ଲବ୍ ଆନୁକୂଲ୍ୟରେ ରାଜ୍ୟ ରାପିଡ୍ ଓ ବ୍ଲିଜ୍ ଚେସ୍ ଚାମ୍ପିଅନସିପ୍ ଫୁଲନଖରାସ୍ଥିତ ସିନର୍ଜି କଲେଜ୍ ପରିସରରେ ଆଜିଠାରୁ ଆରମ୍ଭ ହୋଇଛି। କ୍ଲବ୍‌ର ସଭାପତି ବିଶ୍ୱଜିତ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ସିନର୍ଜି ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ଅଧ୍ୟକ୍ଷ ଡକ୍ଟର ଅଶ୍ୱିନୀ କୁମାର ମହାନ୍ତ ମୁଖ୍ୟ ଅତିଥି ଓ ସିନର୍ଜି ପଲିଟେକ୍ନିକ୍‌ର ପ୍ରିନ୍ସିପାଲ ଡକ୍ଟର ଧରଣୀଧର ସାହୁ, ଏଓସିଏ ସମ୍ପାଦକ ଦେବବ୍ରତ ଭଞ୍ଜ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଟୁର୍ଣ୍ଣାମେଣ୍ଟକୁ ଅନ୍ତର୍ଜାତୀୟ ଆର୍ବିଟର ସୁରେଶ ସାହୁଙ୍କ ନେତୃତ୍ୱରେ ଅନ୍ତର୍ଜାତୀୟ ଆର୍ବିଟର ତାପସ କୁମାର ମହାନ୍ତି, ଫିଡେ ଆର୍ବିଟର ଅଭିଷେକ ଆଚାର୍ଯ୍ୟ ଓ ସୁରଜ ମହାରଣା ପରିଚାଳନା କରୁଛନ୍ତି। ଆସନ୍ତାକାଲିଠାରୁ ଏହି ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ ବୋଲି କ୍ଲବ୍‌ର ସମ୍ପାଦକ ବିରଞ୍ଚି ନାରାୟଣ ସାହୁ ସୂଚନା ଦେଇଛନ୍ତି।

# ଜମ୍ମୁ-କଶ୍ମୀରକୁ ଐତିହାସିକ ରଣଜୀ ଟ୍ରଫି ଟାଇଟଲ୍

## ମାଟି କାମୁଡ଼ିଲା ୮ ଥରର ଚାମ୍ପିଅନ କର୍ଣ୍ଣାଟକ

## ପୁନିନ୍ଦର ଫାଇନାଲର; ନବି ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ



ବେଙ୍ଗାଲୁରୁ, ୨୮ ।୨ (ଏଜେନ୍ସି)

ଭାରତୀୟ ଘରୋଇ କ୍ରିକେଟ୍ ଇତିହାସରେ ଶନିବାର ନୂଆ ଅଧ୍ୟାୟ ଯୋଡ଼ି ହୋଇଛି। ୬୭ ବର୍ଷ ପ୍ରତୀକ୍ଷାର ଅନ୍ତ ଘଟାଇ ଉତ୍ତରାଞ୍ଚଳ ରାଜ୍ୟ ଜମ୍ମୁ-କଶ୍ମୀର ପ୍ରଥମଥର ଲାଗି ରଣଜୀ ଟ୍ରଫି ଟାଇଟଲ୍ ଜିତିଛି। ଆଠଥରର ଚାମ୍ପିଅନ ଘରୋଇ କର୍ଣ୍ଣାଟକ ବିପକ୍ଷରେ ହୁବଲୀ ଗ୍ରାଉଣ୍ଡରେ ଚାଲିଥିବା ୯୧ତମ ରଣଜୀ ଟ୍ରଫି ଫାଇନାଲରେ ପ୍ରଥମ ପାଳି ଅଗ୍ରଣୀଭିତ୍ତିରେ ଜମ୍ମୁକୁ ବିଜୟୀ ଘୋଷିତ କରାଯାଇଥିଲା। ଏଥିସହ ପାରସ ଡୋଗ୍ରାଙ୍କ ନେତୃତ୍ୱାଧୀନ ଜମ୍ମୁ ଖେଳାଳିମାନେ ପଡ଼ିଆ ମଧ୍ୟରେ ଉତ୍ସବ ମନାଇବା ଆରମ୍ଭ କରିଦେଇଥିଲେ। ୧୯୫୯-୬୦ ସିଜନରେ ଜମ୍ମୁ ରଣଜୀ ଟ୍ରଫିରେ ପଦାର୍ପଣ କରିଥିଲା। କିନ୍ତୁ ୬୭ ବର୍ଷ ପରେ ପ୍ରଥମଥର ଫାଇନାଲ ଖେଳିବା ସହ ପ୍ରଥମ ପ୍ରୟାସରେ ଟ୍ରଫି ଜିତିବାର ସୌଭାଗ୍ୟ ଲାଭ କରିଛି। ଚାମ୍ପିଅନ ପଥରେ ଜମ୍ମୁ ୪୨ଥରର ବିଜେତା ମୁମ୍ବଇ (ଗ୍ରୁପ୍ ପର୍ଯ୍ୟାୟ), ୨ଥରର ବିଜେତା ମଧ୍ୟପ୍ରଦେଶ (୫୬ ରନ)କୁ କ୍ୱାର୍ଟରରେ ଓ ବେଙ୍ଗଲ (୬ ୱିକେଟ) ସେମିଫାଇନାଲରେ ଏବଂ ୮ ଥରର ଚାମ୍ପିଅନ କର୍ଣ୍ଣାଟକକୁ ଫାଇନାଲରେ ମାତ୍ ଦେଇଥିଲା।

ଜମ୍ମୁର ପ୍ରଥମ ପାଳି ସ୍କୋର ୫୮୪ ରନ ଜବାବରେ ମୟଙ୍କ ଅଗରୱାଲଙ୍କ କର୍ଣ୍ଣାଟକ ଦଳ ୨୯୩ ରନରେ ସୀମିତ ରହିଥିଲା। ୨୯୧ ରନରେ ଅଗ୍ରଣୀ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଜମ୍ମୁ ଗତକାଲିର ଅସମାପ୍ତ ସ୍କୋର ୧୮୬/୪ରୁ ଶନିବାର ଅନ୍ତିମ ତଥା ୫ମ ଦିବସ ଖେଳ ଆରମ୍ଭ କରିଥିଲା। ପୂର୍ବଦିନର ଦୁଇ ଅପରାଜିତ ବ୍ୟାଟର କ୍ୱାମରନ ଇକବାଲ (୧୬୦) ଓ ସାହିଲ ଲୋତ୍ରା (୧୦୧) ଶନିବାର ଧୈର୍ଯ୍ୟର ସହ ଖେଳି ଶତକ ପୂରଣ କରିଥିଲେ। ଏପରିକି କର୍ଣ୍ଣାଟକ ବୋଲରମାନେ ଶନିବାର ୫୬ ଓଭର ବୋଲିଂ କରିଥିଲେ ମଧ୍ୟ ଏହି ଯୋଡ଼ିକୁ ଭାଙ୍ଗିପାରି ନ ଥିଲେ। ଫଳରେ ଦ୍ୱିତୀୟ ସେସନ ଶେଷବେଳକୁ ଜମ୍ମୁ ୪ ୱିକେଟରେ ୩୪୨ ରନ ସଂଗ୍ରହ କରିବା ସହ ମୋଟ୍ ଉପରେ ମୋଟ୍ ଉପରେ ୬୪୩ ରନରେ ଅଗ୍ରଣୀ ରହିଥିଲା। ମ୍ୟାଚର ଫଳାଫଳ ନ ବାହାରିବା ସ୍ପଷ୍ଟ ହେବା ପରେ ଦୁଇ ଦଳର ଅଧିନାୟକଙ୍କ ସହମତିରେ ଅମ୍ପାୟର ମ୍ୟାଚକୁ ଡ୍ର ରଖିଥିଲେ। ଫଳରେ ପ୍ରଥମ ପାଳି ଅଗ୍ରଣୀଭିତ୍ତିରେ ଜମ୍ମୁ ଚାମ୍ପିଅନ ହୋଇଥିଲା। ପ୍ରଥମ ପାଳିରେ ୧୨୧ ରନର ଶତକୀୟ ପାଳି ଖେଳିଥିବା ଶୁଭମ ପୁନ୍ଦିର ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ। ସେହିଭଳି ସମ୍ପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟରେ ୧୭ଟି ଇନିଂସରେ ରେକର୍ଡ ୬୦ ୱିକେଟ୍ ନେଇ ଚର୍ଚ୍ଚାରେ ରହିଥିବା ଆକ୍ୱିବ ନବି ଦାରଙ୍କୁ ସିରିଜର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

### ଓମାରଙ୍କ ୨ କୋଟି ପୁରସ୍କାର ଘୋଷଣା

ଐତିହାସିକ ଟ୍ରଫି ଜିତିବା ପରେ ଜମ୍ମୁ-କଶ୍ମୀର ଦଳକୁ ଚାରିଆଡ଼ୁ ଶୁଭେଚ୍ଛାର ସୁଅ ଛୁଟିଛି। ସେହିଭଳି ଚାମ୍ପିଅନ ଜମ୍ମୁର ଖେଳାଳିଙ୍କୁ ଲାଗି ପୁରସ୍କାର ଘୋଷଣା ହୋଇଛି। ଚାମ୍ପିଅନ ଦଳକୁ ବିସିସିଆଇ ପକ୍ଷରୁ ୫ କୋଟି ଓ ରନର୍ସଅପ୍ କର୍ଣ୍ଣାଟକ ଦଳକୁ ୩ କୋଟି ଟଙ୍କା ପୁରସ୍କାର ପ୍ରଦାନ କରାଯାଇଛି। ସେହିଭଳି ଏଭଳି ଐତିହାସିକ ବିଜୟରେ ପଡ଼ିଆରେ ଉପସ୍ଥିତ ଥିବା ଜମ୍ମୁ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ମଧ୍ୟ ନିଜ ରାଜ୍ୟ ଦଳର ଖେଳାଳିଙ୍କ ଲାଗି ୨ କୋଟି ଟଙ୍କା ପୁରସ୍କାର ଘୋଷଣା କରିଛନ୍ତି। ଓମାର ଜମ୍ମୁ ଦଳକୁ ଚିୟର କରିବା ଲାଗି ଶୁକ୍ରବାରଠୁ ଆସି ହୁବଲୀ ଗ୍ରାଉଣ୍ଡରେ ପହଞ୍ଚିଥିଲେ।

**DECLARATION**

**(FORM-IV, Rule-8)**

Statement about ownership and other particulars about newspaper "The Sakala".

| | | |
|---|---|---|
| 1. | Place of Publication: | Bhubaneswar |
| 2. | Periodicity of its publication: | Daily |
| 3. | Printer's Name:<br>Nationality:<br>Address: | Amit Kumar Mallick<br>Indian<br>IDCO Plot No.: 90 & 91, Bhagabanpur Industrial Estate, Bhubaneswar-751019 Khordha, Odisha |
| 4. | Publisher's Name:<br>Nationality:<br>Address: | Amit Kumar Mallick<br>Indian<br>IDCO Plot No.: 90 & 91, Bhagabanpur Industrial Estate, Bhubaneswar-751019 Khordha, Odisha |
| 5. | Working Editor's Name:<br>Nationality:<br>Address: | Samarendu Das<br>Indian<br>IDCO Plot No.: 90 & 91, Bhagabanpur Industrial Estate, Bhubaneswar-751019 Khordha, Odisha |
| 6. | Names and addresses of individuals who own the newspaper and partners or shareholders holding more than one percent of the total capital: | THE SAKALA (A Unit of Nandighosha Network Pvt. Ltd.) IDCO Plot No. 90 & 91, Bhagabanpur Industrial Estate, Bhubaneswar - 751019, Khordha, Odisha |

I, Amit Kumar Mallick do hereby declare that the particulars given above are true to the best of my knowledge and belief.

Date: 01.03.2026

Sd/- Amit Kumar Mallick
Publisher, The Sakala

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS